୬ ▶ ସଞ୍ଜୁ ସାମସନଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୬୪ ● ୪ ଅପ୍ରେଲ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-64 ● 4th April 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ପୂର୍ବତଟ ରେଳବାଇରୁ ପଲାସା, ଇଚ୍ଛାପୁରମ ଉଚ୍ଛେଦ ନେଇ ରାଜ୍ୟ ରାଜନୀତି ସରଗରମ

# ଓଡ଼ିଶାରୁ ଗୋଟିଏ ଇଞ୍ଚ ମଧ୍ୟ ରେଳପଥ ଅନ୍ୟ ରାଜ୍ୟକୁ ଯାଉନାହିଁ

ଭୁବନେଶ୍ୱର, ୩।୪

ନ୍ୟୁଜ୍ ବ୍ୟୁରୋ

ପୂର୍ବତଟ ରେଳବାଇରୁ ପଲାସା, ଇଚ୍ଛାପୁରମ ଉଚ୍ଛେଦ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ପ୍ରମୁଖ ବିରୋଧୀ ବିଜୁ ଜନତା ଦଳ (ବିଜେଡି) ଏହାକୁ ତୀବ୍ର ବିରୋଧ କରି ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଅପାରଗତା ବୋଲି କହିଛି। ଏହି ସମୟରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘଟଣାରେ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ ଓଡ଼ିଶାରୁ ଗୋଟିଏ ଇଞ୍ଚ ମଧ୍ୟ ରେଳପଥ ଅନ୍ୟ ରାଜ୍ୟକୁ ଯାଉନାହିଁ।

କେବଳ ଏହାନୁହେଁ, ବିରୋଧୀଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗଗୁଡ଼ିକର ମଧ୍ୟ ସ୍ପଷ୍ଟୀକରଣ ଦେଇଛନ୍ତି ରାଜ୍ୟ ସରକାର। ଏହି ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ଓଡ଼ିଶାରୁ ଗୋଟିଏ ଇଞ୍ଚ ମଧ୍ୟ ରେଳପଥ




ଅନ୍ୟ ରାଜ୍ୟକୁ ଯାଉନାହିଁ।

ଓଡ଼ିଶାରେ ରେଳ ବିକାଶ ପାଇଁ ୯୩,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ହେଉଛି । ରେଳ ବଜେଟ୍ ଆବଣ୍ଟନ ଯଥେଷ୍ଟ ବୃଦ୍ଧି ପାଇଛି (ଗତ ୩ ବର୍ଷ ଧରି ନିରନ୍ତର ୧୦,୦୦୦ କୋଟିରୁ ଅଧିକ ରହିଛି ଯାହା ୨୦୦୯-୧୪ ଅବଧି ଅପେକ୍ଷା ୧୩ ଗୁଣ ଅଧିକ)।

ରାୟଗଡା ଡିଭିଜନକୁ ଅନୁମୋଦନ କରାଯାଇଛି। ଖୁବ୍ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ।

ସର୍ବାଧିକ ରାଜସ୍ୱ ସୃଷ୍ଟିକାରୀ କେକେ ଲାଇନ: କୋଥାଭାଲସା-କିରାଣ୍ଡୁଲ (ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶର ଅଞ୍ଚଳ ସମେତ) ରାୟଗଡା ଡିଭିଜନରେ ଅଛି। ତେଣୁ ପୂର୍ବ ତଟ ରେଳପଥ ପାଇଁ କୌଣସି ରାଜସ୍ୱ କ୍ଷତି ନାହିଁ ବୋଲି ଦର୍ଶାଯାଇଛି।

ପଲାସା – ଇଚ୍ଛାପୁରମ ସେକ୍ସନରେ କୌଣସି ବଡ ମାଲ ପରିବହନ ଆୟ ଉତ୍ପାଦନ କରୁଥିବା ଷ୍ଟେସନ ନାହିଁ। ତେଣୁ ପୂର୍ବ ତଟ ରେଳପଥ ପାଇଁ କୌଣସି ରାଜସ୍ୱ କ୍ଷତି ନାହିଁ ବୋଲି କୁହାଯାଇଛି।

# ଦେଶରୁ ଅନୁପ୍ରବେଶକାରୀଙ୍କୁ ବିତାଡିତ କରିବା ପାଇଁ ବିଜେପି ସରକାର ପ୍ରତିବଦ୍ଧ

ଆସାମ, ୩।୪

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଦିନ ଦୁଧନୋଇର କଲେଜ ଗ୍ରାଉଣ୍ଡରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିଜେପି ପ୍ରାର୍ଥୀ ଟଙ୍କେଶ୍ୱର ରାଭାଙ୍କ ସମର୍ଥନରେ ପ୍ରଚାର କରିଥିଲେ। ସେ ଆସାମ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେ ଦୁଇ ଦିନିଆ ଗସ୍ତରେ ଆସାମ ଆସିଥିବା ଅବସରରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ଅମିତ ଶାହ କହିଥିଲେ ଯେ ବିଜେପି ସରକାର ଦେଶରୁ ଅବୈଧ ବିଦେଶୀ ଅନୁପ୍ରବେଶକାରୀଙ୍କୁ ବିତାଡିତ କରିବା ପାଇଁ ପ୍ରତିବଦ୍ଧ ଏବଂ ଜାତୀୟ ସୁରକ୍ଷା ଏହାର ସର୍ବୋଚ୍ଚ ପ୍ରାଥମିକତା। ସେ ଗୋଲପାରା ଜିଲ୍ଲାର ସମସ୍ତ ଚାରୋଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ।କଂଗ୍ରେସ ଦଳକୁ ଟାର୍ଗେଟ କରି ଶାହ ଅଭିଯୋଗ କରିଥିଲେ ଯେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କଂଗ୍ରେସ ଆସାମକୁ ଅଶାନ୍ତିରେ ରଖିଥିଲା ଏବଂ ରାଜ୍ୟର



ସାଂସ୍କୃତିକୁ ସଂରକ୍ଷଣ କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନଥିଲା। ବିପରୀତରେ, ସେ ଦୃଢ଼ ଭାବରେ କହିଥିଲେ ଯେ ବିଜେପି ବିଶ୍ୱ ସ୍ତରରେ ଆସାମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛି। ସରକାରଙ୍କ ସଫଳତା ଉପରେ ଆଲୋକପାତ କରି ଶାହ ଉଲ୍ଲେଖ କରିଥିଲେ ଯେ ବିଜେପି ଶାସନରେ ପ୍ରାୟ ୧୦,୦୦୦ ବ୍ୟକ୍ତି ଅସ୍ତ୍ର ଛାଡି ମୁଖ୍ୟସ୍ରୋତକୁ ଫେରିଛନ୍ତି। ସେ ଆହୁରି ମଧ୍ୟ ଦାବି କରିଥିଲେ ଯେ ୧.୫ ଲକ୍ଷ ଏକରରୁ ଅଧିକ ଜମି ଜବରଦଖଲ ମୁକ୍ତ କରାଯାଇଛି।

## ଭାରତୀୟ ବାୟୁ ସେନାକୁ ମିଳିବ ୨ ପର୍ବତୀୟ ରାଡାର

ନୂଆଦିଲ୍ଲୀ, ୩।୪

ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁ ସେନାକୁ ପ୍ରାୟ ୧୯୫୦ କୋଟି ଟଙ୍କା ଖର୍ଚ୍ଚରେ ଦୁଇ ପର୍ବତୀୟ ରାଡାର ସମ୍ବନ୍ଧିତ ଉପକରଣ ଦେବା ପାଇଁ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ସହିତ ଏକ ଚୁକ୍ତି କରିଛି। ଏହି ରାଡାର ସ୍ଥାପନ ଓ ସଞ୍ଚାଳନ ହେଲେ ଦେଶ ଆକାଶ ମାର୍ଗରେ ସୁରକ୍ଷା ଦିଗରୁ ଅଧିକ ମଜଭୁତ ହେବ। ଏହାକୁ ସମ୍ପୂର୍ଣ୍ଣ ସ୍ୱଦେଶୀ ରୂପେ ପ୍ରସ୍ତୁତ ଓ ବିକଶିତ କରାଯାଇଛି। ଏହି ରାଡାର ବିଶେଷ ରୂପେ ଉଚ୍ଚ ସ୍ଥାନ ଯଥା ଲଦାଖ ଓ ଅରୁଣାଚଳ ପ୍ରଦେଶ ଭଳି ଦୁର୍ଗମ ଅଞ୍ଚଳରେ ଅଧିକ ଲାଭଦାୟକ ସାବ୍ୟସ୍ତ (ପୃଷ୍ଠା ୭ରେ)

# ଅବକାରୀ ବିଭାଗର ନୂଆ ଗାଇଡ୍‌ଲାଇନ

ଭୁବନେଶ୍ୱର, ୩।୪

ନ୍ୟୁଜ୍ ବ୍ୟୁରୋ

ଅବକାରୀ ବିଭାଗ ନୂଆ ଗାଇଡ୍‌ଲାଇନ ଆଣିଛି । ଏଣିକି ଟେଟ୍ରା ପ୍ୟାକରେ ମଦ ମିଳିବ। ଟେଟ୍ରା ପ୍ୟାକରେ ରହିବ ୬ଟି ସୁରକ୍ଷା ଲେୟର। ୧୮୦ ମିଲି ପର୍ଯ୍ୟନ୍ତ ମଦ ଟେଟ୍ରା ପ୍ୟାକରେ ଉପଲବ୍ଧ ହେବ। ନୂଆ ଗାଇଡଲାଇନ ଅନୁସାରେ, ପୁରୀ ବେଳାଭୂମିରେ ମଦ ଦୋକାନ ଖୋଲିବାକୁ ଅନୁମତି ମିଳିବ ନାହିଁ। ହେଲେ ରାଜ୍ୟର ଅନ୍ୟାନ୍ୟ ବେଳାଭୂମିରେ ଓଟିଡିସିକୁ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ବିଭିନ୍ନ ଇକୋ ରିଟ୍ରିଟରେ ମଧ୍ୟ ମଦ କୁଡ଼ିଆ ଖୋଲାଯାଇ ମଦ ବିକ୍ରି ହେବ ।

କିଛି ଦିନ ତଳେ ସରକାର ନୂଆ ଅବକାରୀ




ନୀତି ୨୦୨୬-୨୯ ଆଣିଥିଲେ। ୧ ଏପ୍ରିଲ ୨୦୨୬ରୁ ୩୧ ମାର୍ଚ୍ଚ ୨୦୨୯ ଅବଧି ନିମନ୍ତେ ଏକ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରାଯାଇଥିଲା। ଏହି ନୀତି ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଅବକାରୀ ଶୁଳ୍କ ଉପରେ ୦.୫% ଡି-ଆଡିକ୍ସନ ସେସ୍ ପ୍ରବର୍ତ୍ତନ। ନୂଆ ଅବକାରୀ ନୀତିରେ ମଦକୁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦% ବୃଦ୍ଧି ହେବ। ଲାଇସେନ୍ସ ଶୁଳ୍କ ପ୍ରତିବର୍ଷ ୧୦ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବିଦେଶୀ ଓ ଦେଶୀ ମଦ ଉପରେ ଅବକାରୀ ଶୁଳ୍କ ବୃଦ୍ଧି ହୋଇଛି। ଗ୍ରାମାଞ୍ଚଳରେ ନୂଆ ମଦ ଦୋକାନ ଖୋଲିବାକୁ ମଧ୍ୟ ଅନୁମତି ମିଳିବନି । ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ପାଖରେ କୌଣସି ଅବକାରୀ ଦୋକାନ ଚାଲୁ ହେବନି ବୋଲି ସରକାର କହିଥିଲେ। ସମସ୍ତ ଉତ୍ପାଦନ ୟୁନିଟ ଓ ଖୁଚୁରା ଦୋକାନ ସିସିଟିଭି ନିରୀକ୍ଷଣରେ ରହିବ।

# ଶକ୍ତିଶାଳୀ ହେଲା ଭାରତୀୟ ନୌସେନା : ଗଭୀର ସମୁଦ୍ରରେ ଲଢ଼ିବ ତାରାଗିରି

ନୂଆଦିଲ୍ଲୀ, ୩।୪

ଭାରତୀୟ ନୌସେନାର ବଢ଼ିଲା ବଳ। ଶୁକ୍ରବାର ନୌସେନାରେ ସାମିଲ ହେଲା ଆଇଏନ୍‌ଏସ୍ ତାରାଗିରି ଯୁଦ୍ଧ ଜାହାଜ। ବିଶାଖାପାଟଣାରେ ଭବ୍ୟ ସମାରୋହରେ ଏହାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଉପସ୍ଥିତିରେ ସାମିଲ କରାଯାଇଥିଲା। ଯାହା ଭାରତର ସାମୁଦ୍ରିକ ସୁରକ୍ଷା ଏବଂ ସାର୍ବଭୌମତ୍ୱର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ବୋଲି କୁହାଯାଉଛି।

ତାରାଗିରିକୁ ସାମିଲ କରିବା ପରେ, ରାଜନାଥ ସିଂହ ଏହି ବିକାଶକୁ ଭାରତର ବର୍ଦ୍ଧିତ ପ୍ରତିରକ୍ଷା ଦକ୍ଷତା ଏବଂ ଏକ ଆତ୍ମନିର୍ଭରଶୀଳ ନୌସେନା (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱରରେ ନୂତନ ଭବନ ପାଇଁ ଅଗ୍ନି ସୁରକ୍ଷା ନିୟମ ଅନୁସରଣ ଅନିବାର୍ଯ୍ୟ।
- ପୁରୀରେ ପାରମ୍ପରିକ ପର୍ବରେ ଅଶୋଭନୀୟ ଆଚରଣକୁ ନେଇ ବିବାଦ।
- ଗଞ୍ଜାମରେ ହତ୍ୟା ଘଟଣାର ସମାଧାନ, ଅଭିଯୁକ୍ତର ମୃତ୍ୟୁ।
- ଭଦ୍ରକରେ ଅବକାରୀ ଠକେଇ ମାମଲାରେ ପ୍ରକାଶ ଗିରଫ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୯୩ (+୧୯୬)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୩୫ (+୧୮୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୨୦ (+୧୪୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୦)

# ଜଳୁଛି ବିଶ୍ୱର ସର୍ବବୃହତ ଗ୍ୟାସ୍ ପ୍ରକ୍ରିୟାକରଣ ପ୍ଲାଣ୍ଟ୍

ତେହେରାନ/ୱାଶିଂଟନ, ୩।୪

ମଧ୍ୟପ୍ରାଚ୍ୟ ଏବେ ଏକ ଭୟଙ୍କର ଅର୍ଥନୈତିକ ଯୁଦ୍ଧର ସମ୍ମୁଖୀନ ହୋଇଛି। ଇରାନ ପ୍ରତିରକ୍ଷା ବାହିନୀ ଶୁକ୍ରବାର କୁଏତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଶକ୍ତି କେନ୍ଦ୍ର ଏବଂ ଜଳ ବିଶୋଧନ କେନ୍ଦ୍ରଗୁଡ଼ିକୁ ଯୋଜନାବଦ୍ଧ ଭାବେ ଟାର୍ଗେଟ କରି ଭୀଷଣ କ୍ଷୟକ୍ଷତି ଘଟାଇଛନ୍ତି। ତେହେରାନର ଏକ ରଣନୈତିକ ପରିବର୍ତ୍ତନ ଉପସାଗରୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଏହା କେବଳ ସାମରିକ ପ୍ରତିରୋଧ ନୁହେଁ, ବରଂ ପାରସ୍ପରିକ ବିନାଶ ପାଇଁ ଯୋଜନାବଦ୍ଧ ରଣନୀତି ବୋଲି ସାମରିକ ବିଶେଷଜ୍ଞମାନେ କହିଛନ୍ତି। ଇରାନ ଏହା ଦର୍ଶାଇବାକୁ ଚାହୁଁଛି ଯେ ଯଦି ଆମେରିକା ଇରାନର ଅର୍ଥନୀତିକୁ ପଙ୍ଗୁ କରିଦିଏ, ତେବେ କୌଣସି ପଡ଼ୋଶୀ ତୈଳ ରପ୍ତାନିକାରୀ ଦେଶ ମଧ୍ୟ ସୁରକ୍ଷିତ ରହିବେ ନାହିଁ। ଏହି ସଂଘର୍ଷ ଏବେ କେବଳ ହର୍ମୁଜ ପ୍ରଣାଳୀ ବା ପରମାଣୁ କାର୍ଯ୍ୟକ୍ରମରେ ସୀମିତ ନାହିଁ, ବରଂ ବିଶ୍ୱ ଶକ୍ତି ବଜାରର ମେରୁଦଣ୍ଡ କୁହାଯାଉଥିବା ଭିତ୍ତିଭୂମିକୁ ଛାରଖାର କରିବା ପାଇଁ ଏକ ସଂଗ୍ରାମରେ ପରିଣତ ହୋଇଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ବିଦ୍ୟୁତ୍ ଏବଂ ପରିବହନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଧମକ ଦେବା ପରେ ସଙ୍କଟ ଆହୁରି ଗମ୍ଭୀର ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଇରାନର ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କୁଏତର ମିନା ଅଲ-ଅହମ୍ମଦୀ ତୈଳ ବିଶୋଧନାଗାର ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଜଳ ବିଶୋଧନ ପ୍ଲାଣ୍ଟକୁ କ୍ଷତିଗ୍ରସ୍ତ କରିଛି। ଶୁକ୍ରବାର ଆବୁ ଧାବିର ବିଶ୍ୱର ଅନ୍ୟତମ ବୃହତ୍ତମ ଗ୍ୟାସ୍ ପ୍ରକ୍ରିୟାକରଣ କେନ୍ଦ୍ର 'ହବଶାନ୍'ରେ ଭୟଙ୍କର (ପୃଷ୍ଠା ୭ରେ)

# ୨୦୨୫-୨୬ ଆର୍ଥିକ ବର୍ଷରେ ଓଏମ୍‌ସିର ରେକର୍ଡ ଖଣିଜ ଉତ୍ପାଦନ

ଭୁବନେଶ୍ୱର,୩।୪

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି, ଯେଉଁଠାରେ ସମୁଦାୟ ୪୪.୮୨ ମିଲିଅନ୍ ଟନ୍ ଖଣିଜ ଉତ୍ପାଦନ ସହିତ, ସର୍ବାଧିକ ଉତ୍ପାଦନର ରେକର୍ଡ ସୃଷ୍ଟି କରିଛି। ଏହି ଆର୍ଥିକ ବର୍ଷରେ ଲୌହ ଧାତୁ ଉତ୍ପାଦନ ୪୦.୦୨ ମିଲିଅନ୍ ଟନ୍ ହୋଇଥିବା ବେଳେ ପୂର୍ବବର୍ଷ ତୁଳନାରେ ୧୨.୦୬% ବୃଦ୍ଧି ପାଇଛି।

ଏହି ବର୍ଷରେ କ୍ରୋମ ଧାତୁ ଉତ୍ପାଦନ ୧.୬୯ ମିଲିଅନ୍ ଟନ୍ ଓ ବକ୍ସାଇଟ୍ ଉତ୍ପାଦନ ୨.୮୩ ମିଲିଅନ୍ ଟନରେ ପହଞ୍ଚିଛି। ଉନ୍ନତ କାର୍ଯ୍ୟପ୍ରଣାଳୀ,ଉତ୍ତମ ସମନ୍ୱୟ ଏବଂ ଲକ୍ଷ୍ୟ କୈନ୍ଦ୍ରୀକ କାର୍ଯ୍ୟସମ୍ପାଦନ ଦ୍ୱାରା ଖଣିଗୁଡ଼ିକ ନିଜର ଉତ୍ପାଦନର ଲକ୍ଷ୍ୟ ହାସଲ କରିପାରିଛନ୍ତି।




୨୦୨୫–୨୬ ଆର୍ଥିକ ବର୍ଷରେ ସମୁଦାୟ ଖଣିଜ ବିକ୍ରୟ ୪୨.୫୨୪ ମିଲିଅନ୍ ଟନ୍ ହୋଇଥିବାରୁ ନିଗମ ପ୍ରାୟ ୨୫,୩୦୦ କୋଟି ସର୍ବାଧିକ ଆୟ ଅର୍ଜନ କରିଛି। ଏହାଦ୍ୱାରା ରାଜ୍ୟରେ ଶିଳ୍ପ ଇକୋସିଷ୍ଟମ ଗଠନ ଏବଂ ରାଜ୍ୟ ଓ ଦେଶର ଆର୍ଥିକ ଉନ୍ନତିକୁ ଗତିଶୀଳ କରିବାରେ ନିଗମର ପ୍ରୟାସ ସଫଳ ହେଉଛି।

ଓଏମ୍‌ସି ସର୍ବଦା ବୈଜ୍ଞାନିକ ପଦ୍ଧତି ଏବଂ ଦୀର୍ଘସ୍ଥାୟୀ ଖଣିଜ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଇଆସୁଛି। ପରିବେଶ ପରିଚାଳନା,ଧୂଳି ନିୟନ୍ତ୍ରଣ ବ୍ୟବସ୍ଥା, ବୃକ୍ଷରୋପଣ, ଜଳ ସଂରକ୍ଷଣ ଏବଂ ଆଧୁନିକ ଆଇଟି-ଆଧାରିତ ପ୍ରଯୁକ୍ତିର ପ୍ରୟୋଗ ଦ୍ୱାରା ସୁରକ୍ଷିତ ଓ କାର୍ଯ୍ୟକ୍ଷମ ଖଣିକାର୍ଯ୍ୟ କରାଯାଉଛି।

ନିଜର ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ଓଏମ୍‌ସି ଖଣି ଅଞ୍ଚଳର ସମୁଦାୟ ଉନ୍ନତି ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ପରିଷ୍କାର ପରିଚ୍ଛନ୍ନତା, ଜୀବିକା ସୃଷ୍ଟି, କୌଶଳ ବିକାଶ ଏବଂ ଗ୍ରାମୀଣ ଭିତ୍ତିଭୂମି ପାଇଁ ପଦକ୍ଷେପ ନେଇଆସୁଛି। (ପୃଷ୍ଠା ୭ରେ)

## ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାମ ଶୀଘ୍ର ଶେଷ ହେବ

ଭୁବନେଶ୍ୱର, ୩।୪

ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ ପୁରୀ ରେଳ ଷ୍ଟେସନର ସମସ୍ତ କାମ। ଏଥିସହିତ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥ କାମ ମଧ୍ୟ ସମ୍ପୂର୍ଣ୍ଣ ହେବ। ଏହି ସୂଚନା ଦେଇଛନ୍ତି ପୂର୍ବ-ତଟ ରେଳପଥ ଜେନେରାଲ ମ୍ୟାନେଜର। ସୂଚନା ଅନୁସାରେ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥ ପାଇଁ ଯେଉଁ ଜମି ଅଧିଗ୍ରହଣ ସମସ୍ୟା ଥିଲା ତାହା ଦୂର ହୋଇଛି। ଇତି ମଧ୍ୟରେ ୭ଟି ଟନେଲ କାମ ସଂପୂର୍ଣ୍ଣ ହୋଇସାରିଛି। ବୈଷୟିକ କାର୍ଯ୍ୟ ଚାଲୁ ରହିଛି। ପୂର୍ବତଟ ରେଳପଥ ପକ୍ଷରୁ ଜୋରସୋରରେ କାମ ଆଗେଇ ଚାଲିଛି। ସୂଚନା ଅନୁସାରେ ଚଳିତ ବର୍ଷ ଶେଷ ସୁଦ୍ଧା କାମ ସରିବ। କାମ ସରି ଖୋର୍ଦ୍ଧା–ବଲାଙ୍ଗୀର ରେଳପଥରେ ଗଡିବ ଟ୍ରେନ।

## ଏକାଳ ପଖାଳ



ଉତ୍କଳ ଦିବସ ସରିଛି କି ନାହିଁ
ଓଡ଼ିଶା ପାଇଲା ଭେଟି
ପୂର୍ବତଟକୁ ଆନ୍ଧ୍ରକୁ ଦେଲେ
ରାଇଜ୍ଜୁ ଆମର କାଟି
ଶୁଖିବ କି ବିକାଶ ଘଣ୍ଟି
ନେତା ମାତିଲେଣି ବାକ୍ ଯୁଦ୍ଧରେ
ତୁଚ୍ଛା କରି ଘଣ୍ଟାଘଣ୍ଟି।

# ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇଲେ ଟ୍ରମ୍ପ



ୱାଶିଂଟନ, ୩।୪

ପୁଣି ଟ୍ରମ୍ପଙ୍କ ଟାରିଫ୍ ଝଟକା। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ପୁଣି ବିଶ୍ୱକୁ ଶୁକ୍ରବାର ଆଉ ଏକ ବଡ ଝଟକା ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଔଷଧ ଉପରେ ଲଗାଇଛନ୍ତି ୧୦୦ ପ୍ରତିଶତ ଶୁଳ୍କ।

ଏହି ଔଷଧଗୁଡ଼ିକରେ ପେଟେଣ୍ଟ ଔଷଧ ଅନ୍ତର୍ଭୁକ୍ତ ହେବ। ଏହା ସହିତ ଧାତୁ ସମ୍ପର୍କରେ ବିଭିନ୍ନ ପ୍ରକାରର ରିହାତି ପ୍ରଦାନ କରାଯାଇଛି। କାର୍ଯ୍ୟକାରୀ ହୋଇଥିବା ନୂତନ ନିୟମ ଅନୁଯାୟୀ, ଭାରତ ସମେତ ଯେଉଁ ଦେଶଗୁଡ଼ିକ ଆମେରିକାର ବାଣିଜ୍ୟ ବିଭାଗ ସହିତ ପୁନଃଶୋରିଂ ଚୁକ୍ତିନାମା କିମ୍ବା ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗ ସହିତ ସର୍ବାଧିକ ପସନ୍ଦିତ ରାଷ୍ଟ୍ର ମୂଲ୍ୟ ଚୁକ୍ତିନାମା ସ୍ୱାକ୍ଷର କରିନାହାଁନ୍ତି, ସେମାନଙ୍କ ଠାରୁ ପେଟେଣ୍ଟ ଔଷଧ ଆମଦାନୀ ଉପରେ ୧୦୦% ଶୁଳ୍କ ଲାଗୁ ହେବ।

ହ୍ୱାଇଟ୍ ହାଉସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଅତ୍ୟାବଶ୍ୟକ ଔଷଧ ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକ ଉପରେ ଆମେରିକାର ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଅଧିକାରୀ ଆହୁରି ସୂଚନା ଦେଇଛନ୍ତି ଯେ ପେଟେଣ୍ଟ ଉତ୍ପାଦ ପାଇଁ ୧୦୦% ଶୁଳ୍କ ଲାଗୁ ହେବ। ଭାରତରୁ ଆମଦାନୀ ହୋଇଥିବା ଯେକୌଣସି ପେଟେଣ୍ଟ ଔଷଧ – ପୁନଃଶୋରିଂ (ପୃଷ୍ଠା ୭ରେ)

# ୧୦ ଯାଏଁ କାଳବୈଶାଖୀ

ଭୁବନେଶ୍ୱର, ୩।୪

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହଜନିତ ତାତି କ୍ରମଶଃ ବଢିବାରେ ଲାଗିଛି। ଏହି କାରଣରୁ ଦିନର ତାପମାତ୍ରା ମଧ୍ୟ ବୃଦ୍ଧି ପାଇଛି। ଉପକୂଳ ଅଞ୍ଚଳ ଅପେକ୍ଷା ଓଡ଼ିଶାର ଆଭ୍ୟନ୍ତରୀଣମ ଓ ପଶ୍ଚିମ ଭାଗରେ ଅସହ୍ୟ ତାତି ଅନୁଭବ ହେଲାଣି । ଆଗାମୀ ୪ ଦିନ ଗରମ ଓ ଗୁଳୁଗୁଳି ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଭିନ୍ନ ସ୍ଥାନରେ ପ୍ରବଳ ଗରମ ଓ ଗୁଳୁଗୁଳି ସହ ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତସିଂହପୁର ଆଦି ଉପକୂଳ ଅଞ୍ଚଳରେ ଅଧିକ ଗୁଳୁଗୁଳି ଅନୁଭବ ହେଉଛି।

ସେହିପରି ୧୦ ତାରିଖ ଯାଏଁ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଛି। ୪ ଓ ୫ ତାରିଖରେ ଆଭ୍ୟନ୍ତରୀଣ ଓଡିଶାରେ ଘଡଘଡି ସହ ବର୍ଷା ହୋଇପାରେ। ୬ ରୁ ୧୦ ତାରିଖ ଯାଏ ଉପକୂଳ ଓଡିଶାରେ ବର୍ଷା ହୋଇପାରେ। ତେବେ ୬ ଓ ୭ ତାରିଖରେ ଅଧିକ ପରିମାଣରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୫ ତାରିଖରେ କୋରାପୁଟ, ମାଲକାନଗିରି, କେନ୍ଦୁଝର ଓ ସୁନ୍ଦରଗଡ଼ରେ କାଳବୈଶାଖୀ ପ୍ରଭାବରୁ ଘଡଘଡି ସହ ବର୍ଷା ହୋଇପାରେ। ୬ ତାରିଖରେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର,ରାୟଗଡ଼ା, ଗଞ୍ଜାମ ଓ ଗଜପତିରେ ବର୍ଷା ସହ ପବନ ବହିବା ସମ୍ଭାବନା ଥିବା ବେଳେ ୭ ଓ ୮ ତାରିଖରେ ଉପକୂଳ ଓଡିଶାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।





## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଝାରସୁଗୁଡ଼ା-କନକତୋରା ୪ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ତଥା ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଶୁକ୍ରବାର ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ପ୍ରସ୍ତାବିତ ପ୍ରକଳ୍ପର ରୂପରେଖ ବା ଆଲାଇନମେଣ୍ଟକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଏହି ପ୍ରକଳ୍ପର ମୋଟ୍ ଦୈର୍ଘ୍ୟ ୫୯.୭୨ କିଲୋମିଟର ରହିଛି। ବର୍ତ୍ତମାନ ଏହି ରାସ୍ତାଟି ୨ ଲେନ୍ ବିଶିଷ୍ଟ ହୋଇଥିବା ବେଳେ ବଢୁଥିବା ଯାନବାହନ ଚଳାଚଳ ଓ ପରିବହନ ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ନିଷ୍ପତି ନିଆଯାଇଛି। ବୈଠକ ପ୍ରାରମ୍ଭରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସ୍ତାବିତ ଆଲାଇନମେଂଟ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସମସ୍ତ ବୈଷୟିକ ଦିଗ ଏବଂ ସ୍ଥାନୀୟ ଆବଶ୍ୟକତାକୁ ବିଚାରକୁ ନେଇ ସର୍ବସମ୍ମତି କ୍ରମେ ଏହି ରୂପରେଖକୁ ଗ୍ରହଣ କରାଯାଇଛି। ଏଥିସହ ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଏନଏଚ-୪୯ର ସମ୍ପ୍ରସାରଣ ପାଇଁ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରକଳ୍ପର ପ୍ରସ୍ତାବିତ ୫୯.୭୨ କିଲୋମିଟର ପରିମିତ ସମ୍ପୂର୍ଣ୍ଣ ରାସ୍ତାରେ ସୌରଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିବା ପାଇଁ ଏନଏଚଏଆଇ ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ରାଜପଥରେ ଉନ୍ନତ ଆଲୋକୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଏହି ସୌର ଆଲୋକ ପ୍ରକଳ୍ପର ପ୍ରସ୍ତାବକୁ ମୂଳ ପ୍ରକଳ୍ପ ରୂପରେଖରେ ସାମିଲ କରିବାକୁ କହିଛନ୍ତି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି, ବରଗଡ଼ ସାଂସଦଙ୍କ ପ୍ରତିନିଧି ଏବଂ ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଏଥିସହିତ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ଗେଲ୍ କର୍ତ୍ତୃପକ୍ଷ, ଏମସିଏଲ୍ କର୍ତ୍ତୃପକ୍ଷ ଏବଂ ବେଦାନ୍ତ କୁରାଲୋଇ କୋଇଲା ବ୍ଲକର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶୀଦାରଙ୍କ ସହମତି ପରେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ନିଉ ଫ୍ରେଣ୍ଡସ କ୍ଲବ ପକ୍ଷରୁ ୨୩ ୟୁନିଟ ରକ୍ତ ସଂଗ୍ରହ

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ଗୋବରଘଟା ଗ୍ରାମପଞ୍ଚାୟତ ହାଟପଦା ନ୍ୟୁ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଭଗତ ସିଂଙ୍କ ଆତ୍ମ ବଳି ଦାନ ଦିବସ ପାଳନ ଅବସରରେ ଓମ୍ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ଓ ଜିଲ୍ଲା ରକ୍ତଦାତା ସଂଘ ସହଯୋଗରେ ଆୟୋଜିତ ଶିବିରକୁ ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଓ ପୂର୍ବତନ ସରପଞ୍ଚ ବୁଧେଶ୍ୱର ପ୍ରଧାନ ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିବେ ଭାବେ ରକ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାଲେଶ୍ୱର ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ,ସମାଜସେବୀ ରବୀନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଉତ୍ତମ କୁମାର ପ୍ରଧାନ ଓ ସମ୍ପାଦକ ରାଜେଶ କୁମାର ରାୟ ତଥା କ୍ଲବ ର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଉକ୍ତ ରକ୍ତଦାନ ଶିବିରରେ ରହି ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।




## ସୋଆ ଆଇବିସିଏସ୍ ପକ୍ଷରୁ କନ୍‌ଭର୍ଜେନ୍ସ -୨୦୨୬ ଆୟୋଜିତ

**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ୍) ପକ୍ଷରୁ ଗତ ମାର୍ଚ୍ଚ ୨୪ ଏବଂ ୨୫ ଦୁଇ ଦିନ ଧରି ବାର୍ଷିକ ଉତ୍ସବ 'କନ୍‌ଭର୍ଜେନ୍ସ -୨୦୨୬' ଆୟୋଜିତ ହୋଇଯାଇଥିବା ବେଳେ ଭୁବନେଶ୍ୱରର ୧୪ଟି ବିଭିନ୍ନ ବି-ସ୍କୁଲ ଏବଂ କଲେଜରୁ ପ୍ରାୟ ୧୨୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଯୋଗ ଦେଇଥିବା ଛାତ୍ରଛାତ୍ରୀମାନେ ସଂଗୀତ, ନୃତ୍ୟ, କୁଇଜ୍, ଅଭିନୟ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ଼ର ଜେନେରାଲ ମ୍ୟାନେଜର - କର୍ପୋରେଟ ଆଫେୟାର୍ସ ଆଣ୍ଡ ଗଭର୍ଣ୍ଣମେଣ୍ଟ ରିଲେସନ୍ସ ସୁଧୀ ରଞ୍ଜନ ମିଶ୍ର ଯୋଗ ଦେଇଥିବା ବେଳେ ୯୩.୫ ରେଡ ଏଫ୍‌ଏମ୍ ରେଡିଓର ଆରଜେ ନୀଲ୍ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଫ୍ୟାକଲ୍ଟି ମେମ୍ବର, ଗବେଷକ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଜନ ଦାସ ଏବଂ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଜନ ଦାସ, ବକ୍ତବ୍ୟ ରଖିଥିଲେ। କନ୍‌ଭର୍ଜେନ୍ସ ୨୦୨୬ର ସଂଯୋଜକ ଭାବେ ଡକ୍ଟର ଆଶୀଷ ମହାନ୍ତି କାର୍ଯ୍ୟ କରିଥିବା ବେଳେ ଡକ୍ଟର ପାର୍ଥୋ ପ୍ରତୀମ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ଜେପିଏଚ୍ ଏକ୍ସପୋର୍ଟ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ, ଏକ୍ସପୋର୍ଟ ଡିଭିଜନ୍ ଜେ.ପି ସିଂ ଯୋଗ ଦେଇଥିଲେ। କନ୍‌ଭର୍ଜେନ୍ସ -୨୦୨୬ର ସଂଯୋଜକ ଡକ୍ଟର ବସନ୍ତ ପାଢ଼ୀ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିବା ବେଳେ କୃତି ପ୍ରତିଯୋଗୀ, ଫ୍ୟାକଲ୍ଟି, କର୍ମକର୍ତା ଓ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂଯୋଜକ ଶୁଭ୍ରଜ୍ୟୋତି କର ଧନ୍ୟବାଦ ଅର୍ପଣ କରିଥିଲେ।




## କିଶୋରୀ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସଚେତନତା କାର୍ଯ୍ୟକ୍ରମ

**ଚୌଦ୍ୱାର ନ୍ୟୁଜ ବ୍ୟୁରୋ**




ସ୍ଥାନୀୟ ପିଏମ୍‌ଶ୍ରୀ ଓଟିଏମ୍ ହାଇସ୍କୁଲରେ କିଶୋରୀ ମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ପରିଚ୍ଛନ୍ନତା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣତୋୟା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଇନ୍ଦ୍ରାଣୀ ପ୍ରିୟଦର୍ଶିନୀ ଓ ରାଜ୍ୟ ମାନବାଧିକାର କାଉନସିଲ ଅଧ୍ୟକ୍ଷା ସସ୍ମିତା ଦାସ ଅତିଥି ଭାବେ ଯୋଗଦେଇ କିଶୋରୀମାନଙ୍କ ଶାରୀରିକ, ମାନସିକ ଓ ଆବେଗିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଆଲୋଚନା କରିବା ସହିତ କୈଶୋର ଅବସ୍ଥାରେ ଏସମ୍ପର୍କିତ ବିଭିନ୍ନ ସମସ୍ୟା ଓ ବାଳିକାମାନଙ୍କ ମାନସିକସ୍ଥିତି ବିଷୟର ଉପସ୍ଥିତ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ସମସ୍ୟାର ନିରାକରଣ ପାଇଁ ନିୟମିତ ସନ୍ତୁଳିତ ଖାଦ୍ୟ ଗ୍ରହଣ,ସ୍ୱାସ୍ଥ୍ୟକର ଜୀବନ ଶୈଳୀ, ପାରସ୍ପରିକ ସୁସମ୍ପର୍କ ପ୍ରତିଷ୍ଠା, ମାଦକ ଦ୍ରବ୍ୟ ସେବନରୁ ନିବୃତ ରହିବା, ଲିଙ୍ଗଗତ ସମାନତାକୁ ଅଗ୍ରାଧିକାର ଦେବା, ମାନସିକ ସ୍ତରରେ ଖୁସି ରହିବା, ହିଂସା ଓ ଆଘାତ ବିରୋଧରେ ସ୍ୱର ଉତ୍ତୋଳନ ଓ ସୁରକ୍ଷିତ ରହିବାର ଶୈଳୀ ଆପଣେଇବା, ସମାଜିକ ଗଣମାଧ୍ୟମର ନିରାପଦ ବ୍ୟବହାର ଆଦି ପାଇଁ ପରାମର୍ଶ ଦେଇଥିଲେ । ହେମଲତା ବିଶୋଇ, ସମାପ୍ତି ଦାସ, ସ୍ନାତକିତା ପ୍ରଧାନ, ମନସ୍ମିତା ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବାଳିକାମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଷଷ୍ଠରୁ ନବମ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ ।

## ମା' ଲଙ୍କେଶ୍ୱରୀଙ୍କ କଳସଯାତ୍ରା ଓ ନଗର ପରିକ୍ରମା ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ସହରର ମହାନଦୀ ଗଣ୍ଡରେ ଥିବା ପ୍ରସିଦ୍ଧ ଦେବୀ ମା' ଲଙ୍କେଶ୍ୱରୀଙ୍କ କଳସଯାତ୍ରା ଓ ନଗର ପରିକ୍ରମା ଉତ୍ସବ ଧୂମଧାମରେ ସମ୍ପନ୍ନ ହୋଇଯାଇଛି। ପବିତ୍ର ଚୈତ୍ର ବାସନ୍ତିକ ନବରାତ୍ର ତୃତୀୟ ପାଳି ମଙ୍ଗଳାବର ଦିନ ମହାସପ୍ତମୀ ତିଥିରେ ସୋନପୁରର ମାଁ ଲଙ୍କେଶ୍ୱରୀ ଉନ୍ନୟନ କମିଟି ପକ୍ଷରୁ ଏହି ଯାତ୍ରା ଆୟୋଜିତ ହୋଇଯାଇଛି । ଆଜି ଭୋରରୁ ମହାନଦୀ ମଝି ଗଣ୍ଡରେ ଥିବା ମାଁ ଲଙ୍କେଶ୍ୱରୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ନଦୀ ଗଣ୍ଡରେ ଥିବା ଲଙ୍କେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ତଥା ସେଠାରେ ପାରମ୍ପରିକ ଢୋଲ, ନିଶାନ, ତାସା ଆଦି ବାଦ୍ୟ ସହ ମାଁଙ୍କୁ ଆବାହାନ ପରେ ବରୁଆଙ୍କ ଦେହରେ ମାଁ ଆର୍ବିଭାବ ହୋଇ କଳା ଓ ଲାଲ ରଙ୍ଗର ଛତ୍ରଧରି ନୃତ୍ୟ କରିବା ସହ ସେଠାରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରେ ଦେବୀ ସେଠାରୁ ନୌକାରେ ତେନ୍ତୁଳିଘାଟକୁ ଅସିଥିଲେ। ତାଙ୍କ ସାଙ୍ଗରେ ୭ ଜଣ କୁମାରୀ କନ୍ୟା ପୂର୍ଣ୍ଣ କଳସ ଧରି ମା'ଙ୍କ ସାଙ୍ଗରେ ଯାତ୍ରାରେ ସାମିଲ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ସମସ୍ତ ଘର ସମ୍ମୁଖରେ ମାଁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମାଁ ମହାନଦୀ ମଝିରେ ଥିବା ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଯାତ୍ରାରେ ସାମିଲ ହୋଇ ମାଁଙ୍କ ଆର୍ଶୀବାଦ ଲାଭ କରିଥିବା ବେଳେ ହଜାର ହଜାର ଲୋକ ମା'ଙ୍କ ବିଭୁକୃପା ଲାଭ କରିଥିଲେ।



ଯାତ୍ର କମିଟି ସଭାପତି ସୁରେଶ ବେରିହା, ସମ୍ପାଦକ ସରଜୁ ବୁଡ଼େକ, କାଉନସିଲର ଗଙ୍ଗାଧର ତରିଆ, ଧର୍ମ ମହାଲିକ, ରଂଜିତ ମହାଲିକ, ସୁରେଶ ବିଶ୍ୱାଳ, ସୁଦାମ ନାଏକ, ବନମାଳି ମହାଲିକ, ଚମରୁ ନାଏକ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଯାତ୍ରାଟି ପ୍ରତି ତିନି ବର୍ଷରେ ଥରେ ହେଉଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମାଁଙ୍କ ଆଶୀର୍ବାଦ ଲାଭ କରିଥାନ୍ତି । ଏସପି ନାରାୟଣ ନାୟକ, ସୋନପୁର ପୌରାଧକ୍ଷା ତାମସୀ ତାମସ୍ମିତା ନାଏକ, ବିଜେପି ନେତା ପ୍ରମୋଦ କୁମାର ମହାପାତ୍ର, ଶରତ ଶତପଥୀ, ନଗର ବିଜେପି ସଭାପତି ସଭାପତି ସୁରେଶ ବିଶ୍ୱାଳ, ପୂର୍ବତନ ପୌରାଧକ୍ଷ ପ୍ରକାଶଚନ୍ଦ୍ର ସାହୁ, ଆଇନଜୀବୀ ବିବେକାନନ୍ଦ ମିଶ୍ର, ସାମ୍ବାଦିକ ମନୋରଂଜନ ତ୍ରିପାଠୀ, ରାଜ କିଶୋର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ସମାଜ ବିଜ୍ଞାନର ଆଲୋଚନାଚକ୍ର




**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ**

କେନ୍ଦ୍ରପଡ଼ା ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ତରଫରୁ "ପୃଥିବୀର କନ୍ୟା : ଭାରତରେ ପ୍ରକୃତିର ସୁରକ୍ଷା କରୁଥିବା ନାରୀ" ଶୀର୍ଷକର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ। ଡ. ବାସନ୍ତୀ ଶୁକ୍ଳାଙ୍କ ପୌରୋହିତ୍ୟ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗର ମୁଖ୍ୟ ଡ. ସୁଜାତା ଭଞ୍ଜ ଅତିଥି ପରିଚୟ ପ୍ରଦାନ କରି ଆଲୋଚନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ପ୍ରଶାସନିକ ଅଧିକାରୀ ପ୍ରଫେସର ସବିତା ଦାସ ପ୍ରକୃତି ଏବଂ ମହିଳାମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସଂକ୍ଷେପରେ ଆଲୋଚନା କରିଥିଲେ । ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡ ସୁଚରିତା ମିଶ୍ର ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇଭାରତୀୟ ମହିଳାମାନଙ୍କର ପ୍ରକୃତିପ୍ରତି ଥିବା ଅବଦାନ ଏବଂ ସେମାନଙ୍କର ସଂଘର୍ଷକୁ ବିଶେଷଭାବେ ବର୍ଣ୍ଣନା କରିଥିଲେ । ଅଧ୍ୟାପିକା ବିଜୟାଲକ୍ଷ୍ମୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ସମାଜ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀ ଓ ବିଭାଗର ଅଧ୍ୟାପିକା ରୀତା ପ୍ରଧାନ, ଅଧ୍ୟାପିକା ଏରିକା ମହାନ୍ତି ଓ ଅନ୍ୟାନ୍ୟ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ ।

## କବିତା ପାଠ ଓ ପିତାମାତାଙ୍କ ଅବଦାନ ଉପରେ ଆଲୋଚନା




**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ କବିତା ପାଠ ଓ ପିତା ମାତାଙ୍କ ଅବଦାନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୀୟ କୁମାର୍ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ବିଶିଷ୍ଟ ସ୍ତମ୍ଭକାର ଡ଼ ସର୍ବେଶ୍ୱର ସେଣ, ସମ୍ମାନୀତ ଅତିଥି ଭାବେ ମୌସୁମୀ ସାହିତ୍ୟ ସଂସ୍କୃତି ପରିଷଦ ସମ୍ପାଦକ ଡ଼ ଶ୍ରୀଧର ସାମଲ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ସରପଞ୍ଚ ତୃପ୍ତି ମୟୀ କର, ଶିକ୍ଷାବିତ୍ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ କହିଲେ ପିତାମାତାଙ୍କର ବିକଳ୍ପ ନାହିଁ, ତାଙ୍କ ପାଦ ହିଁ ସନ୍ତାନର ଶ୍ରେଷ୍ଠ ତୀର୍ଥ କ୍ଷେତ୍ର । କୌଣସି ପରିସ୍ଥିତିରେ ବି ସେମାନଙ୍କ ଆଖିରେ କେବେ ଲୁହ ଦେବା ନାହିଁ। ସମ୍ପାଦକ ସ୍ୱପ୍ନା ଶୁକୁମାର ଦାସ ପରିଷଦର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। କବି ଶୈଳଜ। ଶଙ୍କର ସାମଲ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ନିକୁଞ୍ଜ ବିହାରୀ ପୃଷ୍ଟି, ସଞ୍ଜୀୟ କୁମାର୍ ମଥାନଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ଡ଼ ନାରାୟଣ ପତି, ସଂଗଠନ ସଂପାଦକ ବାପିନ କୁମାର ମଲ୍ଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶିଶୁ ମହୋତ୍ସବ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

**ଗୁଣପୁର, ନ୍ୟୁଜ ବ୍ୟୁରୋ**



ଶିଶୁ ପ୍ରତିଭା ବିକାଶ ମଞ୍ଚର ଏକ ଅନନ୍ୟ ଉଦ୍ୟମ - 'ଶିଶୁ ମହୋତ୍ସବ' ନିମନ୍ତେ ଗତ ୨୫ ମାର୍ଚ୍ଚରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଶିଶୁ ପ୍ରତିଭା ବିକାଶ ମଞ୍ଚ ତରଫରୁ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁ ମାନଙ୍କୁ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ପ୍ରେରଣ କରାଯିବ । ୨୫ ଓ ୨୬ତାରିଖ ଦିନ ସମସ୍ତ ବର୍ଗର ଶିଶୁଙ୍କୁ ନେଇ ସ୍ଥାନୀୟ ବଂଶଧାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ କୁଇଜ, ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ମିନି ଷ୍ଟାଡିୟମରେ ୧୦୦ମିଟର ଦୌଡ଼, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ବ୍ୟାଟ ମିଣ୍ଟନ ପ୍ରତିଯୋଗିତା, ୨୭ ତାରିଖ ଦିନ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ଗୁଡିକରେ ନରସିଂହ ଶତପଥି, ଦିଲ୍ଲିପ କୁମାର କର, ଅଶୋକ କୁମାର କର, ରାମଚନ୍ଦ୍ର ଗୌଡ଼, କମଳାକାନ୍ତ ଖୁଣ୍ଟିଆ, ଦ୍ୱେବ୍ରତ ପାଢ଼ୀ, ଦିଲ୍ଲିପ କୁମାର ରାଜଗୁରୁ, ଡ଼ ରିନାରାଣୀ ସାହୁ, ନିଖିଳ ପାଢ଼ୀ, ଶୁଭଶ୍ରୀ ମଲ୍ଲିକ, ମନସ୍ୱିନୀ ବାଉରୀ, ସ୍ୱାଗତିକା ରାଜଗୁରୁ ସପନ ଦାସ, ଶଙ୍ଖର୍ଷଣ ମହାନ୍ତି, ନନ୍ଦିନୀ ପଣ୍ଡା, ଜୟକୃଷ୍ଣ ପାତ୍ର ପ୍ରମୁଖ ବିଚାରକ ଭାବେ ରହିଥିଲେ । ଶିଶୁ ପ୍ରତିଭା ବିକାଶ ମଞ୍ଚର ସଭାପତି ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆବାହକ ଶକ୍ତିଦାସ ଓ ଉପ ସଭାପତି ରାଜେଶ କୁମାର ପଣ୍ଡା, ସମ୍ପାଦକ ଲକ୍ଷ୍ମୀନାରାୟଣ ମହାଙ୍କୁଡ, ସହ ସମ୍ପାଦକ ଚାରୁବାଳା ଶତପଥୀ ଙ୍କ ସହ ସମସ୍ତ କାର୍ଯ୍ୟକ୍ରମକୁ ସୂର୍ଯ୍ୟପ୍ରକାଶ ପଟ୍ଟନାୟକ, କାଳି ଶଙ୍କର ରଥ, ସଂଯୁକ୍ତା ଦାସ, ମୋନାଲିସା ପାଢ଼ୀ, ଏଙ୍କେଟି କୈବର୍ତ୍ତ, ସନ୍ତୋଷ କୁମ୍ଭାର, ତପନ କୁମାର ସୁନାମୁଦି ପ୍ରମୁଖ ପରିଚାଳନା କରିଥିଲେ।

## ଉର୍ଦ୍ଦୁ ଶିକ୍ଷକମାନଙ୍କ ଶିକ୍ଷାଦାନ ଅଭିମୁଖୀକରଣ ଉଦ୍‌ଯାପିତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଉର୍ଦ୍ଦୁ ଲାଇବ୍ରେରୀଠାରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ତରଫରୁ ଓଡ଼ିଶାର ଉର୍ଦ୍ଦୁ ଶିକ୍ଷକମାନଙ୍କର ଶିକ୍ଷାଦାନ ଅଭିମୁଖୀ କରଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳ ସହ ମଣ୍ଡଳ ଅଧିକାରୀବ ଲେଦବ ପ୍ରସାଦ ଜେନା, ସହମଣ୍ଡଳ ଅଧିକାରୀ ଡେରାବିଶ ଦେବଦତ ଶତପଥି ଅତିଥି ଭାବେ ଯାଗ ଦେଇଥିଲେ। ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଂଯୋଜକେସକ୍ ମହମ୍ମଦ ଫୟା ଜୁଦ୍ଦିନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫ଟି ବ୍ଲକରୁ ଉପସ୍ଥିତ ଥିବା ଶତାଧିକ ଉର୍ଦ୍ଦୁ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ଆଧୁନିକ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ଯୋଡିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳରେ ମନସ୍ତତ୍ୱ ବିଭାଗରେ ଟପ୍ପର ହୋଇଥିବା ଛାତ୍ରୀସାଦିଆ ପରୱିନ୍ ଓ ଇଂରାଜୀ ବିଭାଗରେ ଟପ୍ପର ହୋଇଥିବା ଆଫରିନ୍ ଫିର୍ଦୋଷ ଫିରୋଜଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବର ବରିଷ୍ଠ ଶିକ୍ଷକ ମହମ୍ମଦ ଅଜଗର ଅଲ୍ଲୀମଞ୍ଚ ପରିଚାଳନା କରିଥିବା ବେଳେ ସିଆର୍‌ସିସି ଅଚ୍ୟୁତାନନ୍ଦ ସାମଲ, ଶିକ୍ଷକ କିଶୋର ଚନ୍ଦ୍ର ଜେନା, ସିଆର୍‌ସିସିସେକ୍ ନସିମୁଦ୍ଦିନଙ୍କ ସେମତେସକ୍ ଅକିମ୍‌ଖାଁ, ଅକ୍ତର ଅଲ୍ଲୀ ପ୍ରମୁଖ ସହଯୋଗ କରିଥିବା ବେଳେ ମୌଲାନା ଫସିଉଲ୍ଲା ଧନ୍ୟବାଦ ଅପର୍ଣ କରିଥିଲେ।



## ବିଏମସି ନାଁରେ ସାଂଘାତିକ ଅଭିଯୋଗ

# ୱାଇଫାଇ, ସିସିଟିଭି ଓ ଷ୍ଟ୍ରିଟ୍ ଲାଇଟ୍ ପରିଚାଳନାରେ ଅନିୟମିତତା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବିଏମ୍‌ସିର ସବୁବେଳେ ନିଅଣ୍ଟିଆ ବଜେଟ୍। ସେପଟେ ଗତ ଦୁଇ ବର୍ଷରେ ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ବିଏମ୍‌ସିକୁ ମିଳିପାରିନି ପ୍ରାୟ ଅଢ଼େଇ ଶହ କୋଟି ଟଙ୍କାର ଅନୁଦାନ । ନିଜସ୍ୱ ରାଜସ୍ୱ ଉତ୍ସରୁ ଆଦାୟ ମଧ୍ୟ ଆଶାନୁରୂପ ହୋଇପାରୁନି । ଏଭଳି ସ୍ଥିତିରେ ସହରର ବିକାଶ କିଭଳି ହେବ ଓ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନିଆଯିବ ତାକୁ ନେଇ ଉଠିଛି ପ୍ରଶ୍ନ। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଏମ୍ ?ସି ପକ୍ଷରୁ ୬୨୩ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି । ଯଦିଓ ଏହା ପ୍ରସ୍ତାବିତ ବଜେଟ୍ ତେବେ ଆସନ୍ତା ଏପ୍ରିଲ୍ ୮ରେ ହେବାକୁ ଥିବା ବଜେଟ୍ ବୈଠକରେ ଏହା ଚୂଡ଼ାନ୍ତ ରୂପନେବ । ଏଥିପାଇଁ ସମସ୍ତ କର୍ପୋରେଟରଙ୍କୁ ନିଜ ନିଜ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ସମ୍ପର୍କିତ ରିପୋର୍ଟ ୩୦ ତାରିଖ ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଥିବା ମେୟର ସଂଘମିତ୍ରା ଦଳେଇ କହିଛନ୍ତି । ବିଏମ୍‌ସି ପକ୍ଷରୁ ପ୍ରସ୍ତୁତ ହୋଇ ପ୍ରାକ୍ ବଜେଟ୍ ବୈଠକରେ ଉପସ୍ଥାପିତ ହୋଇଥିବା ବଜେଟ୍‌କୁ ନେଇ ଅନେକ ପ୍ରଶ୍ନ ଉଠିଛି । କାରଣ ବିଏମ୍‌ସିର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଏଠାରେ ବର୍ଷ ବର୍ଷ ଧରି ଅନେକ ପ୍ରକଳ୍ପ ନାମରେ ଅଯଥାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଅଭିଯୋଗ ହୋଇଛି । ବିଏମ୍‌ସିର ବଜେଟ୍‌ରୁ ସିଂହ ଭାଗ କେବଳ ଦରମା ଓ ପେନ୍ ?ସନରେ ଯାଉଥିବା ବେଳେ ଅବଶିଷ୍ଟ ଅର୍ଥ ରକ୍ଷଣାବେକ୍ଷଣ ଓ ମରାମତି ବାବଦରେ ଖର୍ଚ୍ଚ ହେଉଥିବା ପ୍ରାକ୍ ବଜେଟ୍ ତାଲିକାରୁ ସ୍ପଷ୍ଟ ଜଣାପଡୁଛି । ଏଭଳି ସ୍ଥିତିରେ ସହରରେ ଷ୍ଟ୍ରିଟ୍ ଲାଇଟ୍‌ର ମରାମତି ଓ ରକ୍ଷଣାବେକ୍ଷଣ, ସିସିଟିଭିର ରକ୍ଷଣାବେକ୍ଷଣ ସାଙ୍ଗକୁ ମାଗଣା ୱାଇଫାଇ ସେବା ବ୍ୟବସ୍ଥା ଥିଲେ ମଧ୍ୟ ତାହାର ସୁବିଧା ସହରବାସୀ ପାଇପାରୁନଥିବା ଅଭିଯୋଗ ହୋଇଛି । ବିଏମ୍‌ସି ପକ୍ଷରୁ ସହରରେ ମାଗଣା ୱାଇଫାଇ ବ୍ୟବସ୍ଥା ବା ସେବା ପ୍ରଦାନ ପାଇଁ ପ୍ରତିବର୍ଷ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଉକ୍ତ ଟଙ୍କା ଟେଣ୍ଡର ଜରିଆରେ ଏକ କିମ୍ବା ଏକାଧିକ ଘରୋଇ ସଂସ୍ଥାକୁ ହାତଟେକି ଦିଆଯାଉଛି । ସମ୍ପୃକ୍ତ ଘରୋଇ ସଂସ୍ଥା ଲାଭରେ ରହୁଛି । ଅବଶ୍ୟ ଏଥିରେ କେବଳ ସମ୍ପୃକ୍ତ ଘରୋଇ ସଂସ୍ଥା ନୁହେଁ ବରଂ ମଧ୍ୟସ୍ଥିଙ୍କର ମଧ୍ୟ ପ୍ରସନ୍ନ ହାତ ରହିଥିବା ଅଭିଯୋଗ ହୋଇଛି । ସେହିଭଳି ସହରରେ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ଷେତ୍ରରେ ମଧ୍ୟ ରକ୍ଷଣାବେକ୍ଷଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଗୋଟିଏ ପଟେ ଟାଟା ପାୱାର ଷ୍ଟ୍ରିଟ୍ ଲାଇଟ୍ ପାଇଁ ପ୍ରତିଷ୍ଠା କରୁଥିବା ବେଳେ ବିଏମ୍‌ସି ପକ୍ଷରୁ ପ୍ରାୟ ୨୩ ହଜାର ଷ୍ଟ୍ରିଟ୍ ଲାଇଟ୍‌ର ରକ୍ଷଣାବେକ୍ଷଣ ପାଇଁ ପାଖାପାଖବ ଏକ କୋଟିରୁ ଅଧିକ ଟଙ୍କା ପ୍ରତିବର୍ଷ ବିନିଯୋଗ କରୁଥିବା ଜଣାପନିଛି । ପ୍ରତିବର୍ଷ ସିଟି ୱାଇଫାଇ ସେବା, ସିସିଟିଭି ଓ ଷ୍ଟ୍ରିଟ୍ ଲାଇଟ୍ ବାବଦରେ ଖର୍ଚ୍ଚ କରି ଆଜି ପର୍ଯ୍ୟନ୍ତ ବିଏମ୍ ?ସି କେତେ ଖର୍ଚ୍ଚ କଲାଣି ତାହାର କୌଣସି ହିସାବ ନଥିବା ମନେ ହେଉଛି। ଏଭଳି ପରିସ୍ଥିତିରେ ପ୍ରତି ବର୍ଷ ଅନ୍ୟୁନ ଶତକଡ଼ା ୧୦ ପ୍ରତିଶତ ମୂଲ୍ୟ ବୃଦ୍ଧି କରି ଚଳିତ ବର୍ଷର ପ୍ରସ୍ତାବିତ ବଜେଟ୍‌ରେ ମଧ୍ୟ ପୁଣି ଉପରୋକ୍ତ ବିଭିନ୍ନ ବାବଦରେ ଅଧିକ ବଜେଟ୍ ରଖାଯାଇଥିବା ଜଣାପଡ଼ିଛି । ମିଳିଥିବା ପ୍ରସ୍ତାବିତ ବଜେଟ୍‌ର ଅପରେସନ୍ ଆଣ୍ଡ ମେଣ୍ଟେନାନ୍ସ ତାଲିକାର କ୍ରମିକ ନମ୍ବର ୨୩୦୧୦୦୧ରେ ଇଲେକ୍‌ଟ୍ରିସିଟି ଚାର୍ଜେସ, ଅପରେସନ୍ ଆଣ୍ଡ ମେଣ୍ଟେନାନ୍ସ ବାବଦରେ ୫ କୋଟି ରଖାଯାଇଛି । ଷ୍ଟ୍ରିଟ୍ ଲାଇଟ୍ ମରାମତି ଓ ମେଣ୍ଟେନାନ୍ସ ବାବଦରେ କ୍ରମିକ ନମ୍ବର ୨୩୦୫୦୦୪ରେ ୧୫ ଲକ୍ଷ ରଖାଯାଇଛି । ସେହିଭଳି କ୍ରମିକ ନମ୍ବର ୨୩୦୫୧୦୮ ରେ ପୁଣି ଥରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ଓ ମେଣ୍ଟେନାନ୍ସ ବାବଦରେ ୨୦ ଲକ୍ଷ ଟଙ୍କା ରଖାଯାଇଛି । କ୍ରମିକ ନମ୍ବର ୨୩୦୫୯୦୮ ରେ ବାର୍ଷିକ ମେଂଟୋନାନ୍ସ ବାବଦରେ ପୁଣି ୨ କୋଟି ୮୬ ହଜାର ୫ ଶହ ଟଙ୍କା ରଖାଯାଇଛି । କ୍ରମିକ ନମ୍ବର ୪୧୦୩୩୦୩ରେ ପବ୍ଲିକ୍ ଲାଇଟିଂ ସିଷ୍ଟମ୍ ବାବଦରେ ୩ କୋଟି ୯୮ ଲକ୍ଷ ୫୬ ହଜାର ୮୮୩ ଟଙ୍କା ଏବଂ ୪୧୦୬୦୧୦ ରେ ସିସିଟିଭି କ୍ୟାମେରା ବାବଦରେ ୫ ଲକ୍ଷ, ୪୧୦୭୦୦୬ ନମ୍ବରରେ ଇଲେକ୍ଟ୍ରିକାଲ୍ ଫିଟିଂସ ବାବଦରେ ୨୫ ଲକ୍ଷ ରଖାଯାଇଛି । ଏହା ବ୍ୟତୀତ ସହରରେ ବିଏମ୍‌ସିପକ୍ଷରୁ ଯୋଗାଇ ଦିଆଯାଉଥିବା ମାଗଣା ସିଟି ୱାଇଫାଇ ବାବଦରେ ବାର୍ଷିକ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ରଖାଯାଇଛି । ଏଭଳି ତଥ୍ୟ ହାସଲ ପରେ ଆସନ୍ତା ୮ ତାରିଖରେ ହେବାକୁ ଥିବା ବିଏମ୍‌ସି ବଜେଟ୍ ବୈଠକରେ କର୍ପୋରେଟମାନେ ତୁମ୍ଭିତୋଫାନ୍ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏନେଇ ମେୟର ସଂଘମିତ୍ରା ଦଳେଇ କହିଛନ୍ତି ସମସ୍ତଙ୍କ ମତାମତ ଲୋଡ଼ାଯାଇଛି ଏବଂ ଯେଉଁଠି ଯଦି କିଛି ସମସ୍ୟା ବା ଆପତି ରହିଛି ସେ ସମ୍ପର୍କରେ ଆଲୋଚନା କରାଯାଇ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯିବ ।

## ସେବାନିବୃତ୍ତ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଅନୁଷ୍ଠାନର ବାର୍ଷିକ ସାଂସ୍କୃତିକ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ଗୁରୁ କେଳୁ ଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପ୍ରେକ୍ଷାଳୟରେ ବରିଷ୍ଠ ସେବାନିବୃତ୍ତ ବ୍ୟାଙ୍କ ଅଫିସରମାନଙ୍କ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବ୍ୟାବସାୟିକ ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ନାବାର୍ଡରୁ ସେବାନିବୃତ୍ତ ହୋଇଥିବା ବରିଷ୍ଠ ଅଧିକାରୀଙ୍କ ଏହି ସଂସ୍ଥା ଗତ ୨୫ ବର୍ଷ ଧରି ସମାଜ ସେବା ଓ ଅନ୍ୟାନ୍ୟ ଗଠନ ମୁଳକ କାର୍ଯ୍ୟରେ ସଂଶ୍ଳିଷ୍ଟ ହେବା ସହିତ କଳା, ସାହିତ୍ୟ, ସଂଗୀତ, ନାଟକ ଆଦି କ୍ଷେତ୍ରରେ ମଧ୍ୟ ସକାରାତ୍ମକ ଯୋଗଦାନ ଦେଇ ଆସିଛି। ଏ ବର୍ଷର ବାର୍ଷିକ ଉତ୍ସବ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭରପୁର ଥିଲା। ପ୍ରଥମେ ଜଗନ୍ନାଥ ବନ୍ଦନା ପରେ, ଡ଼ଃ ଗୀତିକା ପଟ୍ଟନାୟକ କି ବୋର୍ଡରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ତତ୍ ପଶ୍ଚାତ ସୁଲଳିତ କଣ୍ଠରେ ଅନୁଷ୍ଠାନର ସଭ୍ୟ ଓ ସଭ୍ୟାମାନେ ସଂଗୀତ ପରିବେଷଣ କରିଥିଲେ। ବାଦ୍ୟ ସଂଗୀତ, ବିଭିନ୍ନ ଶୈଳୀର ନୃତ୍ୟ ଓ କବାଲି ଆଦି କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକମାନଙ୍କୁ ବହୁତ ଆନନ୍ଦ ଦେଇଥିଲା। ପ୍ରଖ୍ୟାତ ନୃତ୍ୟଶିଳ୍ପୀ ସିକତା ଦାସଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା "ଛୋଟ ମୋର ଗାଁ ଟି" ଉଚ୍ଚ ପ୍ରଶଂସିତ ହୋଇଥିଲା। କାର୍ଯକ୍ରମର ମୁଖ୍ୟ ଆକର୍ଷଣ ଥିଲା ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ "ଅବୁଝା ରାଜାକୁ ପାଳବିଣ୍ଡା ମନ୍ତ୍ରୀ"। ସୁବାସ ମହାପାତ୍ରଂକ ଦ୍ୱାରା ରଚିତ ଏହି ବ୍ୟଙ୍ଗାତ୍ମକ ନାଟକର ନିର୍ଦ୍ଦେଶନା ଦେଇଥିଲେ ଜଗଦାଶ ମହାରଣା, ମାନସ ପରିଡା ଓ ଅମରଦୀପ ମହାନ୍ତି। ଅନୁଷ୍ଠାନର ସଭାପତି ଅମୃତନାଥ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଉପ ସଭାପତି ଡ଼ଃ ମନୋରଞ୍ଜନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଅପ୍ରେଲ ୨୦୨୬ ଶନିବାର





# କାରଖାନାରୁ ନିର୍ଗତ ବର୍ଜ୍ୟ ଜଳ ପାଇଁ ପରିବେଶ ପ୍ରଦୂଷଣ ଅଭିଯୋଗ




**ବାରଗଡ଼, ନ୍ୟୁଜ୍ ବ୍ୟୁରୋ**

ବାରଗଡ଼ ବ୍ଲକ ରାମପାସପୁର ପଞ୍ଚାୟତ ଅନ୍ତର୍ଗତ ଇଡକୋ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ପରିସରରୁ ନିର୍ଗତ ବର୍ଜ୍ୟ ଜଳ ମୁଖ୍ୟରାସ୍ତା ଉପରେ ଲହଡ଼ି ମାରୁଥିବାରୁ ପରିବେଶ ପ୍ରଦୂଷଣ ହେଉଛି। ସୂଚନାଯୋଗ୍ୟ ଇଡକୋ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ପରିସରରେ ଥିବା ପେପର ପ୍ରଡକ୍ଟ କାରଖାନାରୁ ନିର୍ଗତ ବର୍ଜ୍ୟଜଳ ମୁଖ୍ୟରାସ୍ତା କଡ଼ରେ ଜମି ରହିବା ସହ ପାଖ ପଡ଼ିଆକୁ ମାଡ଼ି ଚାଲୁଛି। ଏହି ପାଣି ଜମି ରହିଥିବାରୁ ଗାଈଗୋରୁ ଉକ୍ତ ପାଣିକୁ ପିଇବା ଫଳରେ ମୃତ୍ୟୁବରଣ କରୁଛନ୍ତି। ମୁଖ୍ୟରାସ୍ତା କଡ଼ରେ ଜମି ରହିବା ଫଳରେ ଦୁର୍ଗନ୍ଧ ସୃଷ୍ଟି ହେବା ଦ୍ୱାରା ପଥଚାରୀ ଯାତାୟାତ ସମୟରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ବାରଗଡ଼ ତହସିଲଦାର ଡ଼ ଦୃଷ୍ଟାର ଜ୍ୟୋତି ରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି ଏହାର ସ୍ଥାୟୀ ସମାଧାନ କରିବା ସହିତ ଯେଉଁମାନେ ଉଦ୍ଦେଶ୍ୟମୂଳକ ଭାବେ ମୁଖ୍ୟରାସ୍ତା ଉପରକୁ ଛାଡୁଛନ୍ତି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଏ ଦିଗରେ ଇଡକୋ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

# ଗଞ୍ଜେଇ ଚୋରା ଚାଲାଣ ବେଳେ ୬ ଗିରଫ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଧରିଲା ସୋହେଲା ପୋଲିସ। ଦୁଇଟି କାର୍ ଯୋଗେ ୨୦ କେଜି ୬ ଶହ ଗ୍ରାମ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୋହେଲା ପୋଲିସ ଖବର ପାଇ ବରପାଲି ସୋହେଲା ରାସ୍ତା ପାଣିମୋରା ଛକରେ ଉକ୍ତ କାରକୁ ଧରିଥିଲା। ଉକ୍ତ କେସ୍‌ରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ଗଞ୍ଜେଇ ସହ ଏକ ପିସ୍ତଲ, ୩ଟି ଜୀବନ୍ତ ଗୁଳି, ଦୁଇଟି ଇନୋଭା ଏବଂ ହୋଣ୍ଡା ଇମେଜ କାର, ଗୋଟିଏ ଲାପଟପ୍, ରୂପା ବ୍ରେସଲେଟ, ରୂପା ଚେନ୍, ଦୁଇଟି ହାତ ଘଣ୍ଟା, ୯ ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ୍, ନଗଦ ୧୨ ହଜାର ୨୨୧ ଟଙ୍କା ଜବତ କରିଛି।







# ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ପଦକ୍ଷେପ

**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତଳସ୍ତରର ବାସ୍ତବ ଚିତ୍ର କିନ୍ତୁ ଚିନ୍ତାଜନକ ଭାବରେ ସାମ୍ନାକୁ ଆସୁଛି। ଗୁଣୁପୁର ବ୍ଲକ୍ ଭାରସିଂ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ଘଟିଥିବା ଏକ ଘଟଣା ଏହାକୁ ସ୍ପଷ୍ଟ କରିଛି। ଗତ ଏପ୍ରିଲ ୧ ତାରିଖରେ ସମଗ୍ର ଓଡ଼ିଶାରେ ଉତ୍କଳ ଦିବସ ପାଳନ ହେଉଥିବା ବେଳେ, ଏହି ବିଦ୍ୟାଳୟରେ ମଧ୍ୟ ଉତ୍ସବ ପାଳିତ ହୋଇଥିଲା। କିନ୍ତୁ ଉତ୍ସବ ପରେ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇନଥିବା ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ଦେବେନ୍ଦ୍ର ପଣ୍ଡା ସିଆର୍‌ସିଙ୍କ ନିର୍ଦ୍ଦେଶ ଦେଖାଇ ରୋଷେଇ ବନ୍ଦ କରିଥିଲେ। ଏହାର ପରିଣାମରେ ପ୍ରାୟ ୫୬୦ ଜଣ ଅନ୍ତେବାସୀ ଛାତ୍ରଛାତ୍ରୀ ଦିନଭରି ଭୋକରେ ରହିଥିବା ଜଣାପଡିଛି। ପରେ ସନ୍ଧ୍ୟାବେଳେ କେବଳ ଜଳଖିଆ ଦିଆଯାଇଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ସାଧାରଣ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମାନବିକତା କେଉଁଠି ହରାଇଗଲା ? ବୋଲି ପ୍ରଶ୍ନ ଉଠିଛି। ଏନେଇ ସୁପରିଟେଣ୍ଡେଣ୍ଟ ଦେବେନ୍ଦ୍ର ପଣ୍ଡାଙ୍କୁ ପଚରାଯାଇଥିବା ବେଳେ ସେ କହିଛନ୍ତି ଯେ ସିଆର୍‌ସିଙ୍କ ନିର୍ଦ୍ଦେଶରେ ରୋଷେଇ ବନ୍ଦ ହୋଇଥିଲା ଏବଂ କିଛି ଶିକ୍ଷକ ତାଙ୍କୁ ବଦ୍‌ନାମ୍ କରିବାକୁ ଚେଷ୍ଟା କରୁଛନ୍ତି। ଏପରିସ୍ଥିତିରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସିମା ରାଓ କହିଛନ୍ତି ଯେ ଘଟଣା ତାଙ୍କ ନଜରକୁ ଆସିଛି ଏବଂ ଗୁଣୁପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ତଦନ୍ତ ପାଇଁ ପଠାଯାଇଛି। ପ୍ରାରମ୍ଭିକ ତଦନ୍ତରେ ଘଟଣା ସତ୍ୟ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ମୋଟ୍ ୬୨୮ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ, ସେଥିରୁ ୫୬୦ ଜଣ ଅନ୍ତେବାସୀ। ଏକ ସମୟରେ ଜିଲ୍ଲାରେ ନାମକରା ବିଦ୍ୟାଳୟ ଭାବେ ପରିଚିତ ଏହି ପ୍ରତିଷ୍ଠାନ ଏବେ ଅବ୍ୟବସ୍ଥାରେ ଘେରାଯାଇଥିବାରୁ ଶିକ୍ଷକ ଓ ଅଭିଭାବକ ମହଲରେ ଚିନ୍ତା ବ୍ୟକ୍ତ ହେଉଛି।

# ବୌଦ୍ଧ ଜିଲ୍ଲା ଗସ୍ତରେ ଶିଶୁ ବିଭାଗର ଯୁଗ୍ମ ସଚିବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କର ଯୁଗ୍ମ ସଚିବ ମୋନାଲିସା ଦେବତା ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟିର କାର୍ଯ୍ୟକ୍ରମ ସଂଯୋଜିକା (ଟ୍ରେନିଂ) ତୃପ୍ତି ଦାସ ଓ ମହିଳା ଓ ଶିଶୁ ବିକାଶର ମମତା ଦାସ, ପରିସଂଖ୍ୟାନ ଅଧିକାରୀ ଦିନିକିଆ ବୌଦ୍ଧ ଗସ୍ତରେ ଆସି ବୌଦ୍ଧ ଓ ହରଭଙ୍ଗାର ୧୦ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଥିରେ ସେମାନେ ଉଚ୍ଚତା ଓ ଓଜନ ମାପ କରି ପୋଷଣ ଟ୍ରାକର ଥିବା ଡାଟା ସହିତ ମିଳାଇଥିଲେ । ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଅତିଶୟ ପୁଷ୍ଟିହୀନତା ପିଲାଙ୍କୁ ଚିହ୍ନଟ କରି ତାର କିପରି ଆସୁ ସମାଧାନ କରାଯାଉଛି ତା ଉପରେ ଆଲୋକପାତ କରିଥିଲେ। ଗର୍ଭବତୀ ମହିଳା ପ୍ରସୂତି ମହିଳାମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ ସମିତି, ଚାଇଲ୍ଡ ହେଲ୍ପଲାଇନ୍-୧୦୯୮, ମହିଳା ହେଲ୍ପଲାଇନ୍-୧୧୨ ଏବଂ କେଲାକଟା ଠାରେ ଥିବା ପର୍ଯ୍ୟବେକ୍ଷଣ ଗୃହ ଓ ସ୍ୱତନ୍ତ୍ର ଗୃହ ପରିଦର୍ଶନ କରିଥିଲେ । ପରିଶେଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଶନ ବାତ୍ସଲ୍ୟ ଯୋଜନା, ଯଶୋଦା ଯୋଜନା, ଆଶିର୍ବାଦ ଯୋଜନା ଓ ବିଜୁ କନ୍ୟାରତ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ ଏକ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ପୋଷଣ ସଂଯାଜକ, ଜିଲ୍ଲା ମମତା ସଂଯୋଜକ ଉପସ୍ଥିତ ଥିଲେ।

# ହତ୍ୟାକାରୀଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଝାରପୋଖୋରିଆ ଥାନା ଅନ୍ତର୍ଗତ ଗହଳାମୁଣ୍ଡା ଗାଁରେ ସାମାନ୍ୟ ବଚସାକୁ ନେଇ ଅମୃତ ମହାନ୍ତ ନାମକ ବ୍ୟକ୍ତିଙ୍କୁ ବୁଧବାର ରାତିରେ ଗୁରୁଗୋବିନ୍ଦ ମହାନ୍ତ କୁରାଢ଼ୀରେ ଆକ୍ରମଣ କରି ହତ୍ୟା କରିଛି । ତେବେ ହତ୍ୟାକାରୀକୁ ଗିରଫ ଦାବିରେ ଗୁରୁବାର ୪୯ ନମ୍ବର ଜାତୀୟ ରାଜପଥ ଗ୍ରାମବାସୀମାନେ ଅବରୋଧ କରିଛନ୍ତି। ଥାନାରେ ଲିଖିତ ଅଭିଯୋଗ ଅନୁଯାଇ ଏହି ମାମଲାରେ ଅଭିଯୁକ୍ତ ଗୁରୁଗୋବିନ୍ଦ ମହାନ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ଅଦ୍ୟାବଧି ଅଭିଯୁକ୍ତ ଗିରଫ ହୋଇପାରିନାହିଁ। ତେଣୁ ଗୁରୁବାର ଶବ ବ୍ୟବଚ୍ଛେଦ ପରେ ଆସାମୀଙ୍କୁ ଗିରଫ ଦାବି ନେଇ ମୃତ ଶରୀରକୁ ଗ୍ରାମକୁ ଆଣି ଗ୍ରାମ ନିକଟ ବାଲିଆସାହି ଛକ ଜାତୀୟ ରାଜପଥ ୪୯ରେ ଶବ ରଖି ରାଜପଥ ଅବରୋଧ କରିଥିଲେ ଗ୍ରାମବାସୀ ଓ ସ୍ଥନୀୟ ଲୋକେ। ତେବେ ରେଡ଼କ୍ରସ୍ ତରଫରୁ ୨୦,୦୦୦ ଟଙ୍କା ସହାୟତା ଏବଂ ଯଥାଶୀଘ୍ର ଆସାମୀକୁ ଗିରଫ କରାଯିବାର ପ୍ରତିଶ୍ରୁତି ପରେ ରାଜପଥରୁ ମୃତକଙ୍କ ମୃତ ଦେହକୁ ପରିବାର ଲୋକେ ଉଠାଇଥିଲେ। ତେବେ ଦୀର୍ଘ ୩ ଘଣ୍ଟା ପରେ ସନ୍ଧ୍ୟା ପ୍ରାୟ ୬.୩୦ଟାରେ ରାସ୍ତା ରୋକ୍ ହଟିଥିବା ବେଳେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି ।



# ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ସମ୍ମାନିତ ହେଲେ କାର୍ଯ୍ୟରତ ସାମ୍ବାଦିକା ରେଣୁବାଳା ବେହେରା

**ଗଜପତି, ନ୍ୟୁଜ୍ ବ୍ୟୁରୋ**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିର୍ଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ସଭାଗୃହ ଠାରେ ବ୍ଲକ ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ସୋଭ୍ନା ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ତିରୁପତି ରାଓ, ଜେ.ଜେ ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ମନୋରମା ଦେବୀ, ଗୋଶାଣୀ ବ୍ଲକ ଅଧ୍ୟକ୍ଷ ଏନ ବୀରରାଜୁ ପ୍ରମୁଖଙ୍କ ଉପସ୍ଥିତିରେ ଗଜପତି ଜିଲ୍ଲାର ଏକମାତ୍ର କାର୍ଯ୍ୟରତ ସାମ୍ବାଦିକା ରେଣୁବାଳା ବେହେରାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କର ଆଦର୍ଶ ଅବଦାନ ସମ୍ବାଦିକତା ମୁଖ୍ୟତଃ ଅନ୍ତଦୃଷ୍ଟି ସମ୍ପନ୍ନ ପ୍ରତିବେଦନ ସମାଜକୁ ଦିଗ୍ ଦର୍ଶନ ପଥ ପଦର୍ଶକ ଯାହାକି ନାଗରିକଙ୍କୁ ଅବଗତ ଓ ଉତ୍ସାହିତ କରୁଛି । ତାଙ୍କର ଏକ ନିଷ୍ଠାପୂର୍ଣ୍ଣ ସେବା ଓ ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତାକୁ ସ୍ୱୀକୃତି ଜଣାଇ ଗଜପତି ଜିଲ୍ଲାରେ ଏକ ମାତ୍ର କାର୍ଯ୍ୟରତ ମହିଳା ସାମ୍ବାଦିକତା କରୁଥିବାରୁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ତାଙ୍କର ସାହସ, ଧୈର୍ଯ୍ୟ, ସହନଶୀଳତାକୁ ଭୂୟସୀ ପ୍ରଶଂସା କରାଯାଇଛି।

# ଅଧାରୁ ପାଠ ଛାଡ଼ିଥିବା ଓ ଆଦୌ ବିଦ୍ୟାଳୟ ଯାଇନଥିବା ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇବା ପାଇଁ ଆସ ସ୍କୁଲ ଯିବା ଅଭିଯାନ

**କେନ୍ଦୁଝର, ନ୍ୟୁଜ୍**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅଧାରୁ ପାଠ ଛାଡ଼ିଥିବା/ଆଦୌ ବିଦ୍ୟାଳୟ ଯାଇନଥିବା ଛାତ୍ର ଛାତ୍ରୀଙ୍କୁ ପୁଣି ଥରେ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆୟୋଜନ ହେଉଛି ରାଜ୍ୟ ବ୍ୟାପୀ ଆସ ସ୍କୁଲ ଯିବା ଅଭିଯାନ କାର୍ଯ୍ୟକ୍ରମ। ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଆସ ସ୍କୁଲ ଯିବା ପଦଯାତ୍ରା କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଦଯାତ୍ରା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ସାଂସଦ ପ୍ରତିନିଧି ଦିଲ୍ଲୀପ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସଚେତନତା ରଥ ସହ ବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକଙ୍କୁ ନେଇ ଆସ ସ୍କୁଲ ଯିବା ପଦଯାତ୍ରା ସହର ପରିକ୍ରମା କରାଯାଇଥିଲା। ଏହାପରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଦିଲ୍ଲୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ, ସତ୍ୟନାରାୟଣ ମହାନ୍ତ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ଜିଲ୍ଲା ଯୋଜନା ସଂଯୋଜକ ଅପର୍ଣ୍ଣା ତ୍ରିପାଠୀ, ଜିଲ୍ଲା ବାଳିକା ସଂଯୋଜକ ଅନୁପମା ରାଉତ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ କୁମାର ମିଶ୍ର, କପିଳ ଚନ୍ଦ୍ର ଦାଶ, ଶିରିଶପାଳ ସିଆର୍‌ସିସି ରବୀନ୍ଦ୍ର କୁମାର ଦାଶ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର ପ୍ରଧାନ ଶିକ୍ଷୟିତ୍ରୀ ତିଲୋତ୍ତମା ସାହୁ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ନିବେଦନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ ଜିଲ୍ଲାରେ ୧୦୪୦୫ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରେ ଥିବାବେଳେ ଶିକ୍ଷା ବିଭାଗର ପ୍ରୟାସରେ ବର୍ତ୍ତମାନ ସୁଦ୍ଧା ୪୧୨୨ ଜଣ ଛାତ୍ରଛାତ୍ରୀ ପୁଣି ଥରେ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରିଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଥିଲା। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଅନୁସୂଚିତ ଜନଜାତି ସଂଯୋଜକ ଦୁର୍ଗା ପ୍ରସନ୍ନ ଲାୟକ, ସମଗ୍ର ଶିକ୍ଷା ପ୍ରୋଗ୍ରାମର ରଶ୍ମି ରଞ୍ଜନ ସାହୁ, ଏନ୍.ଏସ୍. ପୋଲିସ ହାଇସ୍କୁଲର ଏନ୍.ସି.ସି. ଅଫିସର୍ ବିଜୟ କୁମାର ବେହେରା, କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ମହାନ୍ତ, ମୋଚିବନ୍ଧ ସିଆର୍‌ସିସି ମୋନାଲିସା ଶତପଥୀ, ଉଚ୍ଚସାହି ସିଆର୍‌ସିସି ସସ୍ମିତା ପଣ୍ଡା, ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ, ରଞ୍ଜିତାରାଣୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଅଗ୍ନିକାଣ୍ଡ ଘଟି ପରିବାର ବେସାହାରା:ଗଛ ତଳେ ବିତୁଛି ଜୀବନ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକପଡ଼ା ଅଗ୍ନି ବିପନ୍ନ ପରିବାର ପାଖରେ ତିନିଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ କିମ୍ବା ଜରୁରୀ ସହାୟତା ପହଞ୍ଚି ପାରିନଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଗତ ସୋମବାର ରାତିରେ ଟିକରପଡା ପଞ୍ଚାୟତ ମଲ୍ଲିକ ପଡା ବେଲ ସାହିର କୁଶ ଛତ୍ରଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଭସ୍ମୀଭୂତ ହୋଇଯାଇଥିଲା । ବୌଦ୍ଧରୁ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘରେ ଥିବା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଖାଦ୍ୟ ଶସ୍ୟ ପୋଡି ପାଉଁଶ ହୋଇଯାଇଥିଲା । ଏ ସମ୍ପର୍କରେ ମଙ୍ଗଳବାର ଦିନ ପୀଡିତ କୁଶ ଛତ୍ର ବଘିଆପଡା ରାଜସ୍ୱ ନିରୀକ୍ଷକଙ୍କୁ ଜରୁରୀ ସହାୟତା ପାଇଁ ଆବେଦନ କରିଥିଲେ ମଧ୍ୟ ଦୁଇ ଦିନ ହେଲା ଗ୍ରାମରେ ପ୍ରଶାସନ ତଦନ୍ତ କିମ୍ବା ସହାୟତା ପାଇଁ ପହଞ୍ଚି ପାରିନାହିଁ । ଅପରପକ୍ଷରେ ପରିବାରର ୪ ଶିଶୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଗୋଟିଏ ଗଛ ତଳେ ଆଶ୍ରୟ ନେଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ସାମ୍ବାଦିକମାନଙ୍କ ଗାଡ଼ି ଉପରୁ ଟୋଲ୍ ଫ୍ରି ଛାଡ଼ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି



**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଥିବା ସମସ୍ତ ଟୋଲ୍ ଗେଟ୍‌ରେ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ତଥା ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ରୂପେ କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କୁ ରାଜ୍ୟର ଥିବା ଟୋଲ୍ ଗେଟ୍‌ରୁ ଟୋଲ୍‌ଫି ଆଦାୟ ନକରିବାକୁ ଆଠଗଡ଼ର ଅଗ୍ରଣୀ ସାମ୍ବାଦିକ ସଂଘ ଆଠଗଡ଼ ମିଡ଼ିଆ ହାଉସ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦାବି କରିଛନ୍ତି । ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ଆଠଗଡ଼ ମିଡିଆ ହାଉସ୍‌ର ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଓ ଅନ୍ୟ ସାମ୍ବାଦିକମାନେ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଗତ ପଖାଳ ଦିବସ ଅବସରରେ ଖୁଣ୍ଟୁଣୀ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷ ମଧ୍ୟରେ ମିଡିଆ ହାଉସ୍ ସଭାପତି ସଚ୍ଚିଦାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବସିଥିବା ଆଠଗଡ଼ ମିଡିଆ ହାଉସ୍‌ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ରାଜ୍ୟର ଥିବା ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଜୀବନକୁ ବାଜି ଲଗାଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାନ୍ତି । ତେଣୁ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିବା ସମ୍ବାଦଦାତା ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ଟୋଲ୍ ଗେଟ୍ ମାନଙ୍କରେ ସେମାନଙ୍କ ୪ ଚକିଆ ଯାନକୁ ଟୋଲ୍ ମୁକ୍ତ କରିବା ପାଇଁ ମିଡିଆ ହାଉସ୍ ପକ୍ଷରୁ ସଭାପତି ପଣ୍ଡା, ଉପଦେଷ୍ଟା ଶ୍ୱେତକାନ୍ତ ବେହେରା, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଉପସଭାପତି ବିଜୟ ନାୟକ, କାର୍ଯ୍ୟକାରୀ ସଭାପତି ସ୍ୱରାଜ ପଣ୍ଡା, ମାନସ ସାହୁ, ଦେବବ୍ରତ ବେହେରା, ସୋନାଲି କାଳିଆ, ରଞ୍ଜିତ ରାଉତ, ସଞ୍ଜୟ ମହାନ୍ତି, ମାୟାଧାର ରଥ, ସୁକାନ୍ତ ଦଳେଇ, ମହେଶ୍ୱର ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

# ସନ୍ଧ୍ୟା ଆଳତି ବେଳେ ଅଗ୍ନିକାଣ୍ଡ

**କଟକ, ନ୍ୟୁଜ୍ ବ୍ୟୁରୋ**

ପୁଣି କଟକରେ ଅଗ୍ନିକାଣ୍ଡ ! ପୂଜା ଆଳତି ବେଳେ ଅଗ୍ନିକାଣ୍ଡ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କଟକ ଚାଉଳିଆଗଞ୍ଜର ଅପର୍ଣ୍ଣା ନଗରର ଘଟଣା। ସୂଚନାଥାଉକି, ଏକ ଘର ଭିତରେ ସନ୍ଧ୍ୟା ପୂଜା ଆରତୀ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ରିପୋର୍ଟ ଅନୁଯାୟୀ, ଘରେ ରହୁଥିବା ଭଡାଟିଆ ଏକ ଶୟନ କକ୍ଷରେ ଆରତୀ କରୁଥିଲେ ଯେଉଁଠାରେ ଦେବତାଙ୍କ ପ୍ରତିମା ରଖାଯାଇଥିଲା। ପୂଜା ସମୟରେ, ବାସିନ୍ଦାମାନଙ୍କ ସହ କଥାବାର୍ତ୍ତାରେ ମଗ୍ନ ହେବାରୁ ଆରତୀ ଅଣଦେଖା ହୋଇ ରହିଗଲା। ଯାହାଫଳରେ କୋଠରୀ ଭିତରେ ନିଆଁ ଲାଗିଗଲା ଏବଂ ବ୍ୟାପିଗଲା। ସ୍ଥାନୀୟ ବାସିନ୍ଦା ତୁରନ୍ତ ପରିସ୍ଥିତିର ମୁକାବିଲା କଲେ ଏବଂ ତୁରନ୍ତ ସହାୟତା ପ୍ରଦାନ କଲେ। ଘର ମାଲିକଙ୍କ ବନ୍ଧୁ ଯୁବକର୍ମୀ ସାଇ ସୌରଭ ଜେନା ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା ଏବଂ ଏହାର ପ୍ରସାରକୁ ହ୍ରାସ କରିବା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରିଥିଲେ। କିଛି ସମୟ ପରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସଫଳତାର ସହ ଲିଭାଇ ଦେଇଥିଲା, ଅଧିକ କ୍ଷୟକ୍ଷତିକୁ ରୋକିଥିଲା । ଏହି ଖବର ଶୁଣି ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ କ୍ଷୟକ୍ଷତି ଆକଳନ କରିବା ଏବଂ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେ ପୀଡିତଙ୍କ ସହିତ ଆଲୋଚନା କରିଥିଲେ, ପରିସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଆବଶ୍ୟକ ସହାୟତା ଯୋଗାଇବା ନିଶ୍ଚିତ କରିଥିଲେ। ସୌଭାଗ୍ୟବଶତଃ, କୌଣସି ବଡ଼ କ୍ଷୟକ୍ଷତି ହୋଇନଥିବା ବେଳେ, ଏହି ଘଟଣା କିଛି ସମ୍ପତ୍ତି କ୍ଷତି କରିଛି। ଅଗ୍ନିଶମ ବିଭାଗର କର୍ତ୍ତୃପକ୍ଷ ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ନି ସମ୍ପର୍କିତ ପୂଜାର୍ଚ୍ଚନା କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଏବଂ ବିଶେଷକରି ଆବଦ୍ଧ ସ୍ଥାନରେ ଅଗ୍ନି କେବେବି ଅଣଦେଖା ନହେବା ନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।


# ପ୍ରୀତି ସୁନା ହେଲେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ସୁବର୍ଣ୍ଣପୁରର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ମୁଁ ସୁଶ୍ରୀ ପ୍ରୀତି ସୁନା, ଓଡ଼ିଶା ସୂଚନା ସେବା-୨, ୨୦୨୪-୨୫ ବ୍ୟାଚ୍, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀଙ୍କ ଠାରୁ ଭାର ୩୧ ତାରିଖ ଅପରାହ୍ନରେ ଗ୍ରହଣ କରିଥିଲେ ପ୍ରୀତି ସୁନା । ଓଡ଼ିଶା ସୂଚନା ସେବାରେ ଗତ ନଭେମ୍ବର ମାସ ୨୭ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ଯୋଗଦେଇଥିଲେ । ଏହା ପୂର୍ବରୁ ଇଂରାଜୀ ଖବର କାଗଜ ଟାଇମ୍ସ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ସଂସ୍କରଣରେ ୨ ବର୍ଷ କାମ କରିଥିଲେ ଏବଂ ତାପୂର୍ବରୁ ୩ ବର୍ଷ ପଶ୍ଚିମ ଓଡ଼ିଶାର ଏକ ୱେବ୍ ଚ୍ୟାନେଲ୍ 'ପହରା'ରେ ସମ୍ବଲପୁରର ରିପୋର୍ଟର ଥିଲେ । ୨୦୨୦ ମସିହାରେ ପଣ୍ଡିଚେରୀ ସେଣ୍ଟ୍ରାଲ୍ ୟୁନିଭରସିଟିରୁ ସାମ୍ବାଦିକତା ଓ ଗଣଯୋଗାଯୋଗ ସ୍ନାତକୋତ୍ତର କରିଛନ୍ତି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବାଣିଜ୍ୟରେ ସ୍ନାତକ ପୁରା କରିଛନ୍ତି । ସେ ସମ୍ବଲପୁରର ଝିଅ ସୁବର୍ଣ୍ଣପୁରକୁ ଆସି ସରକାରୀ ଚାକିରୀ ଆରମ୍ଭ କରିବା ତାଙ୍କ ପାଇଁ ଏକ ସୌଭାଗ୍ୟ ବୋଲି ସେ କହିଛନ୍ତି। ସୋନପୁରବାସୀଙ୍କୁ ସଠିକ୍ ସରକାରୀ ସୂଚନା ପହଞ୍ଚାଇବା ଏବଂ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଅବଗତ କରାଇବା ତାଙ୍କର ମୂଳ ଲକ୍ଷ୍ୟ ହେବ ବୋଲି ସେ କହିଛନ୍ତି ।

# ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୦୪।୨୦୨୬, ଚୈତ୍ର ଦି୨୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୪୧।୦୩ ଚନ୍ଦ୍ରୋଦୟ- ରାଘ ୮।୦୬।୩୬**

**ଦ୍ୱିତୀୟା-** ଦିଘ ୧୦।୧୧ ପର୍ଯ୍ୟନ୍ତ। ସ୍ୱାତୀ ନକ୍ଷତ୍ର ରାଘ ୯।୩୭ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର। **ଘାତ ଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ଦିଘ ୧୦।୧୧ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୯ ଗତେ ଦିଘ ୧।୦୭ ମଧ୍ୟେ ।

**ମେଷ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ପାଇଁ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ। ରୋଜଗାର ଭଲ ହେବ ।

**ବୃଷ:** ସାମାଜିକ ସ୍ତରରେ ଉଚ୍ଚ ସମ୍ମାନ ଲାଭ ହେବ। ଦେହ ଓ ମନ ଭଲ ରହିବ। ବ୍ୟବସାୟରେ ଲାଭବାନ୍ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ ।

**ମିଥୁନ:** ଆଶାବାଦୀ ହୋଇ କାର୍ଯ୍ୟ କରିଚାଲିବେ। ସୁଖୀ ହେବେ। ସମ୍ମାନିତ ହୋଇପାରନ୍ତି। ରୁଚିକର ଖାଦ୍ୟ ମିଳିପାରେ। ପାରିବାରିକ ଜୀବନ ସୁଖମୟ ହେବ। ବ୍ୟୟର ମାତ୍ରା ବଢ଼ିପାରେ।

**କର୍କଟ:** ସୁଖ ଓ ସମ୍ମାନ ଲାଭ ହେବ। ଦିଅଁ ଦର୍ଶନ ସହିତ ସେବା ପୂଜାର ସୁଯୋଗ। ପରୋପକାର କରିବେ। ଅର୍ଥ ଲାଭ ହେବ। ଘରେ ସୁଖ ସନ୍ତୋଷ ଲାଭ ହେବ। ଦେହ ଭଲ ରହିବ ।

**ସିଂହ:** ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସୁସ୍ଥ ରହିବେ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ମହିଳାମାନେ ସୁଖ ସମ୍ମାନ ଲାଭ କରିବେ। ଗୃହେ ଶାନ୍ତି ଲାଭ।

**କନ୍ୟା:** ମନରେ ପ୍ରସନ୍ନତା ଭାବ ଦେଖାଦେବ। ବିବାଦୀୟ ବିତର୍କରେ ଭାଗ ନହେବା ଉଚିତ। ଆୟ ପୂର୍ବ ପରି ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଓ ମନ ଭଲ ରହିବ ।

**ତୁଳା:** କର୍ମକ୍ଷେତ୍ରରେ ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ। ସେହି ଅନୁଯାୟୀ ମଧ୍ୟ ଫଳପ୍ରାପ୍ତ ହେବ। ଅଳ୍ପ ଆୟରେ ସନ୍ତୋଷ ଲାଭ ହେବ। ପରିଶ୍ରମର ପରିମାଣ ବଢ଼ିବ। ଗୃହେ କଳହ ଦେଖାଦେବ ।

**ବିଛା:** ପାରିବାରିକ ଶାନ୍ତି ପ୍ରତିଷ୍ଠା ହେବ। ଅଶାନ୍ତି ଓ ବିରକ୍ତି ମଧ୍ୟରେ ଦିନଟି ଅତିବାହିତ କରିବେ। ଅଳସୁଆ ଯୋଗୁ କୌଣସି କାର୍ଯ୍ୟ ଠିକ୍ ରୂପେ ହେବନାହିଁ। ଆୟର ପରିମାଣ ପୂର୍ବପରି ସ୍ଥିର ରହିବାର ସୂଚନା ।

**ଧନୁ:** ଆଜି ଆପଣଙ୍କର କ୍ଷୟକ୍ଷତି ଘଟିପାରେ। ଏଣୁ ସାବଧାନ ରହିବେ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବାର ସମ୍ଭାବନା। ମନ ଅସ୍ଥିର ରହିବ। ପରିବାରରେ ସୁଖ ଶାନ୍ତି ଲାଭ ହେବ ।

**ମକର:** କାର୍ଯ୍ୟକ୍ଷେତ୍ରରେ ବିରକ୍ତି ପ୍ରକାଶ ପାଇବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ଶ୍ରମରୁ ମୁକ୍ତି ମିଳିବନାହିଁ। ଶାରୀରିକ ପୀଡ଼ା ଅନୁଭବ କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।

**କୁମ୍ଭ:** ଦୂରଯାତ୍ରା କରି ଆନନ୍ଦିତ ହେବେ। ଦେହ ଓ ମନରେ ଶାନ୍ତି ଆସିବ। ନୂତନ ବନ୍ଧୁ ମିଳନର ଯୋଗ ରହିଛି। ଆୟ ଓ ବ୍ୟୟର ପରିମାଣ ପ୍ରାୟତଃ ସମାନ ରହିବ। ପାରିବାରିକ ଅସହଯୋଗ ଦେଖାଦେବ ।

**ମୀନ:** ମନରେ ଶାନ୍ତି ରହିବ। କାର୍ଯ୍ୟ ଗୁଡ଼ିକ ସୁରୁଖୁରୁରେ ସମାଧାନ ହେବ। ମଉଜ ମଜଲିସ୍‌ରେ ଦିନଟି କଟିବ। ଖର୍ଚ୍ଚର ପରିମାଣ ବଢ଼ିବ। ଶତ୍ରୁ ନାଶ ହେବେ। ଦେହ ଓ ମନ ଭଲ ରହିବାର ସୂଚନା ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୫।୦୪।୨୦୨୬, ଚୈତ୍ର ଦି୨୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୩୯।୧୩ ଚନ୍ଦ୍ରୋଦୟ- ରାଘ ୮।୫୯।୦୬**

**ତୃତୀୟା-** ଦିଘ ୧୨।୦୩ ପର୍ଯ୍ୟନ୍ତ। ବିଶାଖା ନକ୍ଷତ୍ର ରାଘ ୧୨।୧୧ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ସଂଘ ୫।୨୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର। ସଂଘ ୫।୨୯ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧୨।୦୩ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୫।୪୧ ଗତେ ଦିଘ ୯।୪୮ ମଧ୍ୟେ । ଦିଘ ୧।୨୪ ଗତେ ଦିଘ ୧।୫୩ ମଧ୍ୟେ। **ପର୍ବୋତ୍ସବ-** ରାଷ୍ଟ୍ରୀୟ ନୌସେନା ଦିବସ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଟାରିଫକୁ ଟ୍ରମ୍ପଙ୍କ କମବ୍ୟାକ୍ ଔଷଧ ଉପରେ ୧୦୦% ଶୁଳ୍କ

ଯୁଦ୍ଧ ଉପରୁ ନଜର ହଟାଇ ଡୋନାଲ୍ଡ ଟ୍ରମ୍ପ ଆମେରିକାର ବାଣିଜ୍ୟ ନୀତିରେ ଦୁଇଟି ବଡ଼ ପରିବର୍ତ୍ତନ କରିଛନ୍ତି । ପ୍ରଥମତଃ, ଯଦି କମ୍ପାନୀଗୁଡ଼ିକ ଔଷଧର ମୂଲ୍ୟ ହ୍ରାସ ନ କରନ୍ତି ଏବଂ ଉତ୍ପାଦନକୁ ଆମେରିକାକୁ ସ୍ଥାନାନ୍ତର ନକରନ୍ତି ତେବେ ବିଦେଶୀ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ ହେବ । ଦ୍ୱିତୀୟରେ ଇସ୍ପାତ ଏବଂ ଆଲୁମିନିୟମ ଉପରେ ଟିକସ ନିୟମ ହ୍ରାସ କରାଯାଇଛି । ଦୀର୍ଘ ଦିନ ଧରି ଯୁଦ୍ଧରେ ବ୍ୟସ୍ତରେ ଥିଲା ଟ୍ରମ୍ପ ଏବଂ ପୁରୁଣା ରୂପକୁ ଫେରିଛନ୍ତି । ବିଦେଶ ନିର୍ମିତ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଶୁଳ୍କ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିଷ୍ପତ୍ତି ସିଧାସଳଖ ଆମେରିକା ବାଜାରେ ସେମାନଙ୍କର ଔଷଧ ଉତ୍ପାଦନ କରୁଥିବା ଔଷଧ କମ୍ପାନୀଗୁଡ଼ିକୁ ପ୍ରଭାବିତ କରିବ । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି କି, କମ୍ପାନୀଗୁଡ଼ିକୁ କେବଳ ସେମାନଙ୍କର ଔଷଧର ମୂଲ୍ୟ ହ୍ରାସ କରିବାକୁ ପଡିବ ନାହିଁ, ବରଂ ସେଗୁଡ଼ିକୁ ଆମେରିକା ମଧ୍ୟରେ ଉତ୍ପାଦନ କରିବାକୁ ପଡିବ । ଯେଉଁ କମ୍ପାନୀଗୁଡ଼ିକ ଏହି ସର୍ତ୍ତଗୁଡ଼ିକୁ ସମ୍ପୂର୍ଣ୍ଣ ପାଳନ କରିବେ ନାହିଁ ସେମାନଙ୍କୁ ଭାରି ଜରିମାନା ଏବଂ ଟିକସ ଦେବାକୁ ପଡିବ । ଏହା ସହିତ ଟ୍ରମ୍ପ ଇସ୍ପାତ, ଆଲୁମିନିୟମ ଏବଂ ତମ୍ବା ଭଳି ଧାତୁ ଉତ୍ପାଦ ପାଇଁ ଟିକସ ନିୟମରେ ମଧ୍ୟ ବଡ଼ ପରିବର୍ତ୍ତନ କରିଛନ୍ତି, ଯେଉଁଥିରେ ଅନେକ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରାଯାଇଛି । ଟିକସ ଆଦାୟ ପଦ୍ଧତିରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏହି ନୂଆ ନିୟମ ଅନୁଯାୟୀ, ଯେଉଁ କମ୍ପାନୀଗୁଡ଼ିକ ଆଂଶିକ ଭାବରେ ସେମାନଙ୍କର ଉତ୍ପାଦକୁ ଆମେରିକାକୁ ସ୍ଥାନାନ୍ତର କରିବେ ସେମାନଙ୍କୁ ୨୦% ଟିକସ ଦେବାକୁ ପଡ଼ିବ । ଯେଉଁ କମ୍ପାନୀଗୁଡ଼ିକ ନିୟମ ପାଳନ କରିବେ ନାହିଁ ସେମାନଙ୍କ ଉପରେ ୧୦୦ ପ୍ରତିଶତ ଟିକସ ଲାଗୁ ହେବ । ଟ୍ରମ୍ପ ବିଶ୍ୱାସ କରନ୍ତି ଯେ, ଏହି ପଦକ୍ଷେପ କେବଳ ଔଷଧ ଶସ୍ତା କରିବ ନାହିଁ ବରଂ ନୂଆ ଉତ୍ପାଦନ ମଧ୍ୟ ସୃଷ୍ଟି କରିବ । ୟୁରୋପୀୟ ସଂଘ, ଜାପାନ ଏବଂ ଦକ୍ଷିଣ କୋରିଆ ଭଳି ବାଣିଜ୍ୟିକ ଅଂଶୀଦାରମାନଙ୍କ ପାଇଁ ଟିକସ ସୀମା ୧୫ ପ୍ରତିଶତ ରଖାଯାଇଛି । ଔଷଧ ସହିତ, ଟ୍ରମ୍ପ ଇସ୍ପାତ, ଆଲୁମିନିୟ ଏବଂ ତମ୍ବା ଉପରେ ଶୁଳ୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ଅନେକ ଧାତୁ ଉତ୍ପାଦ ଉପରେ ଟିକସ ୫୦ ପ୍ରତିଶତରୁ ୨୫କୁ ହ୍ରାସ କରାଯାଇଛି । ଏହାଛଡ଼ା ୧୫ ପ୍ରତିଶତରୁ କମ ଧାତୁ ସାମଗ୍ରୀ ଥିବା ଉତ୍ପାଦଗୁଡ଼ିକୁ ଟିକସରୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇଛି । ଏହା ଅନ୍ୟ ଦେଶମାନଙ୍କୁ କ୍ରୋଧିତ କରିଥିଲା ଏବଂ ମାମଲା କୋର୍ଟରେ ପହଞ୍ଚିଥିଲା । ଟ୍ରମ୍ପ ପ୍ରଶାସନ ବଡ଼ ଔଷଧ କମ୍ପାନୀଗୁଡ଼ିକୁ ଏହି ନୂଆ ନିୟମ କାର୍ଯ୍ୟକାରୀ କରିବା ପାଇଁ ୧୨୦ ଦିନ ସମୟ ଦେଇଛି । ଛୋଟ କମ୍ପାନୀଙ୍କୁ ୧୮୦ ଦିନ ସମୟସୀମା ମିଳିଛି । ଏହି ଡେଡଲାଇନ ପରେ ଉଚ୍ଚ ଟିକସ କାର୍ଯ୍ୟକାରୀ ହେବ । ଅନ୍ୟପକ୍ଷରେ, ବାଣିଜ୍ୟ ସଂଗଠନଗୁଡ଼ିକ ଚିନ୍ତା ପ୍ରକାଶ କରିଛନ୍ତି । ହଠାତ୍ ଟିକସ ବୃଦ୍ଧି ସ୍ୱାସ୍ଥ୍ୟସେବାର ମୂଲ୍ୟ ବୃଦ୍ଧି କରିପାରେ । ବିଶେଷ କରି ଛୋଟ ଏବଂ ମଧ୍ୟମ ସଙ୍କଟ ଯୋଗୁଁ ମୁଦ୍ରାସ୍ଫୀତି ପୂର୍ବରୁ ଚାପ ପଡ଼ାଯାଉଛି । ଏହି ନୂଆ ଶୁଳ୍କ ଜନସାଧାରଣଙ୍କ ପକେଟକୁ ପ୍ରଭାବିତ କରିପାରେ । ତଥାପି ଇସ୍ପାତ ଶିଳ୍ପ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି । ଏହାକୁ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛି । ସାମଗ୍ରିକ ଭାବରେ ଟ୍ରମ୍ପଙ୍କ ନିଷ୍ପତ୍ତି ବିଶ୍ୱ ବାଣିଜ୍ୟ ବଜାରରେ ହଲଚଲ ସୃଷ୍ଟି କରିଛି । ସମସ୍ତଙ୍କ ନଜର ଏବେ ଏହା ଉପରେ ଯେ ବିଦେଶୀ କମ୍ପାନୀଗୁଡ଼ିକ ନିୟମାବଳୀକୁ ଆଗରେ ମୁଣ୍ଡ ନୁଆଁଇବେ କି ଆମେରିକା ବଜାରରେ ମୂଲ୍ୟ ବୃଦ୍ଧିର ଏକ ନୂଆ ଯୁଗ ଆରମ୍ଭ ହେବ । ସରକାର ଦାବି କରୁଛନ୍ତି ଯେ, ଏହି ପଦକ୍ଷେପଗୁଡ଼ିକ ଆମେରିକାକୁ ଆର୍ଥିକ ଭାବରେ ଆତ୍ମନିର୍ଭରଶୀଳ କରିବାରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ ।

# ଏଚ.ପି.ଭି ଟୀକାକରଣ : ଏକ ଯୁଗାନ୍ତକାରୀ ପଦକ୍ଷେପ



ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ପରିଶେଷରେ ବହୁ ତର୍କ-ବିତର୍କ ଓ ବାଦବିବାଦ ପରେ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍.ପି.ଭି) ପାଇଁ ଟୀକାକରଣ ଭାରତରେ ଅନୁମତି ପାଇଅଛି । ନିଶ୍ଚିତ ଭାବରେ ଏହା ଏକ ମାଇଲଖୁଣ୍ଟ କାରଣ ଏହି ଟୀକାକରଣଦ୍ୱାରା ଭାରତ ସରକାର, ପ୍ରତିଷେଧକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ କିଶୋର ଅବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି । ଏଚ.ପି.ଭି. ଟୀକା ମଧ୍ୟ ଭାରତର ସାର୍ବଜନୀନ ଟୀକାକରଣ ବ୍ୟବସ୍ଥାରେ ପ୍ରଥମ ଯାହାକି ସମ୍ପୂର୍ଣ୍ଣ ଭାବରେ କୈଶୋର ଅବସ୍ଥାରେ ହିଁ ଦିଆଯିବ । ଏ ପର୍ଯ୍ୟନ୍ତ ଭାରତର ଟୀକା ସବୁ ମୁଖ୍ୟତଃ ନବଜାତ ସନ୍ତାନ, ଶିଶୁ, ଗର୍ଭବତୀ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏଚ.ପି.ଭି. ଟୀକାକୁ ଆଗତ କରି ସରକାର ଏକ ସ୍ପଷ୍ଟ ଇଙ୍ଗିତ ମଧ୍ୟ ଦେଇଛନ୍ତି କି, ରୋଗଗୁଡ଼ିକର ପ୍ରତିଷେଧକ ବ୍ୟବସ୍ଥା କେବଳ ଶୈଶବ ଅବସ୍ଥାରେ ଟୀକାକରଣ କରାଯାଇ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ, ବରଂ ଏଥିପାଇଁ ବୟସର ପ୍ରତି ପର୍ଯ୍ୟାୟକୁ ବିଭିନ୍ନ ରୋଗ ନିମନ୍ତେ ଟୀକାକରଣ କରିବା ଆବଶ୍ୟକ । ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ପାଠକମାନେ ଏଚ.ପି.ଭି. ବିଷୟରେ କିଛି ଜାଣିବା ନିତାନ୍ତ ଆବଶ୍ୟକ । ଏହା ଗୋଟିଏ ଭାଇରସ୍ ଅଟେ । ସାଧାରଣତଃ ଭାଇରସ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ, ସେଥିରେ ଥିବା ନ୍ୟୁକ୍ଲିକ୍ ଏସିଡ୍‌କୁ ନେଇ । ଗୋଟିଏ ହେଉଛି ଡି.ଏନ.ଏ ଭାଇରସ୍ ଆଉ ଗୋଟିଏ ହେଉଛି ଆର.ଏନ.ଏ ଭାଇରସ୍ । ଏହି ଏଚ.ପି.ଭି, ଡି.ଏନ.ଏ ଭାଇରସ୍ ଅଟେ । ଏହା ପାପିଲୋମା ଭିରିଡି ପରିବାରରୁ ଆସିଅଛି । ଦୁଇଶହ ଭିନ୍ନ ଭିନ୍ନ ଭାଇରସ୍ ଏହି ଏଚ.ପି.ଭି.ର ଅନ୍ତର୍ଗତ ଓ ଏମାନଙ୍କୁ ସଂଖ୍ୟାଦ୍ୱାରା ଚିହ୍ନଟ କରାଯାଇଥାଏ । ପ୍ରାୟ ଏଚ.ପି.ଭି. ଜନିତ ସଂକ୍ରମଣ କୌଣସି ଲକ୍ଷଣ ସୃଷ୍ଟି କରିନଥାଏ ଓ ଆପେ ଆପେ ଭଲ ମଧ୍ୟ ହୋଇଯାଇଥାଏ, କିନ୍ତୁ ଏହାର ୧୮, ୧୬ ନମ୍ବର ଭାଇରସ୍‌ଟି ଅତ୍ୟନ୍ତ ବିପଜ୍ଜନକ ଅଟେ ଏବଂ ଏହା ହିଁ ପାଖାପାଖି ସତୁରୀ ପ୍ରତିଶତ ଜରାୟୁ ବା ସର୍ଭାଇକାଲ୍ କ୍ୟାନସର୍ ସୃଷ୍ଟି କରିଥାଏ । ସେହିପରି ନବେ ପ୍ରତିଶତ ମୁଖ ଗହ୍ୱର ଓ ଗଳା କର୍କଟ ଏଚ.ପି.ଭି ୧୬ ଦ୍ୱାରା ସୃଷ୍ଟି ହୋଇଥାଏ । ଏଚ.ପି.ଭି ୬ ଓ ୧୧ ଦ୍ୱାରା ମଳଦ୍ୱାରରେ ବିଭିନ୍ନ ପ୍ରକାରର ଚର୍ମ ସଂକ୍ରମଣ ମଧ୍ୟ ହୋଇଥାଏ । ଏବେ ସର୍ଭାଇକାଲ ବା ଜରାୟୁ କର୍କଟ ବିଷୟରେ କିଛି ଜାଣିବା - ଭାରତରେ ଜରାୟୁ କର୍କଟ, ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଉଥିବା ସବୁଠାରୁ ଅଧିକ କ୍ୟାନସର ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପ୍ରତିବର୍ଷ ଅଶୀ ହଜାର ନୂଆ ରୋଗୀ ଚିହ୍ନଟ ହେଉଥିବାବେଳେ, ବୟାଳିଶ ହଜାର ରୋଗୀ ଏଥିରେ ମୃତ୍ୟୁବରଣ କରୁଛନ୍ତି । ଏହାର ପ୍ରମୁଖ କାରଣ ହେଉଛି ଏଚ.ପି.ଭି. ୧୬ ଓ ୧୮ ର ଲଗାତର ସଂକ୍ରମଣ । ଭାରତରେ ଦେବା ପାଇଁ ସ୍ଥିରୀକୃତ ହୋଇଥିବା ଏଚ.ପି.ଭି ଟୀକାଟିର ନାମ ହେଉଛି "ଗାର୍ଡ଼ାସିଲ୍" । ଏହା ପ୍ରାୟତଃ ୧୬ ଓ ୧୮ ପ୍ରଜାତି ଭାଇରସ୍‌ର ସଂକ୍ରମଣରୁ ସୁରକ୍ଷା ଦେଇଥାଏ । ସାଧାରଣତଃ ଜୀବନ୍ତ ଓ ଅକାମୀ ବା ମୃତ ଅଣୁଜୀବମାନଙ୍କୁ ନେଇ ଟୀକା ପ୍ରସ୍ତୁତି କରାଯାଇଥାଏ । ଗାର୍ଡ଼ାସିଲ୍ ଟୀକାଟି ଅକାମୀ ଅଣୁଜୀବମାନଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବାରୁ ନିଜେ କୌଣସି ସଂକ୍ରମଣ ସୃଷ୍ଟି କରିବା ପାଇଁ ଏହାର କ୍ଷମତା ନାହିଁ । ଏହି ଟୀକାଟିର କାର୍ଯ୍ୟ କ୍ଷମତା ପ୍ରାୟ ତେୟାନବେରୁ ଶହେ ପ୍ରତିଶତ । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ୨୦୨୨ ମସିହାର ସୁପାରିଶ ଅନୁଯାୟୀ ୯ ରୁ ୧୪ ବର୍ଷ ବୟସର କିଶୋରୀମାନଙ୍କୁ ଏହି ଟୀକାର ଗୋଟିଏ ଡୋଜ୍ ଦେବା ଆବଶ୍ୟକ । ସମଗ୍ର ବିଶ୍ୱରେ ଏହି ଟୀକାକରଣକୁ ନବେ ପ୍ରତିଶତରେ ପହଞ୍ଚାଇ ଜରାୟୁ କର୍କଟକୁ ନିଶ୍ଚିହ୍ନ କରିବା ସଙ୍ଗଠନର ଲକ୍ଷ୍ୟ ।

ବର୍ତ୍ତମାନ ଭାରତବର୍ଷରେ ଏଚ.ପି.ଭି ଟୀକାକରଣର ଇତିହାସ ବିଷୟରେ ଆଲୋକପାତ କରାଯାଉ । ବିଶ୍ୱରେ ଏହା ପ୍ରଥମେ ୨୦୦୬ରେ ସ୍ୱୀକୃତ ହୋଇଥିଲା ଏବଂ ଭାରତରେ ୨୦୦୮ ମସିହାର ପ୍ରାରମ୍ଭରେ ଉପଲବ୍ଧ ହୋଇଥିଲା । ପରୀକ୍ଷାମୂଳକ ଭାବେ ୨୦୦୮-୦୯ ରେ ଆନ୍ତର୍ଜାତୀୟ ଏନ.ଜି.ଓ ସଂସ୍ଥା "ପାଥ୍" ଓ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ ସହଯୋଗରେ ଏହାକୁ ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶର କିଛି ସ୍ଥାନରେ ଦିଆଗଲା । ଉଦ୍ଦେଶ୍ୟ ଥିଲା ଏହାର ଗ୍ରହଣୀୟତା, କାର୍ଯ୍ୟଦକ୍ଷତା ଓ ଏହାକୁ ବିତରଣ କରିବାରେ ହେଉଥିବା ଖର୍ଚ୍ଚର ଏକ ଅଟକଳ ଲଗାଇବା, ଯାହାଦ୍ୱାରା କି ଏହାକୁ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ । ଏହି କାର୍ଯ୍ୟକ୍ରମରେ ୧୦-୧୪ ବର୍ଷର କିଶୋରୀମାନଙ୍କୁ, ଆନ୍ଧ୍ରର ଖମାମ୍ ଓ ଗୁଜୁରାଟର ଭଦୋଦରା ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଟୀକା ଦିଅଗଲା । କିନ୍ତୁ ଟୀକା ନେଇଥିବା କିଛି ବାଳିକାମାନଙ୍କର ମୃତ୍ୟୁ ହେବା ନେଇ ରିପୋର୍ଟ ଆସିବା ପରେ ଜନସମାଜରେ ଏହା ଚାଞ୍ଚଲ୍ୟ ଓ ଆତଙ୍କ ସୃଷ୍ଟି କରିଥିଲା । ଯଦିଓ ତଦନ୍ତରୁ ଜଣାପଡ଼ିଲା ଯେ ମୃତ୍ୟୁର କାରଣ ସହ ଟୀକାର କୌଣସି ସମ୍ପର୍କ ନାହିଁ, ଏହା କିନ୍ତୁ ଜନତାଙ୍କର ବିଶ୍ୱାସ ଭାଜନ ହେଲା ନାହିଁ । ଏହାକୁ ନେଇ ପାର୍ଲିଆମେଣ୍ଟରେ ମଧ୍ୟ ବିତର୍କ ହେଲା ଓ ଶେଷରେ ୨୦୧୦ ରେ କେନ୍ଦ୍ର ସରକାର ଏହି ପରୀକ୍ଷାମୂଳକ କାର୍ଯ୍ୟକ୍ରମଟିକୁ ବନ୍ଦ କରିଦେଲେ । ଏହା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏକ ଅନିଶ୍ଚିତତା ଲାଗି ରହିଲା । ସରକାରଙ୍କଦ୍ୱାରା ଗଠିତ ହୋଇଥିବା ବିଭିନ୍ନ ଏକ୍ସପର୍ଟ କମିଟି ବାରମ୍ବାର ଏଚ.ପି.ଭି ଟୀକାକରଣ ସପକ୍ଷରେ ମତ ପ୍ରକାଶ କରୁଥିଲେ ମଧ୍ୟ, ତୃଣମୂଳ ସ୍ତରରେ ଏହା ଲାଗୁ ହୋଇପାରିଲା ନାହିଁ । ଏହାର ମୁଖ୍ୟ କାରଣ ଥିଲା ଜନସମାଜର ସହଯୋଗ, ବିଶ୍ୱାସ ଓ ଟୀକାକୁ ନେଇ ଉପଯୁକ୍ତ ସୂଚନାର ଅଭାବ । ଏ ମଧ୍ୟରେ ୨୦୨୬ ଜାନୁୟାରୀ ସୁଦ୍ଧା, ୧୬୪ ଟି ଦେଶ ଏହି ଟୀକାକୁ ଲାଗୁ କରିଛନ୍ତି ଓ ପ୍ରାୟ ପାଞ୍ଚଶହ ମିଲିଅନରୁ ଅଧିକ ଡୋଜ୍ ମଧ୍ୟ ଏହାର ଦିଆସରିଲାଣି । ଅଷ୍ଟ୍ରେଲିଆ ଓ ବ୍ରିଟେନ୍ ପରି ଦେଶ ବର୍ତ୍ତମାନ ସମୟରେ ଏହି ଟୀକାକୁ ବ୍ୟବହାର କରି ସର୍ଭାଇକାଲ କ୍ୟାନସରକୁ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟାର ତାଲିକାରୁ ହଟାଇବାର ଦ୍ୱାର ଦେଶରେ ଅଛନ୍ତି । ତେଣୁ ଭାରତ ସରକାରଙ୍କର ଏଚ.ପି.ଭି ଟୀକାକୁ ସ୍ୱୀକୃତି ପ୍ରଦାନ କରିବା ବର୍ତ୍ତମାନ ସମୟରେ ଏକ ଅତ୍ୟନ୍ତ ସମୟୋପଯୋଗୀ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ଅଟେ ଓ ଏଥିପାଇଁ ସେ ଧନ୍ୟବାଦର ପାତ୍ର । ଏହି ପ୍ରକ୍ରିୟାଟିକୁ କିନ୍ତୁ ପନ୍ଦର ବର୍ଷ ସମୟ ଲାଗିଲା । ଭବିଷ୍ୟତ ଟୀକାକରଣ ବା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସକାଶେ ଏହି ବିଳମ୍ବ ପ୍ରକ୍ରିୟାଟି ଆମକୁ କିଛି ଶିକ୍ଷା ଦେଉଛି ।

ପ୍ରଥମଟି ହେଉଛି ଉପଯୁକ୍ତ ସୂଚନାର ଆଦାନ ପ୍ରଦାନ । ଲୋକମାନଙ୍କୁ ସରଳ ଭାବରେ ବୁଝାଇବା ଦରକାର ଯେ, ଟୀକାଟିର ଦେବାର କାରଣ କଣ ? ଏହା କେଉଁ ରୋଗର ପ୍ରତିଷେଧକ ଭାବରେ କାମ କରିବ ଓ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହେଲେ ସେଗୁଡ଼ିକର ପରିଚାଳନା ପାଇଁ କେଉଁ କେଉଁ ବ୍ୟବସ୍ଥା ରହିଛି ଇତ୍ୟାଦି । କୌଣସି ପ୍ରକାର ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା ହେଲେ ତା'ର ଉପଯୁକ୍ତ ଓ ତତ୍କ୍ଷଣାତ୍ ଚିକିତ୍ସା ଓ ନିରପେକ୍ଷ ତଦନ୍ତ କରିବା ମଧ୍ୟ ସରକାରଙ୍କର ଏକ ଗୁରୁ ଦାୟିତ୍ୱ ।

ଦ୍ୱିତୀୟଟି ହେଉଛି ନୈତିକତା ଦୃଷ୍ଟିରୁ ସ୍ୱଚ୍ଛତା । ଯେହେତୁ ଟୀକାକରଣଟି କିଶୋରୀ ବାଳିକା ତଥା ସମାଜର ବଞ୍ଚିତ ବର୍ଗମାନଙ୍କୁ ଲକ୍ଷ୍ୟ କରି ଆରମ୍ଭ କରାଯାଇଛି, ତେଣୁ ଯଥେଷ୍ଟ ନୈତିକତା ଅଣାଯାଇ ଲୋକମାନଙ୍କଠାରେ ବିଶ୍ୱାସ ସୃଷ୍ଟି କରାଯିବା ଦରକାର । ବିଶ୍ୱାସର ଅଭାବରେ କୌଣସି ଜନମଙ୍ଗଳ କାର୍ଯ୍ୟ କେବେ ବି ସଫଳ ହୋଇପାରିବ ନାହିଁ । ଉଦାହରଣ ସ୍ୱରୂପ:- ୨୦୦୯ ମସିହାର ଦୁର୍ଘଟଣା ।

ଏହି ଏଚ.ପି.ଭି ଟୀକାକୁ ବିନାମୂଲ୍ୟରେ ଦିଆଯିବାର ବ୍ୟବସ୍ଥା ବର୍ତ୍ତମାନ ସରକାରଙ୍କ ତରଫରୁ କରାଯାଇଛି । ଭାରତୀୟ ସମାଜରେ ଆର୍ଥିକ ଓ ସାମାଜିକ ଉନ୍ନତି ଆଣିବାରେ ଯେ ଏହା ସହାୟକ ହେବ ଏଥିରେ ସନ୍ଦେହ ନାହିଁ । କେବଳ ଟୀକାକରଣଦ୍ୱାରା ଆମେ ଜରାୟୁ କର୍କଟକୁ ନିୟନ୍ତ୍ରଣ କରିପାରିବା ନାହିଁ । ଏଥିପାଇଁ ସ୍କ୍ରିନିଙ୍ଗର ମଧ୍ୟ ଆବଶ୍ୟକତା ରହିଛି । ଯେଉଁ ବୟସ୍କ ମହିଳାମାନେ ଟୀକା ନେଇନାହାନ୍ତି, ସେମାନଙ୍କୁ "ପାପ୍ ସ୍ମିଅର" ମାଧ୍ୟମରେ ସ୍କ୍ରିନିଙ୍ଗ ବା ପରୀକ୍ଷା କରାଯାଇପରିବ ।

ଭାରତ ମଧ୍ୟ ଏହାର ଜାତୀୟ ଟୀକାକରଣ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ନିହାତି ଆବଶ୍ୟକ । ଏଥିରେ ବାଲ୍ୟାବସ୍ଥା, ଶୈଶବାବସ୍ଥା ସହିତ କୈଶୋର ଓ ବୟସ୍କାବସ୍ଥାକୁ ସମ୍ମିଳିତ କରିବା ଦରକାର । ଭାରତ ଏଚ.ପି.ଭି ଟୀକାକୁ ସ୍ୱୀକୃତି ଦେବା ଏକ ଅଗ୍ରଗାମୀ ପଦକ୍ଷେପ । ଯଦି ଜନସାଧାରଣଙ୍କର ସହଯୋଗ, ବିଶ୍ୱାସଦ୍ୱାରା ଏହି କାର୍ଯ୍ୟକ୍ରମଟି ସଫଳ ହୁଏ, ତେବେ ଅତୀତରେ ଦୂରୀଭୂତ ହୋଇପାରିଥିବା "ପୋଲିଓ" ପରି ଆମେ ଜରାୟୁ କର୍କଟକୁ ମଧ୍ୟ ଭାରତ ମାଟିରୁ ସବୁଦିନ ପାଇଁ ନିଶ୍ଚିହ୍ନ କରିଦେଇପାରିବା । ନିକଟରେ ଯାଇଥିବା ଆନ୍ତର୍ଜାତିକ ମହିଳା ଦିବସରେ ଆମ ମା' ମାନଙ୍କ ପାଇଁ ଏହା ହେବ ସବୁଠାରୁ ଶ୍ରେଷ୍ଠ ଉପହାର ।

# ଧାର୍ମିକ ହିଂସା ଓ ପ୍ରତିହିଂସାର ବିଷ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଧର୍ମ ଆଧାରିତ ହିଂସା ଏବେ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି । ଗୋଟିଏ ଦେଶରେ ଧାର୍ମିକ ହିଂସା ଅନୁଷ୍ଠିତ ହେଲେ, ଅନ୍ୟ ଦେଶରେ ଏହାର ପ୍ରତିହିଂସା ଦେଖା ଦେଉଛି । କିଛିଦିନ ତଳେ ଆମ ପଡୋଶୀ ବାଙ୍ଗଲା ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର, ତାଙ୍କୁ ହତ୍ୟା, ତାଙ୍କ ଘରପୋଡ଼ି, ମନ୍ଦିର ଭଙ୍ଗାଯିବ ପରି ନାରକୀୟ ଘଟଣା ସମ୍ମୁଖକୁ ଆସିଛି । ଏହିପରି ଘଟଣା ପାକିସ୍ଥାନରେ ମଧ୍ୟ ପୂର୍ବରୁ ଘଟିଛି । ଧର୍ମଭିତ୍ତିକ ହିଂସା କେବଳ ଏହି ଦେଶରେ ରହିଛି ଏବଂ ଭାରତରେ ନାହିଁ ବୋଲି କହି ହେବ ନାହିଁ । ଆମ ଦେଶରେ ମଧ୍ୟ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେବାର ଅନେକ ଦୃଷ୍ଟାନ୍ତ ରହିଛି । ଉଭୟ ବାଂଲାଦେଶ ଓ ପାକିସ୍ଥାନରେ ହିନ୍ଦୁମାନେ ସଂଖ୍ୟାଲଘୁ । କିନ୍ତୁ ଭାରତରେ ମୁସଲମାନ, ଖ୍ରୀଷ୍ଟିୟାନ ଓ ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ ଧର୍ମର ଲୋକମାନେ ସଂଖ୍ୟାଲଘୁ । ଏ ସମସ୍ତ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଏକ ପୁରୁଣା ରୋଗ । ଏଦିଗରେ କେବଳ ଗୋଟିଏ ଦେଶକୁ ଦୋଷଦେଲେ ଚଳିବ ନାହିଁ । ଏହାର ଐତିହାସିକ ଓ ସାମାଜିକ ପୃଷ୍ଠଭୂମି ରହିଛି । ଗୋଟିଏ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ହେଲେ ଅନ୍ୟ ଦେଶରେ ଏହାର ପ୍ରତିକ୍ରିୟା ପରିଲକ୍ଷିତ ହେଉଛି ।

କେଇମାସ ତଳେ ଭାରତବର୍ଷରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବିରୋଧରେ ହିଂସା ପରିଲକ୍ଷିତ ହେଲା । ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ଗ୍ରାହାମ ଷ୍ଟେନ୍ ଓ ତାଙ୍କ ଦୁଇ ଶିଶୁପୁତ୍ରକୁ ପୋଡି ମାରିବାର ଦୃଷ୍ଟାନ୍ତ ରହିଛି ଯାହା ବିଶ୍ୱର ସମସ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀ ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ପୁଣି ଏବେକାର ଘଟଣା ଯୋଗୁଁ ବିଭିନ୍ନ ଦେଶରେ ପ୍ରତିକ୍ରିୟା ଦେଖାଦେଇଛି । ଫଳରେ ବିଭିନ୍ନ ଖ୍ରୀଷ୍ଟ ବହୁଳ ଦେଶରେ ଭାରତୀୟ ହିନ୍ଦୁମାନଙ୍କ ପ୍ରତି ନକାରାତ୍ମକ ଭାବନା ଜାଗ୍ରତ ହେଉଛି । ଘଟଣାର ପ୍ରତିକ୍ରିୟା ସ୍ୱରୂପ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ସାମ୍ବାଦିକ ଘୋଷଣା କରିଛନ୍ତି ଯେ ନୂଆବର୍ଷ ପରେ ହିନ୍ଦୁ ମନ୍ଦିର ଓ ବାଛି ବାଛି ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯିବ । ଆଶା କରିବା ଏପରି କିଛି ନହେଉ ଓ ସେଠାକାର ସରକାର ଏ ଦିଗରେ ସତର୍କ ରହନ୍ତୁ । ତଦ୍ରୂପଭାବେ ମୁସଲମାନମାନଙ୍କ ଉପରେ ଅତ୍ୟାଚାର ସମାନ ପ୍ରତିକ୍ରିୟା ସୃଷ୍ଟି କରିବ । ଭାରତରେ ଏପରି ଆକ୍ରମଣ ଓ ହିଂସା ବନ୍ଦ ହେବା ଉଚିତ୍ । ଏପରି କରିବା ଦ୍ୱାରା ପାଶ୍ଚାତ୍ୟ ଦେଶରେ ତଥା ମୁସଲମାନ ଦେଶରେ କର୍ମନିଯୁକ୍ତି ପାଇଥିବା ଲକ୍ଷ ଲକ୍ଷ ଭାରତୀୟ ହିନ୍ଦୁଙ୍କୁ ବିପଦରେ ପକାଇବା । ଏହା ସହିତ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ଧର୍ମର ଯେଉଁ ଉଦାରବାଦୀ ଛବି ବିଦେଶରେ ତିଆରି କରିଛନ୍ତି ତାହା ମଧ୍ୟ ଧୂଳିସାତ୍ ହୋଇଯିବ । ଆମ ଆନ୍ତର୍ଜାତିକ ସମ୍ବନ୍ଧ ବିଗଡିଯିବ । ବଦଳରେ ଆମେ ନିଶ୍ଚିତ ଚାହିଁବା ଯେ ବିଶ୍ୱର କୌଣସି ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ନହେଉ ।

ହିଂସାରୁ ଜାତ ପ୍ରତିହିଂସା । ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା । ଘୃଣା, ଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ । ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରିୟା ଆଗକୁ ବଢ଼ିଚାଲେ । ଏହା ହଠାତ୍ ସମାପ୍ତ ହୁଏ ନାହିଁ । କ୍ରମେ ସଂକ୍ରମିତ ହୋଇ ଆହୁରି ବଢେ । ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତ କରେ । କ୍ରମେ ତାହା ଦାନାବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ । ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢିପରେ ପିଢି ଉଦଜୀବିତ ରହେ । ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେ ନାହିଁ । ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ ।

ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ । ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ । ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ । ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ । ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷୀପ୍ରଭାବେ ବଂଶ ବିସ୍ତାରକରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ । ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ ଓ ସମୟସାପେକ୍ଷ ହୁଏ । ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣା ହୋଇଛି । ସ୍ୱାଧୀନତାପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି । ରାଜନୀତି ଏଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି । କେବଳ ଭାରତ ନୁହେଁ ଉଭୟ ବାଂଲାଦେଶ ଓ ପାକିସ୍ଥାନରେ ମଧ୍ୟ ସମାନ ଢଙ୍ଗରେ ରାଜନୀତି ଚାଲିଛି ।

ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା-ପ୍ରତିହିଂସା, ଘୃଣା-ଦ୍ୱେଷ, ଭଙ୍ଗା-ରୁଜା, ଗାଳି-ଗୁଲଜ, ରାଗ-ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି । ବିକାଶ ପରିବର୍ତ୍ତେ ଧାର୍ମିକ ଉନ୍ମାଦନା ସୃଷ୍ଟିକୁ ମୁଖ୍ୟ ବିଷୟଭାବେ ଗ୍ରହଣ କରାଯାଉଛି । ଭାରତରେ ଧାର୍ମିକ ବିଦ୍ୱେଷର ମଞ୍ଜିବୁଣି ଧର୍ମ ଆଧାରରେ ଭୋଟର ଧ୍ରୁବୀକରଣ ପାଇଁ ପ୍ରୟାସ ହେଉଛି । ହିନ୍ଦୁ ଭୋଟର ଏକତ୍ରୀକରଣ, ମୁସଲମାନ ଭୋଟର ଏକତ୍ରୀକରଣ, ଶିଖ୍ ଭୋଟର ଏକିତ୍ରିକରଣ, ଲିଙ୍ଗାୟତ୍ ଭୋଟର ଏକତ୍ରୀକରଣ ପାଇଁ ଚେଷ୍ଟା ହେଉଛି । ଏଥିପାଇଁ ଧାର୍ମିକ ବିଦ୍ୱେଷ ବିଷୟ ଖୋଜା ହେଉଛି ଓ ଏହାକୁ ଲୋକଙ୍କ ମଧ୍ୟରେ ବଣ୍ଟା ହେଉଛି । ଧାର୍ମିକ ମଞ୍ଚରୁ ଗୋଟିଏ ଧର୍ମର ବଡବଡ଼ିଆମାନେ ଅନ୍ୟ ଧର୍ମର ଲୋକଙ୍କୁ ଗାଳି ଦେଉଛନ୍ତି । ରାଜନୈତିକ ମଞ୍ଚରୁ ମଧ୍ୟ ଧର୍ମ ଭିତ୍ତିରେ ଗାଳିଗୁଲଜ ହେଉଛି । ସମାଜରେ, ପରିବାରରେ, ଚା' ଖଟିରେବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି । ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତିପ୍ରତି ଧାର୍ମିକ ଓ ଜାତିଗତ ଘୃଣା ଶୁଣି ଶୁଣି ବଢୁଛି । ବାଂଲାଦେଶ ଓ ପାକିସ୍ତାନରେ ହିନ୍ଦୁ ବହୁଳ ଭାରତବର୍ଷ ବିରୁଦ୍ଧରେ ହିଂସାଭାବ ରହିଛି । ଏହା ବିନା ସେଠାରେ ରାଜନୀତି ଚାଲିବ ନାହିଁ ।

ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁଁ ଧାର୍ମିକ ମୌଳବାଦ ବଢୁଛି । ଧର୍ମ ଆଧାରରେ ମୋବ୍ ଲିନଚିଂ ହେଉଛି । ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯାତନା ଦିଆଯାଉଛି । ତାଙ୍କୁ ହତ୍ୟା ମଧ୍ୟ କରାଯାଉଛି । ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ୍ୟ ଅଛି । ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି । ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ । ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତକ୍ଷଣାତ ନୁହେଁ । ଏହା ଦୀର୍ଘ ମାନସିକତାର ପ୍ରତିଫଳନ । ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୁରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ । ଫଳରେ ହତ୍ୟା, ଗଣହତ୍ୟା, ମୋବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ଘଟଣା ସମ୍ମୁଖକୁ ଆସୁଛି । ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡି ମାତ୍ର ଯାହା ଅତୀତକୁ ଲମ୍ବିଛି ।

ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚିତ୍ ? ଯିଏ ପରଦାର ସମ୍ମୁଖରେ ହିଂସା ପ୍ରଦର୍ଶନ କରୁଛି ସିଏ ନା ଯିଏ ଏଥିପାଇଁ ସମାଜରେ ବିଷମଞ୍ଜି ବୁଣି ଆସିଛି ସିଏ ? ପ୍ରକୃତପକ୍ଷେ ଉଭୟେ ଦାୟୀ । ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ । ଯେଉଁ ଗଣମାଧ୍ୟମଗୁଡିକ ବିଶେଷକରି ଦୂରଦର୍ଶନ ଚାନେଲଗୁଡିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି ସେମାନେ ମଧ୍ୟ ଖସିଯାଇ ପାରିବେ ନାହିଁ । ମନେ ରଖିବାକୁ ହେବ ଭାରତବର୍ଷରେ ଗଣତନ୍ତ୍ରର ଜଡ ମଜଭୂତ ଏବଂ ଗଣତନ୍ତ୍ରରେ ହିଂସାର ବିଜୟ ଅସମ୍ଭବ । କାରଣ ଗୋଟିଏ ହିଂସା ଆଉ ଗୋଟିଏ ହିଂସାକୁ ଜନ୍ମଦେବ । ପାକିସ୍ଥାନ ଓ ବାଂଲାଦେଶ ମଧ୍ୟ ହିଂସା ଉପରେ ପ୍ରତିଷ୍ଠିତ ନିଜ ରାଷ୍ଟ୍ରୀୟତାକୁ କେବେ ସୁଦୃଢ କରିପାରିବ ନାହିଁ । ଇତିହାସ ହେଉଛି ମୂକସାକ୍ଷୀ ଯେ ହିଂସା ସୃଷ୍ଟିକାରୀ ଦିନେ ନିଜେ ହିଂସାର ଶୀକାର ହୁଏ । ରାଜନୈତିକ ଲାଭପାଇଁ ଧାର୍ମିକ ବିଦ୍ୱେଷର ଯେଉଁ ସାହାରା ନିଆଯାଉଛି ତାହା ଦିନେ ବୁମେରାଂ ହେବ । କାରଣ ବିଦ୍ୱେଷ ବିଭିନ୍ନ ରୂପରେ ତିଆରି ହେବ । ଯିଏ ବିଦ୍ୱେଷ ବାଣ୍ଟୁଛି ତା ବିରୁଦ୍ଧରେ ବି କାଲି ବିଦ୍ୱେଷ ତିଆରି ହେବ । ଏହା ଛଡା ନିଜର ଫାଇଦାପାଇଁ ଯେଉଁ ଭିଡତନ୍ତ୍ର ତିଆରି କରାଯାଉଛି ହିଂସାପାଇଁ, ଦିନ ଆସିବ ସେହି ଭିଡ ନିୟନ୍ତ୍ରଣର ବାହାରକୁ ଚାଲିଯିବ । ସେତେବେଳେ ଏମାନେହିଁ ଭସ୍ମାସୁର ବନିଯିବେ । ତେଣୁ ବିଭିନ୍ନ ଦେଶରେ ଦେଖା ଦେଉଥିବା ଧର୍ମଭିତ୍ତିକ, ଜାତିଭିତ୍ତିକ, ସମ୍ପ୍ରଦାୟଭିତ୍ତିକ ଓ ଅଞ୍ଚଳଭିତ୍ତିକ ହିଂସାର ପ୍ରତିହତ ପାଇଁ ସହମତି ପ୍ରକାଶ ପାଉ ଏବଂ ଏଦିଗରେ ସମସ୍ତ ଦେଶ ସମୁଚିତ ପଦକ୍ଷେପ ନିଅନ୍ତୁ । ହିଂସା ହେଉଛି ବିନାଶର କାରଣ ଓ ହିଂସାର ଅନ୍ତରେ ରହିଛି ପ୍ରଗତି ।

# ଭାଗବତର ମହତ୍ତ୍ୱ ଏବଂ ସାମାଜିକ ଆବଶ୍ୟକତା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଭାଗବତ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ ବରଂ ଆଧ୍ୟାତ୍ମିକ ଏବଂ ନୈତିକ ଶିକ୍ଷାର ଏକ ଉତ୍ସ । ଭାଗବତ ପାଠ କରିବା ଦ୍ୱାରା ମନକୁ ଧର୍ଯ୍ୟ ଏବଂ ଶାନ୍ତି ମିଳିଥାଏ । ଆଜିର ବ୍ୟସ୍ତବହୁଳ ଏବଂ ଚାପପୂର୍ଣ୍ଣ ଜୀବନରେ ଲୋକମାନେ ମନର ଶାନ୍ତି ପାଇବା ପାଇଁ ବିଭିନ୍ନ ଉପାୟ ଖୋଜୁଛନ୍ତି । ଏପରି ପରିସ୍ଥିତିରେ, ଭାଗବତର ଶ୍ଳୋକ ଏବଂ ବାଣୀ ମନକୁ ଶାନ୍ତ କରିଥାଏ ଏବଂ ଆଧ୍ୟାତ୍ମିକ ସନ୍ତୋଷ ପ୍ରଦାନ କରିଥାଏ । ଏହା ଭକ୍ତିକୁ ବୃଦ୍ଧି କରିଥାଏ । ଭାଗବତ ବିଶେଷ ଭାବରେ ଭକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ । ଏହା ଈଶ୍ୱରଙ୍କ ପ୍ରତି ଭକ୍ତି ଏବଂ ପ୍ରେମ ବିକଶିତ କରିବାର ସର୍ବୋତ୍ତମ ଉପାୟ । ଏହା ଲୋକମାନଙ୍କୁ ସେମାନଙ୍କର ଅହଂକାର ତ୍ୟାଗ କରି ଏକ ସରଳ ଏବଂ ନମ୍ର ଜୀବନଯାପନ କରିବାକୁ ପ୍ରେରଣା ଦିଏ । ଭାଗବତ ପାଠ କରିବା ଦ୍ୱାରା ନୈତିକ ମୂଲ୍ୟବୋଧରେ ଉନ୍ନତି ଆଣେ । ଏହି ପୁସ୍ତକ ଧାର୍ମିକତା, ସତ୍ୟବାଦୀତା, ଦୟା, କରୁଣା ଏବଂ ସଚ୍ଚୋଟତା ଭଳି ଗୁଣ ଉପରେ ବହୁତ ଗୁରୁତ୍ୱ ଦିଏ । ଏହାକୁ ପଢ଼ିବା ଦ୍ୱାରା ଲୋକଙ୍କୁ ଭଲ ମଣିଷ ହେବାକୁ ପ୍ରେରଣା ମିଳେ ଏବଂ ସମାଜରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୁଏ । ଏହା ଆତ୍ମ-ଜ୍ଞାନ ଏବଂ ଜୀବନର ସତ୍ୟକୁ ବୁଝିବାରେ ସାହାଯ୍ୟ କରେ । ଭାଗବତର ବାଣୀ ଜୀବନର ଅନିତ୍ୟତା, କର୍ମର ପରିଣାମ ଏବଂ ମୋକ୍ଷର ପଥ ବିଷୟରେ ସୂଚନା ପ୍ରଦାନ କରେ । ଏହା ଜଣେ ବ୍ୟକ୍ତିକୁ ସଠିକ ଦିଗରେ ଗତି କରିବାକୁ ପ୍ରେରଣା ଦିଏ ।

ଭାରତୀୟ ସଂସ୍କୃତି ଏବଂ ଧାର୍ମିକ ପରମ୍ପରାରେ, ଶ୍ରୀମଦ୍ ଭାଗବତ ପୁରାଣ ଏକ ଅତ୍ୟନ୍ତ ପବିତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ । ଏହାକୁ ମହର୍ଷି ବ୍ୟାସଙ୍କ ଦ୍ୱାରା ରଚିତ ବୋଲି ବିଶ୍ୱାସ କରାଯାଏ । ଭାଗବତ ପୁରାଣ ଭଗବାନ ଶ୍ରୀକୃଷ୍ଣଙ୍କ କାରନାମା, ଧର୍ମ, ଭକ୍ତି ଏବଂ ଜୀବନର ଉଚ୍ଚ ଆଦର୍ଶ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରେ । ଏହା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ବରଂ ଜୀବନର ଏକ ଦର୍ଶନ ଯାହା ବ୍ୟକ୍ତିକୁ ସଠିକ ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ । ଭାଗବତ ପୁରାଣ ଭକ୍ତି ଉପରେ ଆଧାରିତ । ଏହା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଏବଂ ଭକ୍ତି ରହିବାକୁ ଶିକ୍ଷା ଦିଏ । ଏହା ଦର୍ଶାଏ ଯେ ସରଳ ଭକ୍ତି ମୋକ୍ଷ ଆଡ଼କୁ ନେଇପାରେ । ଭାଗବତ ଅନେକ କାହାଣୀ ଏବଂ ଉଦାହରଣ ମାଧ୍ୟମରେ ନୈତିକ ଶିକ୍ଷା ପ୍ରଦାନ କରେ । ପ୍ରହ୍ଲାଦଙ୍କ ଭକ୍ତି, ଧ୍ରୁବଙ୍କ ଭକ୍ତି ଏବଂ ଅମ୍ବରୀଶଙ୍କ ଭକ୍ତି ସତ୍ୟ, ଧାର୍ମିକତା ଏବଂ ସହନଶୀଳତାର ମୂଲ୍ୟ ଶିକ୍ଷା ଦିଏ । ଭାଗବତର ଦଶମ ଅଧ୍ୟାୟ ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟକାଳ, ଯୌବନ ଏବଂ ପରିଣତ ବୟସରେ ତାଙ୍କର କାରନାମା ବର୍ଣ୍ଣନା କରେ । ଗୋପୀମାନଙ୍କ ସହିତ ତାଙ୍କର ମିଳନ ସାକ୍ଷାତ, କଂସଙ୍କ ବଧ ଏବଂ ଗୀତାର ଶିକ୍ଷା ଧର୍ମ ଏବଂ କର୍ତ୍ତବ୍ୟର ଶିକ୍ଷା ଦିଏ । ଭଗବଦ୍ ଗୀତା ଆମକୁ କହେ ଯେ ଏହି ଜୀବନ ଅନିତ୍ୟ ଏବଂ ପ୍ରବଞ୍ଚନାପୂର୍ଣ୍ଣ । ତେଣୁ, ଜୀବନକୁ ସଫଳ କରିବା ପାଇଁ, ଧର୍ମ, କର୍ମ ଏବଂ ଭକ୍ତିରେ ବୁଡ଼ି ରହିବା ଉଚିତ । ଭଗବଦ୍ ଗୀତାର ମହତ୍ତ୍ୱ ଜନ୍ମ ଏବଂ ମୃତ୍ୟୁର ଶିକୁଳିରୁ ମୁକ୍ତି ଦେବାର କ୍ଷମତାରେ ରହିଛି । ଏହା ଆତ୍ମାର ପବିତ୍ରତା ଏବଂ ପରମ ଶାନ୍ତି ପ୍ରାପ୍ତ କରିବାର ଉପାୟ ପ୍ରଦାନ କରେ ।

ତେଣୁ, ଭଗବଦ୍ ଗୀତାର ସାମାଜିକ ଆବଶ୍ୟକତା କ'ଣ ? ଆସନ୍ତୁ ଜାଣିବା । ଆଜିର ସମାଜ ଦୁର୍ନୀତି, ହିଂସା, ମିଥ୍ୟା ଏବଂ ଅନ୍ୟାନ୍ୟ ଅନେକ ଅନୈତିକ କାର୍ଯ୍ୟ ଦ୍ୱାରା ଜର୍ଜରିତ । ଭଗବଦ୍ ଗୀତାର ଶିକ୍ଷା ବ୍ୟକ୍ତିମାନଙ୍କୁ ନୈତିକ ଏବଂ ସତ୍ୟବାଦୀ ହେବାକୁ ସଶକ୍ତ କରେ, ଯାହା ଏକ ସୁସ୍ଥ ସମାଜ ଆଡ଼କୁ ନେଇଯାଏ । ଆଜିର ବିଶ୍ୱରେ, ଲୋକମାନେ ଚିନ୍ତା, ଚାପ ଏବଂ ଅଶାନ୍ତି ସହିତ ବଞ୍ଚନ୍ତି । ଭଗବଦ୍ ଗୀତା ପଢ଼ିବା ଏବଂ ଶୁଣିବା ଦ୍ୱାରା ଜୀବନରେ ମନର ଶାନ୍ତି ଏବଂ ସନ୍ତୁଳନ ଆସେ । ଭଗବଦ୍ ଗୀତା ଲୋକଙ୍କୁ ପ୍ରେମ, ସହଯୋଗ ଏବଂ ଭ୍ରାତୃତ୍ୱ ଶିଖାଏ । ଏହା ସମସ୍ତ ଜାତି, ଧର୍ମ ଏବଂ ବର୍ଗର ଲୋକଙ୍କୁ ଏକତ୍ର କରିବାରେ ସାହାଯ୍ୟ କରେ । ଭଗବଦ୍ ଗୀତା ଆମକୁ ପରିବାର ଏବଂ ସମ୍ପର୍କର ଗୁରୁତ୍ୱ ବିଷୟରେ ଅନେକ ଶିକ୍ଷା ଦିଏ । ଏହା ପରିବାର ମଧ୍ୟରେ ପ୍ରେମ, ସମ୍ମାନ ଏବଂ ଏକତାକୁ ପ୍ରୋତ୍ସାହିତ କରେ । ଆଜିର ଯୁବପିଢ଼ି ପ୍ରାୟତଃ ସଠିକ୍ ପଥରୁ ବିଚ୍ୟୁତ ହୁଅନ୍ତି । ଭଗବଦ୍ ଗୀତାର ଶିକ୍ଷା ଲୋକଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରେ ଏବଂ ସତ୍ୟ, ନୀତି ଏବଂ ଆଦର୍ଶ ଉପରେ ଆଧାରିତ ଜୀବନଯାପନ କରିବାକୁ ପ୍ରେରଣା ଦିଏ ।

ଆଜିର ସମୟରେ, ବିଜ୍ଞାନ ଏବଂ ପ୍ରଯୁକ୍ତିର ଉନ୍ନତି ସତ୍ତ୍ୱେ, ଲୋକଙ୍କ ମନରେ ମାନସିକ ଶାନ୍ତିର ଅଭାବ ରହିଛି । ଏହି ସମୟରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି । ଏହା ଲୋକଙ୍କୁ ଆତ୍ମବିଶ୍ୱାସ, ସହନଶୀଳତା ଏବଂ ଧୈର୍ଯ୍ୟ ପ୍ରଦାନ କରେ । ଭଗବଦ୍ ଗୀତା ଆମକୁ ଶିକ୍ଷା ଦିଏ ଯେ ପ୍ରକୃତ ଧନ ଆଧ୍ୟାତ୍ମିକ ସମ୍ପତ୍ତିରେ ନାହିଁ, ଭୌତିକ ସମ୍ପତ୍ତିରେ ଅଛି । ଏହା ଲୋକଙ୍କୁ ନିଜ ମନକୁ ନିୟନ୍ତ୍ରଣ କରିବାକୁ ଏବଂ ସରଳ ଜୀବନଯାପନ କରିବାକୁ ପ୍ରେରଣା ଦିଏ । ଭଗବଦ୍ ଗୀତା ପଠନ ସାମାଜିକ ଏକତାକୁ ମଜବୁତ କରେ । ଏକାଠି ବସିବା, ଭଗବଦ୍ ଗୀତା ଶୁଣିବା କିମ୍ବା ପଠନ ସହଯୋଗ, ଭାଇଚାରା ଏବଂ ବନ୍ଧୁତାକୁ ପ୍ରୋତ୍ସାହିତ କରେ । ଭଗବଦ୍ ଗୀତା ପଠନ ଆଧ୍ୟାତ୍ମିକ ଶାନ୍ତି, ନୈତିକ ଶକ୍ତି ଏବଂ ଜୀବନରେ ସଠିକ୍ ଦିଗ ପ୍ରଦାନ କରେ । ଏହା ଆମ ଜୀବନକୁ ଶୁଭ ଏବଂ ସଫଳ କରିବା ପାଇଁ ଏକ ଅତ୍ୟାବଶ୍ୟକୀୟ ଉପକରଣ । ଶ୍ରୀମଦ୍ ଭଗବଦ୍ ଗୀତା ଏକ ମୂଲ୍ୟବାନ ଧାର୍ମିକ ଏବଂ ସାମାଜିକ ଗ୍ରନ୍ଥ । ଏହାର ମହିମା ଅପାର ଏବଂ ଏହା ଲୋକଙ୍କୁ ନୈତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ଭାବରେ ସଶକ୍ତ କରେ । ଆଜିର ସମାଜରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି କାରଣ ଏହା ଲୋକଙ୍କୁ ସଠିକ୍ ପଥ ଦେଖାଏ ଏବଂ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ସମାଜ ସୃଷ୍ଟି କରିବାରେ ସାହାଯ୍ୟ କରେ । ଆମ ସମସ୍ତଙ୍କୁ ଭାଗବତଙ୍କ ଶିକ୍ଷାକୁ ଆମ ଜୀବନରେ ଅନୁସରଣ କରିବା ଉଚିତ, ଯାହା ଆମକୁ ଏବଂ ସମାଜକୁ ଲାଭଦାୟକ ହେବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଅଭିଶପ୍ତା ଭୂଇଁ

## ଶରତ କୁମାର ଦାସ



ଆସ ଦେଖିନିଅ ଆଖିଖୋଲି
କେମିତି ବୁଲୁଛି ବାରହାତ ଖଣ୍ଡା,
ରାଜରାସ୍ତାର କଳା ମଚମଚ ଛାତିରେ
କିପରି ଠୋଠୋ ହସୁଛି ଲାଲ ରକ୍ତର ଛିଟା।

ଏବେ ତ ଟ୍ରେନ୍ ଛାଡ଼ିବାର ବେଳ
ଶୁଭିଲାଣି ଲମ୍ବା ସିଗ୍‌ନାଲ୍
ପାହାଡ଼ ସେପଟୁ;
ଏପଟେ ଲୋକଙ୍କର ହୋହାଲ୍ଲା ଧାଁଧଉଡ଼
ଷ୍ଟେସନ୍‌ରୁ ଶେଷ ବତୀ ଲିଭିବା ପୂର୍ବରୁ।

ଭଙ୍ଗା ଛାତ ଉପରେ ମଉନେ ବସିଥିବା
ପକ୍ଷୀଟି ଉଡ଼ିଗଲାଣି ଡେଣାଝାଡ଼ି
କାହିଁ କେତେବେଳୁ ।

ସବୁ ଯେମିତି ବିପର୍ଯ୍ୟସ୍ତ
ବାରୁଦ ଗନ୍ଧରେ ।

ଯେମିତି ଗର୍ଜନ କରି କିଏ କହୁଛି
ଏ ଜାଗା ଛାଡ଼ି ଚାଲିଯାଓ ଶୀଘ୍ର
ଚାଲିଯାଓ.... ଚାଲିଯାଓ....
ଆଉ ଆସିବନି ଜମା କେବେ ।

ସାଇତା ହୋଇରହିଛି କେବଳ ଏଠି
କାହିଁ କୋଉ କାଳୁ ଜଳଜଳ ଦିଶୁଥିବା
ଯେତେ ସବୁ ଘୃଣା, ହିଂସା, ଈର୍ଷା, ଅସୂୟାର
କୁଢ଼କୁଢ଼ ରକ୍ତିମ ଛବି ।

ଏ ଭୂଇଁ ପରା ଅଭିଶପ୍ତା
ପଥର ଆଖିରେ କାହୁଁ ଆସିବ ଲୁହ !
ପଶୁପକ୍ଷୀ କୀଟ ତରୁଲତା

ଏଇ ଦେଖ
ବାଘ ଘରେ କେମିତି ଲାଗିଛି ମିରିଗର ନାଟ

ଜାହାଜରେ ଆଉ ପଡୁନି ଲଙ୍ଗର
ସବୁ ଖୋଲମଖୋଲା ବେଧଡ଼କ
ବିସ୍ଫୋରଣର ଅହେତୁକ ଭୟ ଚରିଆଡ଼େ।

ବ୍ୟାଧ ବିଛାଇଛି ଜାଲ ଘନଜଙ୍ଗଲ ମଝିରେ
ଢକଢ଼କ ପିଇଯିବ ତତଲା ରକତ
କଂଚାଳିଆ ଅନ୍ଧାର ଭିତରେ ।

ଆକାଶରେ ଚାରିଖଣ୍ଡ ମେଘଙ୍କର ରଡ଼ି
ମାତ୍ର ଶୁଖିଲାଣି ସମୁଦ୍ରେକ ପାଣି
ନୀରବରେ ମାଟି ଗୁମୁରି କାନ୍ଦୁଛି
ନିତି ସକାଳରୁ ସଂଜ।

ଚଉଦିଗେ ଅଣଚାଶପବନଙ୍କ ରଣହୁଙ୍କାର
ହେଲେ ଦେହକୁ ଛୁଉଁନି ବସନ୍ତ ମଳୟ
ଶିରାପ୍ରଶିରାରେ ସତେଯେମିତି ଭେଦୁଛି
ନିଦାଘର ନିର୍ଘାତ ପ୍ରହାର ।

କିଏ ଆସୁଛି କିଏ ଯାଉଛି
କ'ଣ ହେଉଚି ପୁଣି କ'ଣ ନହେଉଛି
ହିସାବ କିଏ ବା ରଖିବ ଏଠି !
ସଭିଏ ତ ଅନ୍ଧ ଦିନ ଆଲୁଅରେ
ଉବୁଟୁବୁ ପୁଣି ସ୍ୱାର୍ଥର ମହୁଲି ନିଶାରେ।

ଫେରିଯାଅ ...ଫେରିଯାଅ....ତମେ
ଆଉ ଆସିବନି କେବେ ।

*ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ, ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

# ଯୁଦ୍ଧ ଓ କବିତା ...

## ଲତିକା ବିଳାସ



ମୁଁ କବିତା
ସବୁବେଳେ କହେ ମାଟିର କଥା
କେଉଁଠି କାଚ କି କଣ୍ଟାଟେ ଫୁଟିଲେ
କାଟି ହୋଇଯାଏ ମୋ କଲିଜା ....

ମୁଁ କବିତା
ଯୁଦ୍ଧର ଭାଷା ବୁଝିପାରେନି ବୋଲି
ପେଟ୍ରୋଲିୟମ୍‌ରେ ଖୋଜେ ପ୍ରଗତି
ଇଉରାନିୟମ୍‌ରେ ଉନ୍ନତି
ସବୁବେଳେ ବାଣ୍ଟେ ପ୍ରେମର ପ୍ରସାଦ
ଶାନ୍ତିର ସନ୍ଦେଶ
ତଥାପି ମୋ ସଫଳତା ନେଇ ମୁଁ ଖୁବ୍ ନିରାଶ
ମନରେ ଥାକଥାକ ଅବସୋସ ...



ସତରେ କାହିଁକି ଏ ପ୍ରଳୟ ପ୍ରସ୍ତୁତି
କାହିଁକି ଏ ଶୃଗାଳ ପ୍ରକୃତି
ନିଜ ହୁକେ ହୋକୁ ଜାବୁଡି
ଜନ୍ନତକୁ ଜହନ୍ନମ କରି
ପୁନଶ୍ଚ ଯାଯାବର ପାଲଟି ଯିବାର ଜିଦ୍
ଭୟ ଲାଗେ,
ଏ ଧୂଳି, ଧୂଆଁ, ଧ୍ୱଂସାବଶେଷରେ ଦିନେ
ହଜିଯିବନି ତ ମୋ ସୁନ୍ଦର ପୃଥିବୀ ...

ସେଥିପାଇଁ
ଯେବେ ଯେବେ ମିସାଇଲ୍ ଫୁଟେ
ଓଜୋନ ପରସ୍ତ ଫାଟେ
ଆମାଜନ ଜଙ୍ଗଲ ବିଳପେ
ନିଜ ଅପାରଗତାକୁ ମୁଁ ଖୁବ୍ ସମ୍ପେ
ତଥାପି କେଉଁ ହୋଇପାରେ ଶାନ୍ତିର ମନ୍ତ୍ରଟେ
ନା ଯୁଦ୍ଧମୁକ୍ତ ପୃଥିବୀର ଗୀତଟେ ....

*ଭଟଲି ଛକ, ବରଗଡ*



# ତାସ୍ ଘର

## ତନିମା ବାଳା ପରିଡ଼ା

ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ,
ସକ୍ରିୟ ହେଉଛି ନେବାକୁ ବାତ୍ୟାର ରୂପ।
ଝଡ଼ର ପୂର୍ବ ସୂଚନା ଦିଏ ଏଇ ଘୋର ନିସ୍ତବ୍ଧତା,
ଜ୍ୱଳନ ପୀଡ଼ା ଦିଏ ବାୟୁମଣ୍ଡଳର ଆର୍ଦ୍ରତା।

ବାତ୍ୟା ଆସେ ଯାଏ ତା ହିସାବରେ।
ଗଲାବେଳେ ରଚିଯାଏ ଧ୍ୱଂସର ବିଭୀଷିକା !
ଉଜାଡ଼ି ଦିଏ ଫଳ ବଗିଚା,
ଅସ୍ତ ବ୍ୟସ୍ତ ଜୀବନ ଜୀବିକା।
ସମୟ ଲାଗେ, ହେଲେ ପୁଣି ଥରେ
ସଜାଡି ହୋଇଯାଏ ସବୁକିଛି।

ଗଛ ଲତା ଶାଖା ମେଲି ପୁଣି ଥରେ
ନୂଆ ପତ୍ରରେ ନିଜକୁ ନିଅନ୍ତି ସଜେଇ !
ନଈକୂଳର ମଣିଷ ସଜାଡ଼ି ନିଏ ତାର ବାସ,
ଭଙ୍ଗାକାନ୍ଥ ତଳୁ ଆସବାବପତ୍ରକୁ ଗୋଟେଇ।

ଏମିତି ବେଳେବେଳେ ଝଡ ଉଠେ ଦାମ୍ପତ୍ୟରେ !
ଅବୁଝାମଣା ଦାନା ବାନ୍ଧୁଥାଏ ମନରେ।
ଅହଂରୁ ବଳ ଗୋଟାଉଥାଏ ଅଭିମାନ,
ନିରବ ଅଭିମାନ ତେଜୁଥାଏ ହୃଦୟ ଦହନ।
ହେଲେ ଅବପାତରେ ପରିଣତ ହେବା ଆଗରୁ
ଅନୁରାଗର ପୁବେଇ ପବନ ଦଲକାଏ
ଝଡ଼ର ଦିଗ ବଦଳାଇ ଦିଏ।
ଅତୁଟ ଏ ବନ୍ଧନ କେମିତିବା ଭାଙ୍ଗିପାରେ !
ବରଂ ସମ୍ପର୍କ ଆହୁରି ସୁଦୃଢ଼ ହୁଏ !

ବଦଳୁଛି ଏବେ ଜୀବନର ଧାରା,
ନାହିଁ ଆଗର ସେ ବଚନବଦ୍ଧତା।
ପ୍ରତିଶ୍ରୁତି ପାଣିରେ ଗାର ପରି ମିଳେଇ ଯାଉଛି !
ସାମାନ୍ୟ ଆଘାତରେ କାଚ ଝରକା ଭାଙ୍ଗିଲା ପରି
ଝଣ ଝଣ କରି ବିଶ୍ୱାସର କାନ୍ଥ ଭାଙ୍ଗିଯାଉଛି।
ହାଲ୍‌କା ପବନରେ ତାସ୍‌ର ଘର ପରି
ଖୁସିଖୁସିର ସଂସାରଟେ ଭାଙ୍ଗିବାର ଦେଖିଲେ
ଲାଗେ ସମୟ କେତେ ବଦଳି ସାରିଛି।

ହୁଅନ୍ତାନି ଏମିତି,ବିଶ୍ୱାସର ଧାରାଟିଏ
ପ୍ରୀତିର ଫଲଗୁ ହୋଇ ହୃଦୟରୁ ଆସନ୍ତା ବହି !
ସମ୍ପର୍କର ଶୁଷ୍କ ତରୁଲତା ପୁଣିଥରେ
ପଲ୍ଲବି ଉଠନ୍ତେ ହଜାରେ ବସନ୍ତର ବାସ୍ନା ନେଇ।

*ବି-୧୦୨, ସାଇ ଗାର୍ଡେନ୍ ଆପାର୍ଟମେଣ୍ଟ, ଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*
*ଦୂରଭାଷ-୯୪୩୭୦୮୯୮୫୮*

# ବରଂ

## ଡ଼ ସୀତାକାନ୍ତ ତ୍ରିପାଠୀ

ବରଂ ସବୁ ସ୍ମୃତି, ବିସ୍ମୃତିର ଗର୍ଭକୁ ଚାଲିଯିବା ଭଲ, କିନ୍ତୁ ତାକୁ ନେଇ
ମନସ୍ତାପ କିମ୍ବା ଦୋଷ ଲଦା - ଲଦିରେ ଅବା କି ଆନନ୍ଦ !

ବରଂ ସବୁ ଅର୍ଥ ଖର୍ଚ୍ଚ ହୋଇଯିବା କିମ୍ବା ହଜିଯିବା ଭଲ, କିନ୍ତୁ ତାକୁ ନେଇ
ଅନର୍ଥ ସୃଷ୍ଟି ହେବାରେ ଥାଏ ଅନେକ କପଟ ଆଉ ଛନ୍ଦ।

ବରଂ ପୁତ୍ର-ପୁତ୍ରୀ ହୀନ ହୋଇ ଜୀବନ ବିତାଇବାରେ ଥାଏ ଆନନ୍ଦ, କିନ୍ତୁ ତାଙ୍କୁ
ନେଇ କଳି ଗଣ୍ଡଗୋଳ ହେଲେ ଭାଗ୍ୟ ଭବିଷ୍ୟତ ହୋଇଯାଏ ମନ୍ଦ।

ବରଂ ଗାଁ ଘରେ ସବୁଦିନ ପାଇଁ ତାଲା ପଡ଼ି ରହିବା ଭଲ, କିନ୍ତୁ ଘରକୁ ନେଇ
କନ୍ଦଳ ଉପୁଜିଲେ ଭାବିବାକୁ ହେବ ଆମ କପାଳଟା ମନ୍ଦ।

ବରଂ ପରୀକ୍ଷା ନହେବା କିମ୍ବା ବାତିଲ ହୋଇଯିବା ଭଲ, କିନ୍ତୁ ଅନୀତି ଆଉ
ଦୁର୍ନୀତିରେ ବୁଡ଼ି ରହିଥିବା ବିଭାଗରେ ନିଜକୁ ପ୍ରମାଣ କରିବାରେ ଅବା କି ଆନନ୍ଦ !

*ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*

# ଅନୁଚିନ୍ତା

## ଡ. ଦୀପକ କୁମାର ମିଶ୍ର

ସମ୍ପୂର୍ଣ୍ଣ ହେତୁ ଓ ହିତାହିତ ଜ୍ଞାନ ଅନୁପାତରେ
ମୃତ୍ୟୁକୁ ମହୋତ୍ସବ କରିବା,
ଅଶ୍ରୁକୁ ସମ୍ମୋହନ କରି
ସମ୍ପର୍କଠୁ ଶେଷ ବିଦାୟ ନେବା
ଅପାର ମର୍ଯ୍ୟାଦାପୂର୍ଣ୍ଣ ମଞ୍ଚର ସ୍ୱତନ୍ତ୍ର ମର୍ଜିରେ
ଅପରଲୋକର ଲୁହା କବାଟରେ ଗୋଇଠା ମାରି
ମୃତ୍ୟୁର ସର୍ବକାଳୀନ ସଂଜ୍ଞାରେ
ଆମୂଳଚୂଳ ପରିବର୍ତ୍ତନ ଆଣିବା,
ଏକ ବିଶେଷ ଐତିହାସିକ ଦର୍ଶନ ଓ ଦୃଷ୍ଟିକୋଣର
ନିଶ୍ଚିତ ରୂପେ ମଙ୍ଗ ପରିବର୍ତ୍ତନ ।



କିଏ କହି ପାରିବ କି
ନିଜ ରକ୍ତର ଇଚ୍ଛାମୃତ୍ୟୁର ଘଡ଼ିସନ୍ଧି ମୁହୂର୍ତ୍ତରେ
ସାକ୍ଷୀ ହୁଏ କେଉଁ ବାପା
କେଉଁ ମାଆ ମଙ୍ଗୁଳେଇ ଦେଇ କରେ
ନିଜ ଏକୋଇରବଳାର ଶେଷ କୋକେଇ ଯାତ୍ରାରେ
ଇଚ୍ଛାକୃତ ଭବ୍ୟ ସମ୍ଭାଷଣା ।

କାରୁଣ୍ୟର କେକ୍ କାଟି, ମମତାର ମହମବତୀ ଜାଳି
ଅନ୍ତଚିରା ଜିଅନ୍ତା ଜୁଇଟେ ଜଳେଇ

ଆତ୍ମାକୁ ଆନ୍ଦୋଳିତ କରିବାର ଦୁଃସାହସ
ଜନ୍ମ-ମୃତ୍ୟୁର ଚିରନ୍ତନ ସତ୍ୟଚକ୍ରରେ
ଏକ ନିଷ୍ଠୁର ବିଡ଼ମ୍ବନା ନା
କ୍ରୂର ଛାତିଥରା ଅନନ୍ୟୋପାୟର ବିଜ୍ଞ ବିଚାରଣା ।

ମନା ନାହିଁ,
ଅଭିମାନପୂର୍ଣ୍ଣ ଜୀବନରୁ, ସ୍ଥାଣୁ ଯୌବନରୁ
ମିଳିଗଲା ସ୍ଥାୟୀ ମୁକ୍ତିଟିଏ
ଏକ ଅଭାବନୀୟ ଇଚ୍ଛାମୃତ୍ୟୁର ନିଛକ ବାହାନାବାଜିରେ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



# ଉଦ୍ଧାର କରିବୁ ମା...


## ଦୁଷ୍ମନ୍ତ ବେହେରା

ଆସିଥିଲି ମା ତୋ ପାଖକୁ ଧାଇଁ
କୃପା କରିବୁ ମା ତୋ ଦେହି...
ତୋ ପଣତ କାନିରେ ରଖ ମା
ମୋ ଜୀବନର କର୍ମ ଫଳ...
ଆଶା ଠାରୁ ଅନେକ ମନ ଘନ
ପାପ କରେ ଦେହ ମୋର...
ହାତ ଯୋଡି କରେ ଗୁହାରି ଜୀବନ
ଡଙ୍ଗା ମୋର ଦେବୁ ପାର କରି...
ଲୋଭର ଆଶାରେ ଦେହ ସୁଖ
ଖୋଜେ ବୁଡ଼ି ମରୁଥାଏ ମୁଁ ଯେ...
ମୁଁ କି ଜାଣିବି ସଂସାର ବୁଝ
ମୋ ବୁଝରେ ଅନେକ ପାପ...
ମା ତାରା ତାରିଣୀ ତୋ ଦୟା ଥିଲେ
ଉଦ୍ଧାର କରିବୁ ଏ ଭବ ସଂସାରରୁ...
ମା ହାତ ଯୋଡି କରେ ବିନତୀ ଅଳି
ଏ ଅଧମକୁ ରଖିବୁ ତୁହି...

*ରାସୋଳ-ମୁଣ୍ଡିଆପଣି,ଢେଙ୍କାନାଳ*
*ମୋ-୬୩୭୨୨୨୬୭୨୨*

# ପୁସ୍ତକ ପରିକ୍ରମା

## ପ୍ରେ





ପ୍ରକାଶ ପାଇଛି ଡ. ଚତୁର୍ଭୁଜ ଭୂୟାଁଙ୍କ ସ୍ୱାସ୍ଥ୍ୟ ସମ୍ବଳିତ ପୁସ୍ତକ 'ପ୍ରେ'। 'ପ୍ରେ' ଅର୍ଥ ଶିକାର। ଏହି ପୁସ୍ତକରେ ପ୍ରଫେସର ଭୂୟାଁ ଅସ୍ତବ୍ୟସ୍ତ ଜୀବନ ଶୈଳୀ ଦ୍ୱାରା ପ୍ରଭାବିତ କିମ୍ବା ଶିକାର ନ ହେବାପାଇଁ ଆମକୁ କେଉଁ ଉପାୟ ସବୁ ଅବଲମ୍ବନ କରିବାକୁ ପଡିବ ତାହା ସୂଚାଇଛନ୍ତି। ଜୀବନ ବହୁତ ମୂଲ୍ୟବାନ। ଏହା ମଣିଷକୁ ଈଶ୍ୱରଙ୍କ ଅନବଦ୍ୟ ଉପହାର। ଅଥଚ ଆଜିକାର ମଣିଷ ତାହାର ଉଚିତ ଯତ୍ନ ନେବା ବଦଳରେ ବଦଳାଇ ଚାଲିଛି ନିତିପ୍ରତିଦିନର ଜୀବନଶୈଳୀ। ଆଧୁନିକ ମଣିଷର ବ୍ୟସ୍ତ ଜୀବନଶୈଳୀକୁ ନେଇ ଡକ୍ଟର ଭୂୟାଁ ଏହି ପୁସ୍ତକରେ ସନ୍ନିବେଶିତ କରିଛନ୍ତି ଏମିତି କିଛି ବିଷୟ ଯାହାକୁ ଅନୁସରଣ କଲେ ମଣିଷ ଜାଣିପାରିବ ତାର ଗତି କେଉଁଆଡେ। ଉପଯୁକ୍ତ ନିଦ୍ରା ଏବଂ ଖାଦ୍ୟ ଆମ ଶରୀର ପାଇଁ କେତେ ଜରୁରୀ ତାହା ସମସ୍ତେ ଜାଣିରଖିବା ଉଚିତ। ଖାଲି ଜାଣିରଖିଲେ ହେବନାହିଁ ସେହି ଅନୁଯାୟୀ ନିଜ ଜୀବନଶୈଳୀକୁ ପ୍ରସ୍ତୁତ କରିବାକୁ ପଡିବ। ଏହି ପୁସ୍ତକରେ ସନ୍ନିବେଶିତ ହୋଇଥିବା ବିଷୟଗୁଡିକ ହେଲା-ଲାଇଫ ଷ୍ଟାଇଲ ଡିଜିଜେସ, ଲାଇଫ୍ ସ୍ପାନ, ଲାଇଫ ଏକ୍ସପେକ୍ଟାନ୍ସି ଆଣ୍ଡ ଷ୍ଟେଜେସ, ବ୍ଲଡ ପ୍ରେସର, ଆଥରାଇଟିଜ, ଡାଇବେଟିସ, କମନ ପ୍ରିଭେନଟିଭ ମେଜରସ, ଡାଏଟ, ଏକ୍ସରସାଇଜ, ରେଜିମେନ ଅଫ ଲାଇଫ୍ , ଯୋଗ ପ୍ରମୁଖ। ଡ. ଭୂୟାଁଙ୍କ ମତରେ 'ବ୍ୟାଡ' (ବ୍ଲଡ ପ୍ରେସର, ଆଥରାଇଟିଜ ଏବଂ ଡାଇବେଟିସ) ଠୁ ସମସ୍ତେ ନିଜକୁ ଦୂରେଇ ରଖିବା ଉଚିତ। ଆମେ ଚେଷ୍ଟା କଲେ ଏହାକୁ ଜୀବନତମାମ କାର୍ଯ୍ୟକାରୀ କରି ଏକ ସୁସ୍ଥ ଓ ସୁନ୍ଦର ଜୀବନ ଜିଇଁପାରିବା। ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନ ହେଲେ ମଧ୍ୟ କେତେକ ସ୍ୱାସ୍ଥ୍ୟ ସଚେତନ ହୋଇ ଯୋଗ, ପ୍ରାଣାୟାମ, ଆୟୁର୍ବେଦିକ ଚିକିତ୍ସା ଇତ୍ୟାଦି ବିଭିନ୍ନ ଉପାୟରେ ନିଜକୁ ସୁରକ୍ଷିତ ରଖି ଏକ ସୁନ୍ଦର ଜୀବନକୁ ଉପଭୋଗ କରୁଛନ୍ତି। ବୟସ ଏଠାରେ ବଡ କଥା ନୁହେଁ ନିଜେ ନିଜର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିଲେ ଜୀବନ ସଫଳ ଏବଂ ଜିଇଁବା ସାର୍ଥକ ମନେ ହେବ।

ପୁସ୍ତକଟିରେ ଡ.ଭୂୟାଁ ପାଠକମାନଙ୍କପାଇଁ ଉଲ୍ଲେଖ କରିଛନ୍ତି 'ପ୍ରାର୍ଥନା କର ଜୀବନ ନାଶକାରୀ ରୋଗ (ବ୍ଲଡ ପ୍ରେସର, ଆର୍ଥରାଇଟିଜ ଏବଂ ଡାଇବେଟିସ)ର ଶିକାର ନ ହେବାକୁ। ଯେତେଦିନ ଜିଇଁବା ସୁଖରେ ଜିଇଁବା। ଜାଣି ଜାଣି କାହିଁକି ରୋଗକୁ ନିମନ୍ତ୍ରଣ କରିବା। ପୁସ୍ତକଟି ମାନବ ସମାଜର କଲ୍ୟାଣରେ ଲାଗିବ ଏବଂ ପାଠକଙ୍କୁ ପସନ୍ଦ ଆସିବ, ଆଶା କରାଯାଏ।

ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି ଦ୍ୱାରା ପ୍ରକାଶିତ ୧୧୪ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ମାତ୍ର ୧୫୦ ଟଙ୍କା।

## ନିରବ ନଈର ସ୍ୱର




ପ୍ରକାଶ ପାଇଛି ଡାକ୍ତର ରାଜେନ୍ଦ୍ର କୁମାର ବେହେରାଙ୍କ ବର୍ତ୍ତମାନ ପରିସ୍ଥିତିକୁ ନେଇ ରଚିତ ଏକ ମନୋଜ୍ଞ ଉପନ୍ୟାସ 'ନିରବ ନଈର ସ୍ୱର'। ସମସ୍ୟା ବହୁଳ ପରିସ୍ଥିତିରେ ସମସ୍ତଙ୍କୁ ପ୍ରତି ମୁହୂର୍ତ୍ତରେ 'ଆଡଜଷ୍ଟ' କରିବାକୁ ପଡିଥାଏ। ବର୍ତ୍ତମାନ ମଣିଷ ଏକ ଦ୍ୱନ୍ଦ୍ୱାତ୍ମକ ଜୀବନ ଜିଉଁଛି। ସେ ନିଜେ ବି ନିଜ ରାସ୍ତା କୁଆଡେ ପ୍ରସାରିତ ଜାଣେନା। ସେ ନିଜକୁ ପ୍ରବାହିତ କରିଚାଲେ ନଈପରି। ଯାହାର ସ୍ୱର ନିରବ କେବଳ ନିରବ। ରାଜେନ୍ଦ୍ର ଜଣେ ସଫଳ ଆଖି ଡାକ୍ତର। ଘଣ୍ଟା ଘଣ୍ଟା ଧରି ରୋଗୀଙ୍କ ଆଖି ଅପରେସନ କଲାବେଳେ ଗଳ୍ପ ଓ ଉପନ୍ୟାସର ଚରିତ୍ରମାନେ ତାଙ୍କ ମୁଣ୍ଡକୁ ଧସେଇ ପଶନ୍ତି। ରୋଗୀ ତ ସୁସ୍ଥ ହୋଇଯାଆନ୍ତି କିନ୍ତୁ ନିଜେ ଡାକ୍ତର ଚରିତ୍ରମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଗଳ୍ପ ଜଗତରେ ଭାସି ବୁଲନ୍ତି। ଏଇଠୁ ସୃଷ୍ଟି ହୁଏ ଗଳ୍ପ ଓ ଉପନ୍ୟାସ। ସେ ଚରିତ୍ରମାନଙ୍କ ସହ ଏକାତ୍ମ ହୋଇଯାଆନ୍ତି। ସମାଜର ପ୍ରେମ, ପ୍ରତାରଣା, ହର୍ଷ ଉଲ୍ଲାସ, ଶୋକ ଦୁଃଖ ସବୁକିଛିକୁ ଖୁବ୍ ସମ୍ବେଦନଶୀଳ ମନ ନେଇ ରାଜେନ୍ଦ୍ର ଅନୁଧ୍ୟାନ କରିଛନ୍ତି ଏବଂ ତାକୁ ଏହି ଉପନ୍ୟାସରେ ବିଭିନ୍ନ ଚରିତ୍ର ମାଧମରେ ଫୁଟାଇ ପାରିଛନ୍ତି ସଫଳତାର ସହିତ। ରାଜେନ୍ଦ୍ରଙ୍କ ଭାଷାରେ ସେ ଏହାକୁ ଲେଖିନାହାନ୍ତି ବରଂ ଏହା ଆପେ ଆପେ ଲେଖି ହୋଇଯାଇଛି। ଧୀରେ ଧୀରେ ଉପନ୍ୟାସ ଭିତରକୁ ପ୍ରବେଶ କଲେ ଉପନ୍ୟାସଟି କାହିଁକି ଲେଖି ହୋଇଯାଇଛି ତାହା ପାଠକଙ୍କୁ ଅଛପା ରହିବନି। କୋଉଠି ନା କୋଉଠି ପାଠକ ଏହି ଉପନ୍ୟାସର ଚରିତ୍ର ମାନଙ୍କ ସହ ସାମ୍ନାସାମ୍ନି ହେବ ଏବଂ ଏଇ ଉପନ୍ୟାସର ଚରିତ୍ର ମାନେ ଭୋଗିଥିବା ଅକଥନୀୟ ନିର୍ଯାତନା, ଅଶାନ୍ତି, କନ୍ଦଳ, ବିତୃଷ୍ଣାକୁ ଭୋଗିବାର ଦୁଃଖଦ ପରିସ୍ଥିତିରୁ ନିଜକୁ କୌଶଳ କ୍ରମେ ବଞ୍ଚାଇ ପାରିବ। ଏହାହିଁ ଲେଖକଙ୍କ ଉଦ୍ଦେଶ୍ୟ। ପୁସ୍ତକଟି ଏବେ ପାଠକମାନଙ୍କ ହାତରେ। ପାଠକେ ହିଁ ବିଚାର କରିବେ ସ୍ୱତଃପ୍ରବୃତ୍ତ ଭାବେ ଲେଖିଥିବା ଏହି ଉପନ୍ୟାସ ସେମାନଙ୍କୁ କେତେମାତ୍ରାରେ ସନ୍ତୁଷ୍ଟି ଦେଇଛି। ଅଭିମାନ ପ୍ରକାଶିନୀ ଦ୍ୱାରା ପ୍ରକାଶିତ ୧୩୯ ପୃଷ୍ଠାର ଏହି ଉପନ୍ୟାସର ମୂଲ୍ୟ ରହିଛି ମାତ୍ର ୨୫୦ ଟଙ୍କା।

# ଗଛର ନାଁ ଯୋଡ଼ି ଆମ୍ବ



**ରବି ରାଉତ**



ସେରଗଡ଼ ଛକ ମୁଣ୍ଡି ଖଟି ପାଖରେ ଦେଖା ହେଲା ବେଣୁ। ପାଖ ସାଆନ୍ତା ଗାଁର ବେଣୁ ମଳିକ। ଛକ ପାଖ ଏକ କରତ କଳର ଦିନ ମଜୁରିଆ ଶ୍ରମିକ। ଦୀର୍ଘ ଦିନର ସଂପର୍କ। ତା'ର ବ୍ୟକ୍ତିଗତ ସମସ୍ୟା ଅପେକ୍ଷା ସାଧାରଣ ଲୋକଙ୍କ ସୁଖ ଦୁଃଖ ପ୍ରତି ତା'ର ନଜର ଅଧିକ। ମୋତେ ଭଲ ପାଏ ଯେତିକି, ଛୋଟ ଛୋଟ କଥାରେ ଅଭିମାନ, ତାଗିଦ ଢ଼େର ବେଶି। ବିବ୍ରତ ଥିବା ଭଳି ଜଣାପଡୁଥାଏ। ଭାଇ ତମକୁ ଏତେ ଥର କହିଲି। କିଛି ବୁଝିଲନି କି ଶୁଣିଲନି। ଅଭିମାନ ଭରା କଣ୍ଠରେ କହିଲା ବେଣୁ। ମୁଁ ହଠାତ୍ କିଛି ବୁଝିପାରିଲିନାହିଁ। କେଉଁ କଥା ? ତୁ ଖୋଲି ନ କହିଲେ ମୁଁ ଜାଣିବି କେମିତି ? ସେହି ମଲା ଆମ୍ବଗଛ କଟାଯିବା କଥା। କ'ଣ ଜଣେ ଦୁଇଜଣ ମଲେ ତୁମେ ବୁଝିବ ? ତିନି ବର୍ଷ ହେବ ଗଛଟା ମଲାଣି। ଗଛର ସବୁ ଡାଳ ଶାଖା ପ୍ରଶାଖା ଖରା ବର୍ଷାରେ ରସିଗଲାଣି। ସାମାନ୍ୟ ଝଡ଼ ବତାସରେ ଭାଙ୍ଗି ଝଡ଼ିପଡୁଛି। ପଡୁଛି ଯେ ତା ପୁଣି ବାଟଚଲା ଲୋକ, ସାଇକେଲ, ବାଇକ୍‌ବାଲାଙ୍କ ଉପରେ ଖସୁଛି। କେତେ ଲୋକ ଖଣ୍ଡିଆ, ଖାବରା ହେଲେଣି। କାଲି ସାନ ପୁଅ ସାଇକେଲରେ ଘରକୁ ଫେରୁଥିବା ବେଳେ ଠିକ୍ ସେହି ଗଛ ତଳେ ପହଞ୍ଚିବା ବେଳକୁ ତା' ଉପରେ ଖସିଲା ଖଣ୍ଡେ ଡାଳ। ଭାଗ୍ୟ ଭଲ ଛୁଆ ମୁଣ୍ଡରେ ପଡ଼ିନାହିଁ। ସେତିକିରେ ପୁଅ ଖଣ୍ଡିଆ ଖାବରା ରକ୍ତାକ୍ତ ହୋଇ ଖଣ୍ଡୁଆ ଆଡ଼ି ଡାକ୍ତରଖାନାରୁ ବେଣ୍ଡେଜ ହେଲା। ତମେ ସାମ୍ବାଦିକ। କେତେ ଲୋକଙ୍କ ସହ ଚିହ୍ନା ଜଣା। ରାଜରାସ୍ତା ପାଖରେ ଏତେ ବଡ଼ ମଲା ଗଛଟା ଆମ ପାଇଁ ବିପଦର ପସରା ମେଲାଇ ବସିଛି। ମରଣଯନ୍ତାର ଫାସ ବସାଇଛି। ତମକୁ ଦେଖାଯାଉନାହିଁ। ଅଭିଯୋଗର ଲମ୍ବା ଫର୍ଦ୍ଦ ଶୁଣାଇବା ପରେ ବେଣୁ ଥୟ ହେଲା। ତୁ ଯୋଡ଼ି ଆମ୍ବ କଥା କହୁଛୁ ତ ? ବ୍ୟସ୍ତ ହେବୁନାହିଁ। ମୁଁ କାଲି ନୀଳଗିରି ପି.ଡବ୍ଲ୍ୟୁ.ଡି. ଏସ୍.ଡି.ଓ. ଓ ରେମୁଣା ତହସିଲଦାରଙ୍କ ସହ କଥା ହୋଇ ଗଛ କଟା ବାବଦରେ ତୁରନ୍ତ ଫଏସଲା କରିବା।

ବେଣୁ ଚାଲିଗଲା। ମୋ ଆଖି ସାମ୍ନାର ଚଳଚ୍ଚିତ୍ର ପର୍ଦ୍ଦାର ଛବି ପରି ଭାସି ଉଠୁଥିଲା ଯୋଡ଼ି ଆମ୍ବଗଛକୁ କେନ୍ଦ୍ର କରି ଅଗଣିତ ସ୍ମୃତି। ମୋ ଦୁରନ୍ତ କୈଶୋର, ଲଗାମଛଡ଼ା ଯୌବନ କାଳ, ନିସଙ୍ଗ ପ୍ରୌଢ଼ତ୍ୱ। ମୋ ଜନ୍ମ ଲଗ୍ନର ବହୁ ପୂର୍ବରୁ ସେ ଭୂମିଷ୍ଠ। ଆଉ ମୋ ଜୀବଦ୍ଦଶାରେ ତାର ପଞ୍ଚତ୍ୱ ପ୍ରାପ୍ତି।

ଗଛର ନାମ ଯୋଡ଼ି ଆମ୍ବ। ଏଇଥିପାଇଁ ଯେ ସେ ଗୋଟିଏ ନୁହେଁ ଦୁଇଟି ଗଛ। ଯେଉଁ ସଦାଶୟ ବ୍ୟକ୍ତି ତାକୁ ରାସ୍ତା ପାଖରେ ଲଗାଇଥିଲେ ସେ ଜାଣତରେ ବା ଅଜାଣତରେ ଦୁଇଟି ଆମ୍ବ ଚାରାକୁ ଯୋଡ଼ିଦେଇ ପୋତିଥିଲେ। ପ୍ରଥମେ କିଛିଦିନ ଦୁଇ ଗଛ ମଧ୍ୟରେ କିଛି ଦୂରତ୍ୱର ବ୍ୟବଧାନ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପରସ୍ପର ଯୋଡ଼ି ହୋଇ ଗୋଟିଏ ଗଛ ପାଲଟିଗଲା। ଗଛର ଶାଖା ପ୍ରଶାଖାରେ ଦୁଇ ପ୍ରକାରର ପତ୍ର। ଦୁଇ କିସମର ଆମ୍ବ। ଛୋଟ ଗଛଟି ଆକାର ପ୍ରକାରରେ ବିଶାଳ ପାଲଟିଗଲା। ଗଛର ଶାଖାପ୍ରଶାଖା ରାସ୍ତା ଉପରକୁ ଲମ୍ବି ଆସିଥିଲା। ଘଞ୍ଚ ଡାଳପତ୍ର ଭେଦି ପ୍ରଖର ସୂର୍ଯ୍ୟାଲୋକ ବି ମାଟି ଛୁଇଁପାରୁନଥିଲା। ସବୁବେଳେ କେତେ ଜାତିର, ପ୍ରଜାତିର ପକ୍ଷୀଙ୍କର କିଚିରି ମିଚିରି ଶବ୍ଦରେ ଯୋଡ଼ି ଆମ୍ବ ଆଖ ପାଖ ଥିଲା ମୁଖରିତ। ଡେଇଁ ବୁଲୁଥିଲେ ଏ ଡାଳରୁ ସେ ଡାଳ ଗୁଣ୍ଡୁଚିମୂଷା। ଆଉ ବେଳେ ବେଳେ ବାଟବଣା ପାତି ମାଙ୍କଡ଼ଙ୍କର ଉପଦ୍ରବ ନିରବରେ ସହୁଥିଲା ସେ। ଅଭାବି ସଂସାରର ଜାଳେଣି ପାଇଁ ଏପରିକି ମୃତ ଦେହର ସତ୍କାର ପାଇଁ ପାଖ ଆଖ ଗାଁ ଲୋକେ ଯୋଡ଼ି ଆମ୍ବଗଛର ଦୁଇ ଚାରିଟି ଡାଳ କାଟି ନେଉଥିଲେ। ଧୁ ଧୁ ଖରାବେଳେ କ୍ଳାନ୍ତ ଶ୍ରାନ୍ତ ପଥିକ ବିଶ୍ରାମ ନେଉଥିଲେ ଯୋଡ଼ି ଆମ୍ବର ସୁଶୀତଳ ଛାଇରେ। ଗାମୁଛା ପାରି ହୋଇ ଗଛ ଛାଇରେ ଶୋଇପଡୁଥିଲା ପାଖ ଜମିରେ ଚାଷ କାମ କରୁଥିବା ମୂଲିଆ ଓ ତାର ଖାଉନ୍ଦ। ଅଚାନକ୍ ଅକସ୍ମାତ୍ ବର୍ଷା ଆସିଗଲେ ଗଛତଳେ ନିର୍ବିଘ୍ନରେ ଆଶ୍ରୟ ନେଉଥିଲେ ବାଟୋଇ। ଆମ୍ବ ଋତୁ କଥା କହିଲେ ନସରେ। ଚଣା ହେବା ଦିନ ଠୁଁ ଆମ୍ବ ପାଚିବା ପର୍ଯ୍ୟନ୍ତ ମଣିଷ ଠୁ ପକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପଦ୍ରବ ସହୁଥିଲା ସେ। ଖରାଦିନେ ବାଟୋଇଟି ଥକିଯାଇ ବସିଥିବ ତା ଛାଇରେ ଆଉ ଟୁପ୍‌କିନା ପତ୍ର ବହଳରୁ ଝରିପଡୁଥିବ ରସାଳ ସୁମିଷ୍ଟ ଆମ୍ବ। ସବୁ କ୍ଳାନ୍ତି ତୃପ୍ତିକୁ ରୂପାନ୍ତରିତ ହୋଇଯାଉଥିବ।

ମନେ ପଡ଼ି ଯାଉଥିଲା ମୋ ହାଇସ୍କୁଲ ପଢ଼ାବେଳର କଥା। ନୀଳଗିରି କେ.ସି. ହାଇସ୍କୁଲରେ ପଢୁଥିବା ଛାତ୍ରୀଙ୍କ ମଧ୍ୟରେ ସବୁଠୁ ସୁନ୍ଦରୀ ଚୁଲବୁଲି ଝିଅଟି ଆସୁଥିଲା ସେରଗଡ଼ରୁ ସାଇକେଲ ଚଳାଇ। ତାକୁ ଟିକେ ଦେଖିବା ପାଇଁ, ତା ସହିତ ପଦୁଟିଏ କଥା ହେବା ପାଇଁ ଆମ ଭିତରେ ଥିଲା ଅଦମ୍ୟ ଉତ୍କଣ୍ଠା, ଆଉ ଦୃଶ୍ୟମାନ ପ୍ରତିଦ୍ୱନ୍ଦ୍ୱିତା। ଆମେ କିଛି ବନ୍ଧୁ ସ୍କୁଲ ଛୁଟି ପରେ ତାକୁ ଅନୁସରଣ କରି ଯୋଡ଼ି ଆମ୍ବ ପର୍ଯ୍ୟନ୍ତ ସାଇକେଲ ଚଳାଇ ଯାଉଥିଲୁ। ଯୋଡ଼ି ଆମ୍ବ ଗଛ ପାଖେ ପହଞ୍ଚିବା ମାତ୍ରକେ ସେହି ସୁହାସିନି ସୁନୟିନୀ ଗ୍ରୀବା ଭାଙ୍ଗି ପଛକୁ ଚାହୁଁଥିଲା। ଫିଁ କିନା ହସିଦେଇ କହୁଥିଲା "ବହୁତ ବହୁତ ଧନ୍ୟବାଦ, କାଲି ପୁଣି ଦେଖାହେବ।" ବାସ୍ ଜୋର୍‌ରେ ପେଡେଲ ମାରି ଆମ ଆଖି ସାମ୍ନାରୁ ଅପସରି ଯାଉଥିଲା ଆମର ହୃଦେୟଶ୍ୱରୀ। ସ୍କୁଲ ଫେରନ୍ତା ଭୋକିଲା ପେଟରେ ଏତେ ଦୂର ସାଇକେଲ ଚଳାଇ ଆସିବାର କ୍ଳାନ୍ତି ତାର ଚେନାଏ ହସରେ ତୃପ୍ତ ହୋଇଯାଉଥିଲା।

ଆମ ସାଙ୍ଗ ହରିଆ କହିଲା ଏସବୁ ମୋତେ ଭଲ ଲାଗୁନି। ସେ ଟୋକି ନଖରାମି କରୁଛି। ତାକୁ ପଚାରିବା ସେ ଆମ ଭିତରୁ ଯାହାକୁ ହେଲେ ଭଲ ପାଉ। ଆମେ ସମସ୍ତେ ଏଇ ପ୍ରତିଯୋଗିତାରୁ ଓହରିଯାଇ ସେଇ ଝିଅ ପସନ୍ଦର ଆମ ବନ୍ଧୁ ପାଇଁ ଆମ ପ୍ରେମକୁ ଉତ୍ସର୍ଗ କରିଦେବୁ। ସମସ୍ତେ ଏକମତ ହେଲୁ। ଠିକ୍ ହେଲା। କାଲି ସ୍କୁଲରୁ ଫେରିବା ବେଳେ ଚିଠିରେ ସବୁ କଥା ଲେଖି ମୁଁ ତା ହାତକୁ ବଢ଼ାଇ ଦେବି। ଚିଠି ଦେଲି। ତା ପରଦିନ ଆମର ସାମୁହିକ ଅଭିସାରର ଶେଷ ଲଗ୍ନରେ ଯୋଡ଼ି ଆମ୍ବ ତଳେ ପ୍ରିୟତମା କହିଲା ଛୁଟି ଖୋଲିବା ଦିନ ଏହି ଗଛ ପାଖରେ ମୋର ଚୂଡ଼ାନ୍ତ ନିର୍ଣ୍ଣୟ କହିଦେବି। ପ୍ଲିଜ୍ ରାଗିବନି। ସମସ୍ତେ ଆସିବ। ସାତ ଦିନର ଛୁଟି ସାତ ବର୍ଷ ପରି ଲାଗୁଥିଲା। ଶରତ କହିଲା ମୋତେ ଲାଗୁଛି ସତେ ଯେପରି ତାର ସ୍ୱୟମ୍ବର ହେବ। ଆଉ ଆମେ ସବୁ ଶିଶୁପାଳ ହୋଇ ଫେରିବୁ। ସେଦିନ ସମସ୍ତେ ପାରୁପର୍ଯ୍ୟନ୍ତ ଭଲ ଡ୍ରେସ୍ ପିନ୍ଧିଛୁ। ମୁଁ ଭାବୁଥାଏ ଏମାନଙ୍କ ଭିତରୁ ମୋ ପଲା ଭାରି ପଡ଼ିବ। ମୋ ହାତରୁ ଚିଠି ନେଇଛି ଆଉ ମୁହୂର୍ତ୍ତକ ମଧ୍ୟରେ ଚିଠି ଉପରେ ଆଖି ବୁଲାଇ ଯୋଡ଼ି ଆମ୍ବ ପାଖକୁ ଡାକିଛି। ଛୁଟି ଖୋଲିବା ପରେ ସ୍କୁଲକୁ ସେଦିନ ସେ ଆସିନଥିଲା। କୌଣସି କାରଣରୁ ଛୁଟି ହୋଇଗଲା ଗୋଟିଏ ପିରିୟଡ଼ ପରେ। ସବୁ ବନ୍ଧୁ ମିଶି ସାଇକେଲ ପଟୁଆରରେ ଯାଇ ପ୍ରିୟତମାର ଘର ଖୋଜିଲୁ ଏବଂ ପାଇଲୁ ମଧ୍ୟ। ଫାଟକ ସାମ୍ନାରେ ମଙ୍ଗଳ କଳସ ଆଉ ଫିକା ପଡ଼ିଯାଇଥିବା ସାଜସଜ୍ଜା ତୋରଣ। ସେତେବେଳେ ୧୩/୧୪ ବର୍ଷ ବେଳକୁ ଅଧିକାଂଶ ଝିଅଙ୍କର ବାହାଘର ହୋଇଯାଉଥିଲା। ସେହି ଛୁଟି ଭିତରେ ଝିଅ ବାହା ହୋଇଯାଇଛି ଜଣେ ସୈନିକକୁ। ଆଗରୁ କାଳେ କଥାବାର୍ତ୍ତା ଦେଖାଚାହାଁ ସରିଥିଲା।

ଏମିତି କେହି କ'ଣ ପ୍ରତାରଣା କରେ ? ଯୋଡ଼ି ଆମ୍ବ ତଳେ ବେଶ୍ କିଛି ସମୟ ବସିଲୁ। ପରସ୍ପରକୁ ପ୍ରବୋଧନା ଦେଇ ଅକାରଣ ନିଷ୍ଫଳ ଆକ୍ରୋଶରେ ଯୋଡ଼ି ଆମ୍ବକୁ ନିନ୍ଦିଲୁ ଆଉ ବେଜାଏ ତା' ଉପରେ ଚିଡ଼ିଗଲୁ। ତୁ ବୃକ୍ଷ ଦେବତା। ଆମ ସମସ୍ତଙ୍କର ହୃଦୟ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା। ତୋରି ମୂଳରେ କଥା ଦେଇ ସେ ଆମକୁ ଠକିଦେଲା। ତୁ ନିରବ ଦର୍ଶକ ହୋଇ ସବୁ ଦେଖିଲୁ। ପରବର୍ତ୍ତୀ କାଳରେ ଯୋଡ଼ି ଆମ୍ବ ତଳେ କେତେ ମଧୁର ଆଳାପରତ ପ୍ରେମିକ ପ୍ରେମିକା ଦାମ୍ପତ୍ୟ କଳହରତ ଦମ୍ପତିଙ୍କୁ ଦେଖିଛୁ। ଖଟିଆରେ ବୁହା ହୋଇ ଡାକ୍ତରଖାନା ଯିବା ବେଳେ ଆସନ୍ନପ୍ରସବା ରମଣୀ ସେହି ଗଛ ମୂଳରେ ନବଜାତକକୁ ଜନ୍ମ ଦେଇଛି। ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିର ଆଶୁ ଚିକିତ୍ସା କରାଯାଇଛି। ତାରି ଡାଳରେ ରଜ ଦୋଳି ବାନ୍ଧି ଗୀତର ଛନ୍ଦ ତୋଳିଛନ୍ତି କେତେ କିଶୋର, ତରୁଣ। ବାଗୁଡ଼ି ଖେଳ ଆଉ ତାସ ପାଲିର ଆସର ଜମିଛି। ଅକାଳରେ ମୃତ କେଉଁ ଅଲୋଡ଼ା ଅଭାଗାର ଜୁଇ ଜଳିଛି ସେହି ଗଛ ମୂଳରେ।

ଯୋଡ଼ି ଆମ୍ବ ପାଲଟି ଯାଇଥିଲା ଗୋଟେ ଠିକଣା। ଆସ୍ଥା ଭରସାର ଏକ ପ୍ରତୀକ। କିଏ କେଉଁଠିକୁ ଯାଉଥିଲେ ଘର ଲୋକ ପଚାରୁଥିଲେ ଯୋଡ଼ି ଆମ୍ବ ପାରି ହେଲୁଣି ? ଆସିବା ବେଳେ ସେମିତି ଯୋଡ଼ି ଆମ୍ବ ଟପି ଗଲୁଣିତ ? ଏବେ ଆଉ ଚିନ୍ତା ନାହିଁ। ଝିଅ ଫେରୁଥିଲା ମୁହଁ ସଞ୍ଜବେଳେ କଲେଜରୁ। ଏକୁଟିଆ ଝିଅ ସାଇକେଲରେ ଫେରିବ କଲେଜରୁ। ମୋର ଓ ତା ବୋଉର ଉତ୍କଣ୍ଠାକୁ ହ୍ରାସ କରିଦେଉଥିଲା ତାର ପଦିଏ କଥା। ଡାଡି ବ୍ୟସ୍ତ ହୁଅନି, ମୁଁ ଯୋଡ଼ି ଆମ୍ବ ପହଞ୍ଚିଗଲିଣି। ପ୍ରେମ ପ୍ରତାରିତ ଯୁବକଟିର ମୃତ ଦେହ ତା ଡାଳରେ ଝୁଲିଛି। ତାରି ମୂଳରେ ବିଷ ପିଇ ସବୁଦିନ ପାଇଁ ଚିର ନିଦ୍ରାରେ ଶୋଇପଡ଼ିଛି ଋଣ ଯନ୍ତାରେ ଫସିଥିବା କେଉଁ ଅନ୍ନଦାତା ଚାଷୀ। ତାରି ମୂଳରେ କାହାର ସଂସାର ଯୋଡ଼ିଛି ତ କାହାର ଘର ଉଜୁଡ଼ି ଯାଇଛି। ଅପ୍ରମିତ ଅମ୍ଳଜାନ ଦେଇ ଟନ୍ ଟନ୍ ଅଙ୍ଗାରକାମ୍ଳକୁ ହସି ହସି ପିଇଯାଉଥିବା ନୀଳକଣ୍ଠ ଥିଲା ଯୋଡ଼ି ଆମ୍ବଗଛ। ଶେଷରେ ଯାନ ବାହନରୁ ଅବିରତ ନିର୍ଗତ ଧୂଆଁ, ପ୍ରଦୂଷିତ ବାୟୁମଣ୍ଡଳ, ପ୍ରାକୃତିକ ବିପର୍ଯ୍ୟୟର ଝଡ଼ ଝଞ୍ଜାକୁ ତାକୁ ଠେଲି ଦେଲା ଅକାଳ ମୃତ୍ୟୁର ଗହ୍ୱରକୁ। ଯୋଡ଼ି ଆମ୍ବର ଏହି ଦୁଃଖଦ ଅକାଳ ବିୟୋଗରେ ଶୋକାର୍ତ୍ତ ହେବି ନା ତାର କାଳଦଂଷ୍ଟ୍ର ଭଗ୍ନର ଶରୀରର ଅପସାରଣ ପାଇଁ ପ୍ରୟାସ କରିବି ମୁଁ ?

*ବାହାଳ,ବାଲେଶ୍ୱର-୭୫୬୦୬୦*
*ମୋ-୯୪୩୮୩୨୨୨୧୪*

# ସଞ୍ଜୁ ସାମସନଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ନିକଟରେ ଆଇସିସି ଟି୨୦ ବିଶ୍ୱକପ ୨୦୨୬ ଜିତି ଇତିହାସ ରଚିଛି । ଷ୍ଟାର ଭାରତୀୟ ଉଇକେଟ୍‌କିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଏହି ଟାଇଟଲ ବିଜୟର ହିରୋ ଭାବରେ ଉଭା ହୋଇଥିଲେ, ତାଙ୍କ ଶକ୍ତିଶାଳୀ ପ୍ରଦର୍ଶନ ସହିତ ସମସ୍ତଙ୍କ ହୃଦୟ ଜିତିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ସାମସନଙ୍କ ପ୍ରଶଂସା କରିଛନ୍ତି, ଟି୨୦ ବିଶ୍ୱକପରେ ତାଙ୍କ ମ୍ୟାଚ୍ ବିଜୟୀ ପ୍ରଦର୍ଶନକୁ ପ୍ରଶଂସା କରି ତାଙ୍କୁ ଜଣେ ପ୍ରକୃତ କ୍ରୀଡ଼ାବିତ୍ ବୋଲି କହିଛନ୍ତି ।

ଶୁକ୍ରବାର (୩ ଏପ୍ରିଲ) କେରଳରେ କର୍ମୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଚାପ ମଧ୍ୟରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଧ୍ୟାନ ଏବଂ ଶାନ୍ତ ରହିବାରେ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ । ସେ କହିଛନ୍ତି, "କ୍ରିକେଟ ସିଜିନ୍ ଚାଲିଛି ଏବଂ ଏଥିରୁ କେରଳର ଲୋକଙ୍କ ପାଇଁ ବହୁତ କିଛି ଶିଖିବାର ଅଛି । ଯେପରି ଆମେ ପ୍ରାୟତଃ ସାମସନଙ୍କ ଖେଳରେ ଦେଖୁ, ସେହିପରି ଆମେ ବିଶ୍ୱକପରେ ମଧ୍ୟ ସମାନ ଦେଖିଲୁ ।"

ସେ ଆହୁରି କହିଛନ୍ତି, ଟୁର୍ଣ୍ଣାମେଣ୍ଟ ଆଗକୁ ବଢ଼ିବା ସହିତ ସାମସନଙ୍କ ଖେଳରେ ଉନ୍ନତି ଘଟିଛି । ମୋଦି କହିଛନ୍ତି, "ଯେତେବେଳେ ଟୁର୍ଣ୍ଣାମେଣ୍ଟ ଏହାର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ପାଖକୁ ଆସିଲା ଏବଂ ନକଆଉଟ ମ୍ୟାଚ ଆରମ୍ଭ ହେଲା, ତାଙ୍କ ପ୍ରଦର୍ଶନ ଶୀର୍ଷରେ ପହଞ୍ଚିଲା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ତାଙ୍କର ଧ୍ୟାନ, ଆତ୍ମବିଶ୍ୱାସ ଏବଂ ଶକ୍ତି ବୃଦ୍ଧି ପାଇବାରେ ଲାଗିଲା; ଏହା ଜଣେ ପ୍ରକୃତ ଖେଳାଳିଙ୍କ ପରିଚୟ ।"

## ଧୋନୀ, କପିଲଙ୍କୁ କ୍ଷମା ମାଗିଲେ ଯୁବରାଜ

**ନୂଆଦିଲ୍ଲୀ**

କିମ୍ବଦନ୍ତୀ ଅଲରାଉଣ୍ଡର ଯୁବରାଜ ସିଂଙ୍କ ବାପା ଯୋଗରାଜ ସିଂ କିଛି ବର୍ଷ ତଳେ ଦେଶର ଦୁଇ ମହାନ୍ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ କପିଳ ଦେବଙ୍କ ସମ୍ପର୍କରେ ବିବାଦୀୟ ମତାମତ ଦେଇଥିଲେ । ଏଥିଲାଗି ଯୁବରାଜ ଶୁକ୍ରବାର ଉଭୟ ପୂର୍ବତନ ଅଧିନାୟକଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି । ପ୍ରକାଶଯୋଗ୍ୟ, ଭାରତୀୟ ଦଳରୁ ଯୁବରାଜ ବାଦ୍ ପଡ଼ିବାକୁ ନେଇ ତାଙ୍କ ବାପା ଯୁଗରାଜ ଧୋନୀଙ୍କୁ ଦାୟୀ କରିବା ସହ ଅତୀତରେ ଟିମ୍ ଚୟନ ସମସ୍ୟାକୁ ନେଇ କପିଳ ଦେବଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ ।

ବାପା ଦେଇଥିବା ମତାମତ ଲାଗି ମୁଁ କପିଳ ଏବଂ ଧୋନୀଙ୍କୁ କ୍ଷମାପ୍ରାର୍ଥନା କରିବାକୁ ଚାହେଁ । କାରଣ କପିଳ ପାଜି ଜଣେ ମହାନ୍ ଖେଳାଳି । ତାଙ୍କର ମୋ ବାପାଙ୍କ ସହ ସମ୍ପର୍କ କେଉଁ ଭଳି ଥିଲା, ତାହା ମୋତେ ଜଣାନାହିଁ । ମୁଁ ଜନ୍ମ ହୋଇ ନ ଥିଲି । ମୁଁ ଧୋନୀଙ୍କ ସହ ଖେଳିଛି । କିନ୍ତୁ ଧୋନୀଙ୍କ ସମ୍ପର୍କରେ ଯାହା ବାପା କହିଥିଲେ, ତାହା ଉଚିତ ନ ଥିଲା । ଏଭଳି ମତାମତ ଦେବା ଠିକ ନୁହେଁ ବୋଲି ବାପାଙ୍କୁ କହିଥିବା ଯୁବରାଜ ଏକ ସାକ୍ଷାତକାରରେ କହିଛନ୍ତି ।

## ଇଣ୍ଡିଆ ସ୍କିଲ୍ସ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଟିମ୍ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

# ଟିମ୍ ଓଡ଼ିଶାକୁ ୧୫ଟି ସ୍ୱର୍ଣ୍ଣ ସହ ମୋଟ ୫୭ ପଦକ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । 'ଟିମ୍ ଓଡ଼ିଶା' ଏହି ପ୍ରତିଯୋଗିତାରେ ୧୫ଟି ସ୍ୱର୍ଣ୍ଣ ସହ ମୋଟ ୫୭ଟି ପଦକ ହାସଲ କରି ଚାମ୍ପିଅନ ହୋଇଛି ।

ଗୁରୁବାର ଗ୍ରେଟର ନୋଏଡାର 'ଇଣ୍ଡିଆ ଏକ୍ସପୋ ସେଣ୍ଟର'ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଶୁକ୍ରବାର, ପ୍ରତିଯୋଗୀମାନେ ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପ୍ରତିଯୋଗିତାରେ ଓଡ଼ିଶାରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୧୫ ଜଣ ସ୍ୱର୍ଣ୍ଣ, ୧୨ ଜଣ ରୌପ୍ୟ ଏବଂ ୧୪ ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ପାଇଛନ୍ତି । ସେହିପରି ୧୬ ଜଣଙ୍କୁ 'ମେଡାଲିୟନ୍ସ ଫର ଏକ୍ସଲେନ୍ସ' ପୁରସ୍କାର ପ୍ରଦାନ କରାଯାଇଛି ।

ଏହି ସଫଳତା ନିମନ୍ତେ ଓଡ଼ିଶା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଭାଗୀୟ କମିସନର ଭୂପେନ୍ଦ୍ର ସିଂହ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଚଳିତବର୍ଷ ନାସନାଲ ସ୍କିଲ ଡେଭଲପମେଣ୍ଟ କାଉନସିଲ (ଏନଏସଡିସି) ପକ୍ଷରୁ 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା ଦେଶର ୫ଟି କେନ୍ଦ୍ରରେ ଆୟୋଜନ କରାଯାଇଥିଲା । ସେଥିରୁ ଓଡ଼ିଶା, ଗୁଜରାଟ, ତାମିଲନାଡୁ ଓ କର୍ଣ୍ଣାଟକର ଅଫସାଇଟ୍ କେନ୍ଦ୍ର ଏବଂ ଗ୍ରେଟର ନୋଏଡାରେ ଗୋଟିଏ ଅନସାଇଟ୍ କେନ୍ଦ୍ରରେ ପ୍ରତିଯୋଗିତାଗୁଡ଼ିକ ଆୟୋଜିତ ହୋଇଥିଲା । 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ପ୍ରତିଯୋଗିତା ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହୋଇଥିଲା । ଏହି ୫ ଦିନିଆ ପ୍ରତିଯୋଗିତାରେ ସାରା ଭାରତର ବିଭିନ୍ନ ଦକ୍ଷତା ପ୍ରତିଷ୍ଠାନରୁ ୬୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

## ଅଭିଷେକ ଶର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲା ବିସିସିଆଇ

**ନୂଆଦିଲ୍ଲୀ**

କୋଲକାତା ବିପକ୍ଷ ମ୍ୟାଚ୍‌ରେ ଜବରଦସ୍ତ ବିଜୟ ହାସଲ କରି ଖାତା ଖୋଲିଲା ସନରାଇଜର୍ସ ହାଇଦ୍ରାବାଦ । ହେଲେ ଅଡୁଆରେ ପଡ଼ିଛନ୍ତି ଷ୍ଟାର ବ୍ୟାଟର ଅଭିଷେକ ଶର୍ମା । ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ଆଇପିଏଲ ଆଚରଣ ସଂହିତା ଉଲ୍ଲଂଘନ ପାଇଁ ଅଭିଷେକ ଶର୍ମାଙ୍କୁ ତାଙ୍କ ମ୍ୟାଚ୍ ଫି'ରୁ ଜରିମାନା କରାଯାଇଛି । ମ୍ୟାଚ୍ ଫି'ରୁ ୨୫ ପ୍ରତିଶତ କାଟିବା ସହିତ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି । ଯାହା ତାଙ୍କ ବିଜୟ ଖୁସିକୁ ପାଣିଚିଆ କରିଛି ।

ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ୍) ଗୁରୁବାର ଇଡେନ ଗାର୍ଡେନରେ ଖେଳାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ଷଷ୍ଠ ମ୍ୟାଚ୍ ୬୫ ରନରେ ଜିତିଛି । କୋଲକାତାର ଲଗାତାର ଦ୍ୱିତୀୟ ପରାଜୟ ହୋଇଛି । ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ସନରାଇଜର୍ସ ହାଇଦ୍ରାବାଦ ୮ ୱିକେଟ୍ ହରାଇ ୨୨୬ ରନ




କରିଥିଲା । ଟ୍ରାଭିସ୍ ହେଡ୍ ଏବଂ ଅଭିଷେକ ଶର୍ମାଙ୍କ ପ୍ରାରମ୍ଭିକ ଯୋଡ଼ି ଏହି ଦଳକୁ ଭଲ ଆରମ୍ଭ ଦେଇଥିଲେ । ଉଭୟ ଖେଳାଳି ୫.୪ ଓଭରରେ ୮୨ ରନ କରିଥିଲେ । ଅଭିଷେକ ଶର୍ମା ୨୧ଟି ବଲ୍‌ରୁ ୪ ଚୌକା ଓ ୪ଛକା ବଳରେ ୪୮ ରନ୍ କରିଥିଲେ । କୋଲକାତା ଜିତିଲା ହେଲେ ମୁସକିଲରେ ପଡିଛନ୍ତି ଅଭିଷେକ । ଆଇପିଏଲ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା ଏବଂ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି । ସେ ଧାରା ୨.୩ ଅନୁଯାୟୀ ଲେବଲ ୧ ଅପରାଧ ସ୍ୱୀକାର କରିଛନ୍ତି ଏବଂ ମ୍ୟାଚ୍ ରେଫରୀଙ୍କ ଦଣ୍ଡ ଗ୍ରହଣ କରିଛନ୍ତି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତାଙ୍କୁ ଆଚରଣ ସଂହିତା ଉଲ୍ଲଂଘନ କରିଥିବାକୁ ଦୋଷୀ ସାବ୍ୟସ୍ତ କରିଛି । ଏହା ପୂର୍ବରୁ ଗୁଜରାଟ ବିପକ୍ଷରେ ସ୍ଲୋ ଓଭର ବୋଲିଂ ପାଇଁ ପଞ୍ଜାବ କ୍ୟାପ୍ଟେନ୍ ଶ୍ରେୟସ ଆୟର ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିଲେ ।

କୋଲକାତା ବିପକ୍ଷରେ ଅଭିଷେକ ଭଲ ଇନିଂସ ଖେଳିବା ପରେ ବି ତାଙ୍କ ଆଚରଣ ତାଙ୍କୁ ଅସୁବିଧାରେ ପକାଇଛି । ବିସିସିଆଇ ପକ୍ଷରୁ ଜାରି ବିବୃତ୍ତି ଅନୁସାରେ ଅଭିଷେକ ଶର୍ମା ଉଲ୍ଲଂଘନ କରିଥିବା ଆର୍ଟିକିଲ ୨.୩ ଅପମାନଜନକ କିମ୍ବା ଅଶ୍ଳୀଳ ଶବ୍ଦ ବ୍ୟବହାର ସହିତ ଜଡ଼ିତ । ଏହି ଅପରାଧ ପାଇଁ ତାଙ୍କୁ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି । ଅଭିଷେକ ମଧ୍ୟ ତାଙ୍କର ଭୁଲ୍ ମଧ୍ୟ ସ୍ୱୀକାର କରିଛନ୍ତି ।

## ଗ୍ରୀନଙ୍କ ସ୍ଥାନରେ ସେଫର୍ଟଙ୍କୁ ସୁଯୋଗ ଦିଆଯାଉ : ହରଭଜନ



**ନୂଆଦିଲ୍ଲୀ**

ଚାଲିଛି ଆଇପିଏଲ ୨୦୨୬ । ବେଶ୍ ରୋମାଞ୍ଚକର ହେଉଛି ମୁକାବିଲା । ଚଳିତ ସିଜିନରେ ମିନି ଅକ୍ସନ ସମୟରେ ସବୁଠାରୁ ମହଙ୍ଗା ଖେଳାଳିଭାବେ କିଣା ହୋଇଥିଲେ କେମରୁନ୍ ଗ୍ରୀନ୍ । ରସେଲଙ୍କ ସ୍ଥାନରେ ଦଳ ଜଣେ ଦକ୍ଷ ଅଲରାଉଣ୍ଡ ଭାବେ ତାଙ୍କୁ ଟିମ୍‌ରେ ସାମିଲ୍ କରିଥିଲା । ମାତ୍ର ଗ୍ରୀନ୍ ପ୍ରଥମ ଦୁଇ ମ୍ୟାଚରେ ସେମିତି ବଡ଼ ପାଳି ଖେଳିବାରେ ସକ୍ଷମ ହୋଇନାହାନ୍ତି । ଯାହାକୁ ନେଇ ଏକ ୟୁଟ୍ୟୁବ ଚ୍ୟାନେଲ ହରଭଜନ ଏ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିବା ଦେଖିବାକୁ ମିଳିଛି ।

ଭଜି କହିଛନ୍ତି କି, ଗ୍ରୀନ ଏବେ କେକେଆରର ପ୍ଲେଇଂ ଇଲେଭେନରେ ନିଜକୁ ଫିଟ୍ କରିପାରିନାହାନ୍ତି । ସେ ବୋଲିଂ କରୁ ନଥିବା ବେଳେ ଏବେ ସେ ଦଳରେ ଫିଟ୍ ନୁହନ୍ତି । ଯେଉଁ କାରଣରୁ ସେ ଟିମ୍‌ର ଆଶାକୁ ପୂରଣ କରିପାରୁନାହାନ୍ତି । ଏହାସହ ବ୍ୟାଟିଂରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ମାତ୍ର ୧୮ ରନ୍ କରିଥିବାବେଳେ ହାଇଦ୍ରାବାଦ ବିପକ୍ଷରେ ୨୨୭ ରନର ବିଶାଳ ଲକ୍ଷ୍ୟ ରହିଥିବାବେଳେ ଭୁଲ୍ ନିଷ୍ପତ୍ତି ପାଇଁ ମାତ୍ର ୨ ରନ କରି ରନ୍ ଆଉଟ୍ ହୋଇଥିଲେ । ସେ ଦଳରେ ବୋଲିଂ କରୁନଥିବାବେଳେ କେବଳ ବ୍ୟାଟିଂ କରୁଛନ୍ତି । ଏଣୁ କେକେଆର ପାଖରେ ଭଲ ବ୍ୟାଟିଂ ବିକଳ୍ପ ରହିଛି ।

ଏହାସହ ହରଭଜନ କେକେଆରକୁ ଏକ ଉପଦେଶ ଦେଇଛନ୍ତି । ସେ କହିଛନ୍ତି କି, ଗ୍ରୀନଙ୍କ ସ୍ଥାନରେ ସେଫର୍ଟଙ୍କୁ ସୁଯୋଗ ଦିଆଯାଉ । ସେ ଭଲ ପାଳି ଆରମ୍ଭ କରିବେ । ଏହାସହ ପାୱେଲ ମଧ୍ୟ ଦଳ ପାଇଁ ବିଦେଶୀ ଖେଳାଳିଭାବେ ଜଣେ ଭଲ ବିକଳ୍ପ ହୋଇପାରିବେ । କେକେଆର ନିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜୟ ହେବା ପରେ ଏବେ ଚାପରେ ରହିଛି । ଏଣୁ ଆଗକୁ ଦଳରେ ପରିବର୍ତ୍ତନ କରିବା ସହ ଆଗକୁ ବଢ଼ିବାକୁ ହେଲେ ମ୍ୟାଚ୍ ଜିତିବାକୁ ପଡ଼ିବ । ଦଳର ଦୁଇ ମ୍ୟାଚରୁ ଦୁଇ ପରାଜୟ ହୋଇଥିବାବେଳେ ଏବେ ଚାପରେ ରହିଛି ।

## ୨୦୨୭ରୁ ଆଇପିଏଲ ମ୍ୟାଚ୍ ସଂଖ୍ୟା ବୃଦ୍ଧି ପାଇବ : ଆଇପିଏଲ ଅଧ୍ୟକ୍ଷ

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣ ବର୍ତ୍ତମାନ ଚାଲିଛି; ଛଅଟି ମ୍ୟାଚ୍ ଖେଳାଯାଇସାରିଛି ଏବଂ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗସ ଏବଂ ପଞ୍ଜାବ କିଙ୍ଗସ ମଧ୍ୟରେ ୭ମ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଏହି ସିଜିନରେ ଦଶଟି ଦଳ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସେମାନଙ୍କ ମଧ୍ୟରେ ମୋଟ ୭୪ଟି ମ୍ୟାଚ୍ ଖେଳାଯିବାକୁ ସ୍ଥିର ହୋଇଛି । ତଥାପି ୨୦୨୭ରୁ ମ୍ୟାଚ୍ ସଂଖ୍ୟା ସମ୍ଭାବ୍ୟ ଭାବରେ ବୃଦ୍ଧି ପାଇପାରେ । ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୂମଲ କହିଛନ୍ତି ଯେ ଆଇପିଏଲ ୱିଣ୍ଡୋକୁ ବୃଦ୍ଧି କରିବା ଏକ ସମ୍ଭାବନା ଯାହା ବିଚାର କରାଯାଇପାରେ ।

ଯେତେବେଳେ ଆଇପିଏଲ ଆଠଟି ଦଳ ନେଇ ଗଠିତ ହୋଇଥିଲା, ପ୍ରତ୍ୟେକ ଦଳ ପ୍ରତ୍ୟେକ ଅନ୍ୟ ଦଳ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବା ପାଇଁ ବ୍ୟବହାର କରୁଥିଲା । ୨୦୨୨ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ଗୁଜରାଟ ଟାଇଟାନ୍ସର ପ୍ରବେଶ ସହିତ ମୋଟ୍ ଦଳ ସଂଖ୍ୟା ଦଶକୁ ପହଞ୍ଚାଇବା – ଲିଗ୍ ପର୍ଯ୍ୟାୟ ସମୟରେ ପ୍ରତ୍ୟେକ ଦଳ ପାଇଁ ପ୍ରତ୍ୟେକ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବା ଆଉ ସମ୍ଭବ ନୁହେଁ । ଅରୁଣ ଧୂମଲ ବିଶ୍ୱାସ କରନ୍ତି ଯେ, ବିଜି କ୍ରିକେଟ



କ୍ୟାଲେଣ୍ଡରକୁ ଦୃଷ୍ଟିରେ ରଖି, ବର୍ତ୍ତମାନ ମ୍ୟାଚ୍ ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ । ସେ 'ଡବଲ-ହେଡର' (ଗୋଟିଏ ଦିନରେ ଦୁଇଟି ମ୍ୟାଚ୍ ଖେଳାଯିବା)ର ଫ୍ରିକ୍ୱେନ୍ସି ବୃଦ୍ଧିକୁ ଏକ ବ୍ୟବହାରିକ ସମାଧାନ ବୋଲି ମଧ୍ୟ ବିଚାର କରନ୍ତି ନାହିଁ । ତଥାପି ସେ ସ୍ୱୀକାର କରିଛନ୍ତି ଯେ ଭବିଷ୍ୟତରେ ଆଇପିଏଲ ୱିଣ୍ଡୋକୁ ବିସ୍ତାର କରାଯାଇପାରିବ । ସେ ଏହି ସମ୍ଭାବ୍ୟ ପଦକ୍ଷେପ ପଛରେ ମୁଖ୍ୟ କାରଣ ଭାବରେ କିଛି ଦ୍ୱିପାକ୍ଷିକ ସିରିଜ୍ ପ୍ରତି ଜନଆଗ୍ରହ ହ୍ରାସ ପାଇବାକୁ ଉଲ୍ଲେଖ କରିଥିଲେ ।

ଏକ ସାକ୍ଷାତକାରରେ, ଅରୁଣ ଧୂମଲ ଲକ୍ଷ୍ୟ କରିଥିଲେ ଯେ, କିଛି ସମୟ ଧରି, ଦ୍ୱିପାକ୍ଷିକ କ୍ରିକେଟ ସିରିଜ୍ ପ୍ରତି ଜନଆଗ୍ରହରେ ଏକ ଉଲ୍ଲେଖନୀୟ ହ୍ରାସ ଘଟିଛି । ଏହି ଧାରା ହିଁ ପ୍ରମୁଖ କ୍ରିକେଟ ଦେଶଗୁଡ଼ିକ – ଯେପରିକି ଇଂଲଣ୍ଡ, ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ ଏବଂ ଦକ୍ଷିଣ ଆଫ୍ରିକା – ସେମାନଙ୍କର ନିଜସ୍ୱ ଘରୋଇ ଟି୨୦ ଲିଗ୍ ଆରମ୍ଭ କରିଛନ୍ତି । ତାଙ୍କ ଅନୁସାରେ, ଯଦି ଏହି ଧାରା ଜାରି ରହେ, ତେବେ ପ୍ରତ୍ୟେକ ଦେଶ କେବଳ ସେହି ଦ୍ୱିପାକ୍ଷିକ ସିରିଜ ଉପରେ ଧ୍ୟାନ କେନ୍ଦ୍ରିତ କରିବେ ଯାହା ସେମାନଙ୍କୁ ଏକ ବାସ୍ତବ ଆର୍ଥିକ ଲାଭ ପ୍ରଦାନ କରେ । ଏହି ସ୍ଥିତିରେ ହିଁ ଆଇପିଏଲ ୱିଣ୍ଡୋକୁ ବିସ୍ତାର କରାଯାଇ ପାରିବ ।

ଆଇପିଏଲ ଅଧ୍ୟକ୍ଷ ଆଶାବ୍ୟକ୍ତ କରିଥିଲେ ଯେ ଅନ୍ୟ କ୍ରିକେଟ ଦେଶମାନଙ୍କ ସହିତ ଗଠନମୂଳକ ଆଲୋଚନା ହେବ, ଯାହା ଫଳରେ ୨୦୨୭ରୁ ୭୪ରୁ ଅଧିକ ମ୍ୟାଚ୍ ପାଇଁ ଏକ ବଡ଼ ସମୟସୀମା ବଣ୍ଟନ କରାଯିବ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) କେବଳ ଭାରତୀୟ କ୍ରିକେଟର ଉନ୍ନତି ଉପରେ ନୁହେଁ, ବରଂ ବିଶ୍ୱ କ୍ରିକେଟର ସାମଗ୍ରିକ ଉନ୍ନତି ଉପରେ ମଧ୍ୟ ଧ୍ୟାନ ଦେଉଛି ।

## ପଞ୍ଜାବର ବିଜୟ ଧାରା ଜାରି, ଚେନ୍ନାଇର ଲଗାତାର ପରାଜୟ

**ଚେନ୍ନାଇ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍-୨୦୨୬ର ସପ୍ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପଞ୍ଜାବ କିଙ୍ଗ୍‌ସ ପରାସ୍ତ କରିଛି । ଏଥି ସହିତ ଚଳିତ ଆଇପିଏଲ୍‌ରେ ପଞ୍ଜାବ ତାର ବିଜୟଧାରା ଜାରି ରଖିଛି । ପୂର୍ବରୁ ଗୁଜରାଟ ବିପକ୍ଷରେ ପଞ୍ଜାବ ନିଜର ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା । ଅନ୍ୟପକ୍ଷରେ ଚେନ୍ନାଇ ତାର ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଜିତିପାରି ନାହିଁ । ଚେନ୍ନାଇ ଟିମ୍ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଠାରୁ ପରାସ୍ତ ହୋଇଛି ।

ପଞ୍ଜାବ ଟିମ୍ ୧୮.୪ ଓଭରରେ ୫ଟି ୱିକେଟ୍ ହରାଇ ନିଜର ଲକ୍ଷ୍ୟ ପୂରା କରିଛି । ଦଳ ୨୧୦ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିଛି । ଦଳର ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ । ଅଧିନାୟକ ଶ୍ରେୟସ ଆୟର ବିସ୍ଫୋରକ ଅର୍ଦ୍ଧଶତକ (୫୦ ରନ୍) କରିଥିଲେ । ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ୩୯ ରନ୍, ପ୍ରଭସିମରନ ସିଂହ ୪୩ ରନ୍,




କୋପର କନୋଲି ୩୬ ରନ୍ ନେହାଲ ୱାଧେରା ୧୦ ରନ୍, ଶଶାଙ୍କ ସିଂହ ଅପରାଜିତ ୧୪ ରନ୍ ଏବଂ କାର୍କସ ଷ୍ଟୋଇନିସ ଅପରାଜିତ ୯ ରନ୍ କରିଥିଲେ ।

ଚେନ୍ନାଇସ୍ଥିତ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଫଳରେ ଘରୋଇ ଟିମ୍ ବ୍ୟାଟିଂ କରିଥିଲା । ଋତୁରାଜ ଗାଏକ୍ୱାର୍ଡଙ୍କ ନେତୃତ୍ୱରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୦୯ ରନ୍ ସଂଗ୍ରହ କରିଥିଲା । ଫଳରେ ପଞ୍ଜାବକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୧୦ ରନ୍‌ର ଲକ୍ଷ୍ୟ ମିଳିଥିଲା ।

ଚେନ୍ନାଇ ପାଇଁ ଟି୨୦ ବିଶ୍ୱକପ୍‌ର ହିରୋ ସଂଜୁ ସାମସନ ଏବଂ ଋତୁରାଜ ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ପ୍ରଥମ ୱିକେଟ୍ ପାଇଁ ମାତ୍ର ୧୪ ରନ୍‌ର ଭାଗିଦାରୀ କରିପାରିଥିଲେ । ୱିକେଟ୍‌କିପର ବ୍ୟାଟର ସଂଜୁ ସାମସନ ୭ଟି ବଲ୍ ଖେଳି ଗୋଟିଏ ଚୌକା ସହାୟତାରେ ୭ ରନ୍ ସଂଗ୍ରହ କରିଥିଲେ । କିନ୍ତୁ ଦଳ ଦ୍ୱିତୀୟ ୱିକେଟ୍ ପାଇଁ ଭଲ ଭାଗିଦାରୀ ହୋଇ ପାରିଥିଲା । ଗାଏକ୍ୱାର୍ଡଙ୍କ ସହିତ ଆୟୁଷ ମାହାତ୍ରେ ୯୬ ରନ୍‌ର ଭାଗିଦାରୀ କରିପାରିଥିଲେ । ଗାଏକ୍ୱାର୍ଡ ୨୮ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ । ଏଥି ପାଇଁ ସେ ୨୨ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ ।

ଚେନ୍ନାଇର ବଡ଼ ସ୍କୋରରେ ସବୁଠାରୁ ବଡ଼ ଭୂମିକା ତୁଲାଇଥିଲେ ଆୟୁଷ । ସେ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିଲେ । ୪୩ଟି ବଲ୍ ଖେଳି ୬ଟି ଚୌକା ଏବଂ ୫ଟି ଛକା ବଳରେ ୭୩ ରନ୍ ସଂଗ୍ରହ କରିଥିଲେ । ଶିଭମ ଦୁବେ (ଅପରାଜିତ ୪୫ ରନ୍) ଏବଂ ସରଫରାଜ ଖାନ (୩୨ ରନ୍)ଙ୍କ ପ୍ରଦର୍ଶନ ମଧ୍ୟ ଉତ୍ସାହଜନକ ଥିଲା । ପ୍ରଶାନ୍ତ ବୀର ଅପରାଜିତ ୬ ରନ୍ ସଂଗ୍ରହ କରିଥିଲେ । ପଞ୍ଜାବ ପକ୍ଷରୁ ବିଜୟ କୁମାର ବ୍ୟାସକ ୨ଟି ୱିକେଟ୍ ଅକ୍ତିଆର କରିଥିଲା ବେଳେ ଜାଭିର ବାର୍ଟଲେଟ୍, ମାର୍କୋ ଜନସେନ୍ ଏବଂ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

## ଗାଙ୍ଗୁଲିଙ୍କ ବାୟୋପିକ୍ 'ଦାଦା : ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ' ଉପରେ ଫିଲ୍ମର ସୁଟିଂ ଆରମ୍ଭ

**ନୂଆଦିଲ୍ଲୀ**

ବଡ଼ ପରଦାରେ ଦେଖିବାକୁ ମିଳିବ ସୌରଭ ଗାଙ୍ଗୁଲିଙ୍କ ଜୀବନୀ । ଦୀର୍ଘ ଦିନର କଳ୍ପନାଜଳ୍ପନା ଏବଂ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ଗାଙ୍ଗୁଲିଙ୍କ ବାୟୋପିକ୍ 'ଦାଦା: ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ସୁଟିଂ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଚଳଚ୍ଚିତ୍ରରେ ସୌରଭ ଗାଙ୍ଗୁଲିଙ୍କ ଦମ୍‌ଦାର ବ୍ୟକ୍ତିତ୍ୱକୁ ପରଦାରେ ଜୀବନ୍ତ କରିବା ପାଇଁ ବଲିଉଡ୍‌ର ଅଭିନେତା ରାଜକୁମାର ରାଓଙ୍କୁ ଚୟନ କରାଯାଇଛି । ପୂର୍ବରୁ ଅନେକ ନାମ ଚର୍ଚ୍ଚାକୁ ଆସିଥିଲେ ମଧ୍ୟ, ଶେଷରେ ରାଜକୁମାରଙ୍କ ଅଭିନୟ ଶୈଳୀ ଓ ଚରିତ୍ର ଭିତରେ ହଜିଯିବାର କ୍ଷମତା ପାଇଁ ତାଙ୍କୁ ଚୂଡ଼ାନ୍ତ କରାଯାଇଛି । ସୌରଭଙ୍କ ଭଳି ବାମହାତୀ ବ୍ୟାଟିଂ ଶୈଳୀ ଏବଂ ତାଙ୍କର ଚାଲିଚଳନକୁ ଆୟତ୍ତ କରିବା ପାଇଁ ସେ ବିଶେଷ ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି । ନିକଟରେ ସେ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି, 'ଏହା ଆରମ୍ଭ ହେଲା... ଦାଦା, ଆପଣଙ୍କ ପାଇଁ ।' ସୌରଭ




ମଧ୍ୟ ରାଜକୁମାରଙ୍କ ଚୟନରେ ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି ।

ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଉଡାନ' ଏବଂ 'ଲୁଟେରା' ଭଳି ଚଳଚ୍ଚିତ୍ରର ଦକ୍ଷ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ମୋଟୱାନେ । ମୋଟୱାନେ ନିଜର ନିଖୁଣ କାହାଣୀ କହିବା ଶୈଳୀ ପାଇଁ ଜଣାଶୁଣା । ସେ ଇଡେନ ଗାର୍ଡେନର 'ସୌରଭ ଗାଙ୍ଗୁଲି ଷ୍ଟାଣ୍ଡ'ର ଏକ ଫଟୋ ଶେୟାର କରି ଲେଖିଛନ୍ତି, 'ଆସନ ଗ୍ରହଣ କରନ୍ତୁ', ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି । ଲଭ ରଞ୍ଜନ ଓ ଅଙ୍କୁର ଗର୍ଗଙ୍କ 'ଲଭ୍ ଫିଲ୍ମସ' ବ୍ୟାନରରେ ଏହି ବ୍ୟୟବହୁଳ ସିନେମା ନିର୍ମାଣ ହେଉଛି ।

ସୌରଭ ଗାଙ୍ଗୁଲିଙ୍କ ପ୍ରଶଂସକଙ୍କ ପାଇଁ ଏହା ଏକ ବଡ଼ ଉପହାର ହେବାକୁ ଯାଉଛି । ତେବେ ରାଜକୁମାର ରାଓ ପରଦାରେ କେତେ ସଫଳତାର ସହ 'ପ୍ରିନ୍ସ ଅଫ୍ କୋଲକାତା'ଙ୍କ ଅନ୍ଦାଜକୁ ଫୁଟାଇ ପାରୁଛନ୍ତି, ତାହା ଦେଖିବା ବେଶ୍ ରୋମାଞ୍ଚକର ହେବ । ଏହି ଚଳଚ୍ଚିତ୍ର ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ କରିବାର ସମ୍ଭାବନା ରହିଛି ।

## ଅପହରଣ କରିବା ସହିତ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତ ଗିରଫ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଧାର ଦେଇଥିବା ଟଙ୍କା ଫେରି ନ ପାଇବାରୁ ଜଣେ ଯୁବକଙ୍କୁ ଏସସିବି ନିକଟରୁ ଅପହରଣ କରିନେବା ସହିତ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ଚାଉଳିଆଗଞ୍ଜ ପୁଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ମହାନଦୀବିହାର ଅପର୍ଣ୍ଣାନଗର ଅଞ୍ଚଳର ଶ୍ରୀକାନ୍ତ ପାତ୍ରଙ୍କ ପୁଅ ସଚିଦାନନ୍ଦ ପାତ୍ର ଓରଫ ସଚିନ(୨୩) । ଅଦାଲତ ଚାଲାଣ ପରେ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ ମହାନଦୀବିହାର ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଗ୍ରାମର ରାଜେଶ ସ୍ୱାଇଁ ଟଙ୍କା ନିବେଶକରି ଅନ୍‌ଲାଇନରେ ବିଭିନ୍ନ ଗେମ୍ କରୁଥିଲେ । ଫଳରେ ଅଧିକ ଟଙ୍କା ଆବଶ୍ୟକ ପଡିବାରୁ ସେ ପୂର୍ବରୁ ଜଣାଶୁଣା ଥିବା ସଚିନଠାରୁ ସାଢ଼େ ୧୧ହଜାର ଟଙ୍କା ସୁଧ ଆକାରରେ ନେଇଥିଲେ । ଦୁଇମାସ ମଧ୍ୟରେ ସୁଧ ସହ ମୂଳ ଟଙ୍କା ଫେରାଇଦେବେ ବୋଲି କହିଥିଲେ । କିନ୍ତୁ ନିର୍ଦ୍ଧାରିତ ଦିନ ଅତିକ୍ରାନ୍ତ କରିଯାଇଥିଲେ ହେଁ ସୁଧ କି ମୂଳ ଟଙ୍କା ଫେରାଇ ନଥିଲେ । ଫଳରେ ସଚିନ ଫୋନ୍‌କରି ତାଙ୍କୁ ଟଙ୍କା ମାଗିଥିଲେ ହେଲେ ଖେଳରେ ସବୁ ଟଙ୍କା ହାରିଯାଇ ଥିବାରୁ ସେ ବର୍ତ୍ତମାନ ତାହାକୁ ଫେରାଇ ପାରିବ ନାହିଁ ବୋଲି କହିଥିଲେ । ରାଜେଶ କୌଣସି ଏକ କାମରେ ଏସସିବି ମେଡିକାଲ ଆଡକୁ ଯାଉଥିବାବେଳେ ବାଟରେ ସଚିନ ସହ ତାଙ୍କର ଭେଟ ହୋଇଯାଇଥିଲା । ଏହାପରେ ଟଙ୍କା କେଉଁଦିନ ଫେରାଇବ ସେ ସଂପର୍କରେ କଥାବାର୍ତ୍ତା ହେବାଲାଗି ସେ ରାଜେଶକୁ ଗାଡ଼ିରେ ବସାଇ ଅପହରଣ କରି ନିଜ ଘରକୁ ନେଇ ଆସିଥିଲା । ପରେ ସେ ତାଙ୍କୁ ଏକ ଘରେ ପୁରାଇ ନିର୍ଘାତ ମାଡ଼ ମାରିବା ଟଙ୍କା ନ ଦେଲେ ମାରି ଫିଙ୍ଗିଦେବ ବୋଲି ସଚିନ୍ ତାଙ୍କୁ କହିଥିଲେ ।




## ସମାଲୋଚକଙ୍କୁ ଟାର୍ଗେଟ କଲେ ଅଜିଙ୍କ୍ୟ ରାହାଣେ

**ନୂଆଦିଲ୍ଲୀ**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ କୋଲାକାତା ନାଇଟ୍ ରାଇଡର୍ସ ୬୫ ରନରେ ପରାସ୍ତ ହୋଇଛି । ଏହା ଦଳର ଲାଗାତର ଦ୍ୱିତୀୟ ପରାଜୟ । ଏହି ପରାଜୟ ପରେ କେକେଆର ଅଧିନାୟକ ଅଜିଙ୍କ୍ୟ ରାହାଣେ ତାଙ୍କ ସମାଲୋଚକଙ୍କୁ ଜବାବ ଦେଇଛନ୍ତି । ସେ କହିଛନ୍ତି, "ତାଙ୍କ ବିରୋଧରେ ଏକ ଏଜେଣ୍ଡା ଚାଲିଛି । ଯେଉଁମାନେ ତାଙ୍କ ବିରୋଧରେ ନକରାତ୍ମକ କଥା କହୁଛନ୍ତି ସେମାନେ ତାଙ୍କ ପ୍ରତି ଈର୍ଷା କରୁଛନ୍ତି ।" ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ପରେ ସାମ୍ବାଦିକ ସମ୍ମିଳନୀ ମଞ୍ଚରେ କେକେଆର ଅଧିନାୟକ ଅଜିଙ୍କ୍ୟ ରାହାଣେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ନେଇ ରାଗି ଯାଇଥିଲେ । ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୬୫ ରନରେ ପରାଜୟ ପରେ କୋଲକାତା ନାଇଟ୍ ରାଇଡର୍ସର ଅଧିନାୟକ ଅଜିଙ୍କ୍ୟ ରାହାଣେ ଖୋଲାଖୋଲି ଭାବରେ ତାଙ୍କ ସମାଲୋଚକମାନଙ୍କୁ ଟାର୍ଗେଟ କରିଥିଲେ । ସାଧାରଣତଃ ଶାନ୍ତ ରହୁଥିବା ରାହାଣେ ପ୍ରେସମିଟ୍‌ରେ ଆକ୍ରାମଣାତ୍ମକ ଦେଖାଯାଇଥିଲେ ।

ସମାଲୋଚନାର ଜବାବ ଦେଇ ରାହାଣେ କହିଥିଲେ, 'ହୁଏତ ଲୋକମାନେ ମୁଁ ପାଇଥିବା ସଫଳତା



ପାଇଁ ଈର୍ଷା କରୁଛନ୍ତି । ମୁଁ ଏହା ବିଷୟରେ ଚିନ୍ତା କରେ ନାହିଁ । ଗୋଟିଏ ଇନିଂସର କିଛି ମୂଲ୍ୟ ନାହିଁ । ଲୋକମାନେ ତାଙ୍କୁ ଭିନ୍ନ ଭାବେ ବ୍ୟାଟିଂ କରୁଥିବା ଦେଖିବାକୁ ଚାହାନ୍ତି, କିନ୍ତୁ ସେ ତାଙ୍କ ଶୈଳୀରେ ଆତ୍ମବିଶ୍ୱାସୀ । କେବେକେବେ ବ୍ୟାଟର ଭାବେ ଲୟ ମିଳିନଥିଲା । ଯେଉଁମାନେ କଥା କହୁଛନ୍ତି ସେମାନେ ଖେଳକୁ ବୁଝିନାହାନ୍ତି । ମୁଁ ବିଚଳିତ ନୁହେଁ । ମୁଁ ଜାଣେ ପୂର୍ବରୁ କ'ଣ କରିଛି କଣ କରିବି । ସେମାନଙ୍କୁ କଥା ହେବାକୁ ଦିଏ । ସେମମାନଙ୍କୁ କଥା ହେବାକୁ ଦିଅ । ରାହାଣେ ଆଶା କରନ୍ତି ଯେ ମୁଁ ଏହିପରି ଖେଳିପାରିବି । ଏହା ଭଲ ଯେ ଲୋକମାନେ ମୋ ବିଷୟରେ କଥାବାର୍ତ୍ତା କରୁଛନ୍ତି, ନକାରାତ୍ମକ ହେଉ କି ସକରାତ୍ମକ । ସ୍ପିନ୍ ବିରୁଦ୍ଧରେ ତାଙ୍କର ଦୁର୍ବଳତା ମଧ୍ୟବର୍ତ୍ତୀ ଓଭର ଗୁଡ଼ିକରେ (୭-୧୫) ସ୍ପଷ୍ଟ ଦେଖାଯାଏ, ଯେଉଁଠାରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୧୪.୦୨କୁ ହ୍ରାସ ପାଏ । ଏହି କାରଣରୁ ତାଙ୍କର ତାଙ୍କର ଆଭିମୁଖ୍ୟ ଉପରେ ନିରନ୍ତର ପ୍ରଶ୍ନ ଉଠିଛି । ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ରାହାଣେ ୧୦ ବଲ୍‌ରେ ୮ ରନ୍ କରି ଆଉଟ୍ ହୋଇଥିଲେ । ପଞ୍ଚମ ଓଭରର ଶେଷ ବଲ୍‌ରେ ଜୟଦେବ ତାଙ୍କୁ ଆଉଟ୍ କରିଥିଲେ । କୋଲକାତା ବନାମ ହାଇଦ୍ରାବାଦ ବିପକ୍ଷ ମ୍ୟାଚ ବିଷୟରେ କହିବାକୁ ଗଲେ, ୨୨୭ ରନର ବିଜୟ ଲକ୍ଷ୍ୟ ନେଇ କୋଲକାତା ୧୬୧ ରନରେ ଅଲଆଉଟ୍ ହୋଇଥିଲା । ଦଳ ଗୋଟିଏ ବି ୫୦ ରନର ପାର୍ଟନରସିପ୍ କରିପାରିନଥିଲା । ୧୨୦/୩ରୁ ୪୧ ରନ ମଧ୍ୟର ୭ଟି ୱିକେଟ ହରାଇଥିଲା । ରାହାଣେ ପରାଜୟ ପାଇଁ ପିଚକୁ ଦାୟୀ କରିଛନ୍ତି । ସେ କହିଥିଲେ, ୱିକେଟ ଭଲ ଥିଲା । ବୋଲରମାନେ ୧୦ ଓଭର ପରେ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲେ । ଗୋଟିଏ ସମୟରେ ହାଇଦ୍ରାବାଦ ୨୫୦-୨୬୦ ରନ୍ ଆଡ଼କୁ ଯାଉଥିଲା କିନ୍ତା ଆମେ ସେମାନଙ୍କୁ ଅଟକାଇ ଦେଲୁ । କ୍ୟାମରେନ ଗ୍ରୀନଙ୍କ ରନଆଉଟ୍ ରନ ଚେଜ୍‌ରେ ମୋଡ୍ ବଦଳାଇବାର ଚାନ୍ସ ଥିଲା । ପ୍ରଥମ ୬ ଓଭର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଆମକୁ ଏକ ବଡ଼ ଭାଗୀଦାରୀ ଆବଶ୍ୟକ ଥିଲା ଯାହା ଆମେ ଗଢି ପାରିଲୁ ନାହିଁ । କେକେଆର ଏପ୍ରିଲ ୬ରେ ପଞ୍ଜାବ ଏବଂ ୯ରେ ଲକ୍ଷ୍ନୌ ବିପକ୍ଷରେ ଖେଳିବ ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୪ ଅପ୍ରେଲ ୨୦୨୬ ଶନିବାର





# ଭୁବନେଶ୍ୱରରେ ମହିଳାଙ୍କୁ ଦୁଷ୍କର୍ମ ପ୍ରସଙ୍ଗ ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଶୋଷଣ କରିଛି ପୋଲିସ୍ : ବିଜେଡି

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ୨୦୨୫ ଜୁନ୍ ମାସରେ ଜଣେ ମହିଳାଙ୍କ ସହତି ହୋଇଥିବା ଦୁଷ୍କର୍ମ ଘଟଣାକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୀଡ଼ିତା ଜଣକ ନ୍ୟାୟ ପାଇବା ପାଇଁ ବାରମ୍ବାର ପୋଲିସ୍ର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ପୋଲିସ୍ ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ତାଙ୍କୁ ଶୋଷଣ କରିବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଓ ବିଜୁ ଯୁବ ଜନତା ଦଳର ସେକ୍ରେଟାରୀ ଜେନେରାଲ ସୋଫିଆ ଆଲାମ ରାଜ୍ୟରେ ଦୁଷ୍କର୍ମ ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ପୋଲିସ୍ ପ୍ରଶାସନର ଅପରାଗ ପଣିଆ ପାଇଁ ପୀଡ଼ିତା ନ୍ୟାୟ ପାଇବା ପରିବର୍ତ୍ତେ, ଶୋଷଣର ଶିକାର ହେବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଘଟଣାକୁ ନେଇ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଛି। ରାଜ୍ୟରେ ପୋଲିସ୍ ପ୍ରଶାସନ ମହିଳାଙ୍କୁ ନ୍ୟାୟ ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ କହିଥିଲେ, ୨୦୨୫ ମସିହାରେ ଦୁଷ୍କର୍ମର ଶିକାର ହୋଇଥିବା ମହିଳାଙ୍କ ପାଖରୁ ଭରତପୁର ଥାନାର ଏସ୍‌ଆଇ ପାର୍ଥସାରଥୀ ସ୍ୱାଇଁ, ଗଙ୍ଗାଧର ରାହୁଳ, କନଷ୍ଟେବଲ ସର୍ବେଶ୍ୱର ଦାସ ଓ ଆର ସତୀଶ ରାଓ ତଦନ୍ତ ଆଳରେ ତାଙ୍କ ଠାରୁ ଟଙ୍କା ନେବା ସହ ଆସାମୀକୁ ଧରିବା ବାହାନରେ ବିମାନ ଯାତ୍ରା କରିବା ପାଇଁ ଟିକେଟ ନେଇଥିଲେ। ରାତି ଅଧରେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ନେଗେଟିଭ ଫେବର ମାଗିଥିଲେ। ଏ ସମସ୍ତ ଘଟଣାରୁ ଜଣାପଡୁଛି ପୋଲିସ୍ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶୋଷଣ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନେଇଛି। ପୋଲିସ୍ ପାଖରୁ ନିରାଶ ହେବା ପରେ ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଗୁହାରି କରିଥିଲେ ମଧ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ। ଏହି ଘଟଣାରେ ପୋଲିସ୍ ଡିଜି ଅବଗତ ଅଛନ୍ତି କି ନାହିଁ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଶେଷରେ ବାଧ ହୋଇ ପୀଡ଼ିତା ଗଣମାଧ୍ୟମ ସମ୍ମୁଖରେ ନିର୍ଯାତନାର କାହାଣୀ ବଖାଣିଥିଲେ। ଗଣମାଧ୍ୟମରେ ମୁହଁ ଖୋଲିବା ପରେ ତାଙ୍କୁ ଅଜଣା ନମ୍ବରରୁ ହତ୍ୟା ଧମକ ମିଳୁଛି। ପୀଡ଼ିତାଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ପୋଲିସ୍ ଅଧିକାରୀ ମାନଙ୍କୁ ଚାକିରିରୁ ବହିଷ୍କୃତ କରାଯାଉ। ଦୁଷ୍କର୍ମ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ବିଜୁ ଜନତା ଦଳ ଦାବି କରୁଛି। ପୀଡ଼ିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଏ ଲଢ଼େଇ ଜାରି ରଖିବ।



ଗୁରୁବାର ରାତ୍ର ଘ. ୧୧.୦୦ଟାରେ ପୁରୀ ବଡ଼ଦାଣ୍ଡରେ ପହଞ୍ଚିଛି ଷଷ୍ଠ ଦଫା ରଥ କାଠ। ଏହି ରଥ କାଠ ବୌଦ୍ଧ ବନଖଣ୍ଡ କନ୍ଧମାଳ ଏବଂ ନୂଆପଡ଼ା ରେଞ୍ଜରୁ ୪୦ ଫୁଟିଆ ୧ଟି ଧଉରା କାଠ, ୪୦ ଫୁଟିଆ ୧୬ ଗୋଟି ଅସନ କାଠ, ୨୦ ଫୁଟିଆ ୧୩ ଗୋଟି ଅସନ କାଠ ଏହିପରି ମୋଟ ୩୦ ଖଣ୍ଡ ରଥ କାଠ ଆସିଅଛି।

## ବାଣ ତିଆରି ବେଳେ ଭୟଙ୍କର ବିସ୍ଫୋରଣ: ୬ ଗୁରୁତର

**ନୟାଗଡ଼, ନ୍ୟୁଜ୍‌ବ୍ୟୁରୋ**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ବାଣ ତିଆରି କରୁଥିବା ବେଳେ ଶୁକ୍ରବାର ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଜଣ ୬ ଜଣ ଗୁରୁତର ଆହତ ହୋଇଛନ୍ତି।

ଘଟଣା ସ୍ଥଳରେ ନୂଆଗାଁ ଥାନା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ସେ ହେଲେ ଭଞ୍ଜନଗର ଗେରେଡା ଗ୍ରାମର ଅମିତ ସେଠି(୧୫)। ଅନ୍ୟ ୫ଜଣ ଆହତ ହେଲେ କୋରଡ଼ା ଗ୍ରାମର ବାପୁନି ନାହାକ(୪୦), ମିନାଗାଡିଆ ଗାଁର ମନୋଜ ନାୟକ (୩୮), ବାପି ନାୟକ(୩୫), ବେଆଇନ ବାଣ କାରଖାନା ମାଲିକ ହଡିବନ୍ଧୁ ସେଠି(୬୦) ଏବଂ ନବ ସେଠି (୩୫)। ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳରେ ଗଚ୍ଛିତ ଥିବା ବାଣ ଏବଂ ବାଣ ତିଆରି ସାମଗ୍ରୀ ନଷ୍ଟ କରିଦିଆଯାଇଛି। ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଏବଂ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୭ ତାରିଖରେ ହେବାକୁ ଥିବା ଲଙ୍କାପୋଡ଼ି ଉତ୍ସବ ପାଇଁ ବାଣ ଭିଡ଼ିବା ବେଳେ ଏହି ଅଘଟଣ ଘଟିଥିବା ଚର୍ଚ୍ଚା ହେଉଛି।

## ମାଲ୍ ପରିବହନ ବୃଦ୍ଧି ପାଇଁ ନୂତନ ସାଇଡିଂ କମିଶନିଂ ଏବଂ ପ୍ରମୁଖ ଚୁକ୍ତି ସମ୍ପାଦନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ଡିଭିଜନ ମାଲ୍ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ମାଲ ଚାଲାଚଳକୁ ସୁଗମ କରିବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏମସିଏଲ/ଟିଏଲଏଚଆରର ଭୁବନେଶ୍ୱରୀ ଓସିପିରେ ଏସଆଇଏଲଓ କାର୍ଯ୍ୟ ପାଇଁ ଏକ ନୂତନ ରେଳ ସାଇଡିଂ କମିଶନ କରାଯାଇ ସଫଳତାର ସହ ଚାଲୁ କରାଯାଇଛି। ଏହି ସାଇଡିଂ ମାଧ୍ୟମରେ କୋଇଲା ଲୋଡିଂ କ୍ଷମତା ବୃଦ୍ଧି ପାଇବା ସହ ଦ୍ରୁତ ନିଷ୍କାସନ ସୁନିଶ୍ଚିତ ହେବ, ଯାହା ଫଳରେ ମାଲ ପରିବହନ କାର୍ଯ୍ୟକ୍ଷମତା ଆହୁରି ଉନ୍ନତ ହେବ।

ଏହା ସହିତ ଏମ/ଏସ ନ୍ୟୁ ଭିସ୍ତା ଲିଃ.ରେ ଏକ 'ଗତି ଶକ୍ତି କାର୍ଗୋ ଟର୍ମିନାଲ' (ଜିସିଟି) ନିର୍ମାଣ କରାଯାଇ କମିଶନ କରାଯାଇଛି, ଯାହା ମାଲ ହାଣ୍ଡଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇବ। ଏହା ସହିତ, ରେଳ ସଂଯୋଗକୁ ସୁଗମ କରିବା ଏବଂ ଭାରି ପରିମାଣର ମାଲ ଚାଲାଚଳକୁ ସୁନିଶ୍ଚିତ କରିବା ପାଇଁ ଏମ/ଏସ ପାରାଦୀପ ପୋର୍ଟ ଅଥରିଟି ଏବଂ ଏମ/ଏସ ଡାଲମିଆ ସିମେଣ୍ଟ ଲିଃ. ସହ 'ଏଣ୍ଡ ଅଫ୍ ଲାଇନ' (ଇଓଏଲ) ଚୁକ୍ତି ସମ୍ପାଦନ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ କାର୍ଯ୍ୟଦକ୍ଷତା ବୃଦ୍ଧି, ଗ୍ରାହକ ସମ୍ପର୍କ ସୁଦୃଢ଼ କରିବା ସହ ଡିଭିଜନର ମାଲ୍ ପରିବହନ ଆୟ ବୃଦ୍ଧି ପାଇବା ଆଶା କରାଯାଉଛି।

## ଯୋଗାଣ ବିଭାଗର କଡ଼ା ଚେତାବନୀ

# ୧୨ ଟଙ୍କା ଡେଇଁବନି ଆଳୁ ଦର, ଅଧିକରେ ବିକ୍ରି କଲେ ବନ୍ଧା ହେବେ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଖୁଚୁରା ବ୍ୟବସାୟୀ ଆଳୁ ୧୨ ଟଙ୍କାରୁ ଅଧିକରେ ବିକ୍ରି କରି ପାରିବେ ନାହିଁ। ଯଦି ଏହି ନିୟମକୁ ଅଣଦେଖା କରନ୍ତି, ବାନ୍ଧିକି ସିଧା ଜେଲକୁ ପଠାହେବ। ପ୍ରମେୟର ଖବର ପ୍ରକାଶ ପରେ ଶୁକ୍ରବାର ଏମିତି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ସରକାର। ଏହା ସହ ରାଜଧାନୀର ବିଭିନ୍ନ ମାର୍କେଟରେ ଧମାଧମ ଚଢ଼ଉ କରାଯାଇଛି।

ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବୈଠକ ବସିଥିଲା। ଏଥିରେ ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ବିଏମ୍‌ସି ଏସିଏସ୍‌ଓ ସହିତ ଭୁବନେଶ୍ୱର ସବୁ ବ୍ୟବସାୟୀ ଯୋଗଦେଇଥିଲେ। ଆଳୁ ଓ ପିଆଜ୍ ବିକ୍ରି ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ବୈଠକରେ କୁବେରପୁରୀ ହୋଲସେଲ ମାର୍କେଟ ଆଳୁ ଦର ପ୍ରସଙ୍ଗ ଉଠିଥିଲା। କୁଇଣ୍ଟାଲ ପ୍ରତି ୫ଶହରୁ ୬ଶହ ଟଙ୍କା ବିକ୍ରି ହେଉଥିବା ନେଇ ମତ ରଖିଥିଲେ କୁବେରପୁରୀ ବ୍ୟବସାୟୀ। ଏହି ପ୍ରସଙ୍ଗରେ ଏଡିଏମ୍ କହିଥିଲେ ଯେ ଖୁଚୁରା ବଜାରରେ ଦର କାହିଁକି ଅଧିକ। ବ୍ୟବସାୟୀମାନେ ଉତ୍ତର ରଖିଥିଲେ ଯେ ଆଳୁ ପରିବହନ ଓ ବଛା ଆଳୁ ମିଶାଇଲେ ୧୪ ଟଙ୍କାରେ ବିକ୍ରି ହେବ। ହେଲେ ଏହାକୁ ସିଧା ମନା କରିଥିଲେ ସିଏସ୍‌ଓ ଶ୍ରୀ ମିଶ୍ର। ଆଳୁ ଦର ୧୨ ଟଙ୍କାରୁ ଅଧିକ ବିକ୍ରି ହେବ ନାହିଁ ବୋଲି ରୋକଠୋକ୍ ଶୁଣାଇଥିଲେ। ଏହା ସହ ପିଆଜ ଦର ମଧ ୨୦ ଟଙ୍କାରୁ ଅଧିକ ବିକ୍ରି ହେବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଏହାପରେ ଆରମ୍ଭ ହୋଇଥିଲା ଚଢ଼ାଉ। ଯୋଗାଣ ବିଭାଗର ଏସିଏସ୍‌ଓଙ୍କ ନେତୃତ୍ୱରରେ ୟୁନିଟ୍-୧, ୟୁନିଟ୍-୪ ମାର୍କେଟରେ ଚଢ଼ଉ କରାଯାଇଥିଲା। ଆଳୁ ଦର ୧୨ ଟଙ୍କାରୁ ଅଧିକ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଧା ଚେତାବନୀ ଦିଆଯାଇଛି। ଖାଲି ଆଳୁ କି ପିଆଜ ନୁହେଁ। ବିଭାଗ ପକ୍ଷରୁ ହାଟରେ ଥିବା ସବୁ ଗ୍ରୋସରୀ ଦୋକାନ ବି ଯାଞ୍ଚ କରାଯାଇଛି। ଚାଉଳ, ଡାଲି, ତେଲ ଦର ଯାଞ୍ଚ କରାଯାଇଥିଲା। ଏହାସହ ବଡ ଗୋଦାମରେ ଥିବା ଷ୍ଟକ ବି ଯାଞ୍ଚ କରିଛି ଯୋଗାଣ ବିଭାଗ। ଏହି ବୈଠକରେ ଭୁବନେଶ୍ୱରର ସବୁ ବ୍ୟବସାୟୀ ସଂଘର ଏବଂ ମାର୍କେଟର କର୍ମକର୍ତ୍ତା ଯୋଗଦେଇଥିଲେ। ଏଭଳି ପରିସ୍ଥିତିରେ ସମସ୍ତେ ସହଯୋଗର ହାତ ବଢାଇବାକୁ ଏଡିଏମ୍ ଶ୍ରୀ ଜେନା କହିଛନ୍ତି।

## ଆନିକଟରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ଆନିକଟ ଠାରେ ବୁଡ଼ିଯାଇ ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଆଖୁଆପଦା ଗ୍ରାମର ରମେଶ ଚନ୍ଦ୍ର ବେହେରାଙ୍କ ପୁଅ ଭୋଳାନାଥ (୨୦) ଶୁକ୍ରବାର ଦିନ ୧୨ଟା ସମୟରେ ଅନ୍ୟ ପିଲାମାନଙ୍କ ସହ ଆନିକଟକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ଭାବେ ଗାଧୋଇବା ବେଳେ ଗଭୀର ଜଳରାଶିରେ ଭୋଳାନାଥ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ଖୋଜାଖୋଜି କରି ପ୍ରାୟ ୧୦ମିନିଟ ମଧ୍ୟରେ ଉଦ୍ଧାର କରି ଯାଜପୁର ମେଡିକାଲକୁ ନେଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଭୋଳାନାଥ ପରିବାରର ଏକମାତ୍ର ପୁତ୍ର ହୋଇଥିବା ବେଳେ ତାଙ୍କର ଅକାଳ ମୃତ୍ୟୁକୁ ନେଇ ବାପା ମାଆ ଭାଙ୍ଗି ପଡ଼ିଛନ୍ତି। ଖବର ପ୍ରଚାରିତ ହେବା ପରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ସଡ଼କ ଦୁର୍ଘଟଣାରେ ଦେଢ଼ ବର୍ଷର କୁନି ଝିଅର ମୃତ୍ୟୁ

**ଖନ୍ତାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଯାଇଛି। ଶୁକ୍ରବାର ସୋର ବ୍ୟାଙ୍କରୁ ଘରକୁ ଫେରୁଥିବା ସମୟରେ ଖନ୍ତାପଡ଼ା ବଜାର ନିକଟ ଖୁସି ହୋଟେଲ ସମ୍ମୁଖରେ ଅଟୋର ପଛ ପଟୁ ଥାର ଗାଡ଼ି ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଏକ ଦେଢ଼ ବର୍ଷର କୁନି ଝିଅର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ ମାଆ ଆଶ୍ରିତା ମହାଳିକ, ଯାଆ ସୁମିତ୍ରା ମହାଳିକ, ବାସନ୍ତୀ ପ୍ରଧାନ,ବଡ଼ ଝିଅ ସୃତି ମହାଳିକ, ଅଟୋ ଡ୍ରାଇଭର ସପନ କୁମାର ରାଉଳ। ଆଶ୍ରିତାଙ୍କ ସାନ ଝିଅ ସ୍ମୃତିର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ରାଜ୍ୟରୁ ହଟୁନି କୁଷ୍ଠ କଳଙ୍କ : ୭ ବର୍ଷରେ ୫୫ ହଜାର ଆକ୍ରାନ୍ତ, ପ୍ରତିବର୍ଷ ଯୋଡ଼ି ହେଉଛନ୍ତି ୮ ହଜାର ନୂଆ ରୋଗୀ!

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସବୁଠୁ ବଡ଼ ରୋଗ ବୋଲି କୁହାଯାଉ ଥିବା କୁଷ୍ଠ ରୋଗ ମୂଳୋତ୍ପାଟନ ପାଇଁ ହୋଇଥିବା ସବୁ ଉଦ୍ୟମ ସତେ ଯେମିତି ଫେଲ ମାରିଛି। ରାଜ୍ୟରେ କାୟା ମେଲାଇ ଚାଲିଛି କୁଷ୍ଠ। ସରକାରୀ ହିସାବ କହୁଛି, ରାଜ୍ୟରେ ବର୍ଷକୁ ପାଖାପାଖି ୮ ହଜାର ନୂଆ ରୋଗୀ ଚିହ୍ନଟ ହେଉଛନ୍ତି। ରାଜ୍ୟରେ ବିଗତ ୭ ବର୍ଷରେ ୫୫ ହଜାରରୁ ଅଧିକ ମାମଲା ନଜରକୁ ଆସିଛି। ଏଭଳି ଭାବେ ସଂକ୍ରମଣ ହାର ବଢ଼ି ଚାଲିଲେ ଆଗକୁ ସ୍ଥିତି ଉଦ୍‌ବେଗଜନକ ହେବା ଆଶଙ୍କା ସୃଷ୍ଟି ହୋଇଛି। ଚିହ୍ନଟ ରୋଗୀଙ୍କ ଭିତରୁ ଅଧିକାଂଶ ମଲ୍ଟିବାସିଲାରି ଲେପ୍ରସି (ଏମ୍‌ବି)ରେ ଆକ୍ରାନ୍ତ। ଏମାନଙ୍କ ଠାରେ ସଂକ୍ରମଣ ହାର ଅଧିକ। ଏଭଳି ଢଙ୍ଗରେ ଏମ୍‌ବି ଆକ୍ରାନ୍ତ ଚିହ୍ନଟ ହେଲେ, ଆଗକୁ ରାଜ୍ୟରେ ପ୍ରତିବର୍ଷ କୁଷ୍ଠ ରୋଗୀଙ୍କ ସଂଖ୍ୟା ଅଧିକ ଛୁଇଁପାରେ ବୋଲି ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ମାନଦଣ୍ଡ ଅନୁସାରେ ପ୍ରତି ୧୦ ହଜାର ଜନସଂଖ୍ୟାରେ ୧ରୁ କମ୍ କୁଷ୍ଠ ଆକ୍ରାନ୍ତ ଚିହ୍ନଟ ହେଲେ, ଏହା ଏକ ଜନସ୍ୱାସ୍ଥ୍ୟ ସମସ୍ୟା ନୁହେଁ। ୨୦୧୦ ମସିହାରୁ ଓଡ଼ିଶା ଏକ କୁଷ୍ଠପ୍ରବଣ ରାଜ୍ୟ ଭାବେ ପରିଗଣିତ ହୋଇଆସୁଛି।

ରାଜ୍ୟରେ କୁଷ୍ଠ ପ୍ରିଭେଲାନ୍‌ସ ରେଟ୍ ବା ବ୍ୟାପିବା ହାର ୧ରୁ ଅଧିକ ରହିଛି। ଅର୍ଥାତ୍ 'ହୁ'ର ମାନଦଣ୍ଡ ଅନୁସାରେ ଓଡ଼ିଶା କୁଷ୍ଠମୁକ୍ତ ନୁହେଁ। ୨୦୧୮-୧୯ ମସିହାରେ ରାଜ୍ୟରେ ପ୍ରତିବର୍ଷ ୧୦ ହଜାରରୁ ଅଧିକ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୪-୨୫ରେ ଏହି ସଂଖ୍ୟା ୭ହଜାରରୁ ଅଧିକ ରହିଛି। ୨୦୧୮-୧୯ରେ ୧୦ହଜାର ୭୮୬, ୨୦୧୯-୨୦ରେ ୧୦ହଜାର ୭୭ ଜଣ କୁଷ୍ଠ ରୋଗୀ ଚିହ୍ନ ହୋଇଥିଲେ। ତେବେ ୨୦୨୦ ପରଠାରୁ ୨୦୨୪ ଯାଏଁ ଏହି ସଂଖ୍ୟା ୧୦ ହଜାର ତଳେ ରହିଥିଲା। ଉକ୍ତ ସମୟ ଅବଧି କୋରନା ପ୍ରାଦୁର୍ଭାବ ଯୋଗୁ ଚିହ୍ନଟରେ ବ୍ୟାଘାତ ହୋଇଥିବା ମଧ କୁହାଯାଉଛି। ୨୦୨୪-୨୫ରେ ଓଡ଼ିଶାରେ ୩୯୫ଜଣ କୁଷ୍ଠରେ ଆକ୍ରାନ୍ତ ଶିଶୁ ଚିହ୍ନଟ ହୋଇଛନ୍ତି। ଯାହାକି ରାଜ୍ୟପାଇଁ ଚିନ୍ତା ବଢ଼ାଉଛି। ୨୦୧୩-୧୪ରେ କେନ୍ଦ୍ର ସରକାର ୪୦୪ କୁଷ୍ଠ ନିରାକରଣ ଅଧିକାରୀ ପଦବୀ ସହିତ ଅତିରିକ୍ତ ୧୮୪ ପଦବି ମଞ୍ଜୁର କରିଥିଲେ। ଅଧିକାଂଶ ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୮୬ କୁଷ୍ଠ କଲୋନି, ୪ କୁଷ୍ଠ ଆଶ୍ରମ ଓ ୧୪ କୁଷ୍ଠ ଚିକିତ୍ସାଳୟ ଅତି ଦୟନୀୟ ଅବସ୍ଥାରେ ଚାଲିଛି। ତୃଣମୂଳ ସ୍ତରରେ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

## ଖୁବ୍‌ଶୀଘ୍ର ପିପିଲି ସହରାଞ୍ଚଳରେ ପିଏନ୍‌ଜି ଯୋଗାଣ

# ଭିତ୍ତିଭୂମି ନିର୍ମାଣ ପ୍ରସ୍ତୁତ : ୧୨୫ ହୋଟେଲ ପାଇବେ ସୁବିଧା

**ପୁରୀ, ନ୍ୟୁଜ୍‌ବ୍ୟୁରୋ**



ଘରୋଇ ରନ୍ଧନ ଗ୍ୟାସ୍ ସମସ୍ୟାକୁ ନେଇ ଉପଭୋକ୍ତା ଆଉଟପାଉଟ ହେଉଛନ୍ତି। ଠିକ୍ ଏତିକି ବେଳେ ପୁରୀ ସହରାଞ୍ଚଳ ସମେତ ପିପିଲି, କୋଣାର୍କ, ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ପିଏନ୍‌ଜି (ପାଇପ୍ ନାଚୁରାଲ ଗ୍ୟାସ୍) ଯୋଗାଣ ହେବାର ସୂଚନା ମିଳିଛି। ପ୍ରଥମେ ପୁରୀ ସହରାଞ୍ଚଳର ସମସ୍ତ ପରିବାରକୁ ପିଏନ୍‌ଜି ସଂଯୋଗ ଦିଆଯିବ। ପିପିଲି ଏନ୍‌ଏସି ଅଞ୍ଚଳରେ ମଧ ପିଏନ ସଂଯୋଗ ଦେବା ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ। ସରକାରୀ ଅନୁମତି ମିଳିବା ମାତ୍ରେ ସମସ୍ତ ଉପଭୋକ୍ତା ଏହାର ସୁବିଧା ପାଇବେ। ନିମାପଡ଼ା ଓ କୋଣାର୍କକୁ ଭିତ୍ତିଭୂମି ନିର୍ମାଣ ପ୍ରସ୍ତାବ ରହିଛି ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ସରକାରୀ ଦାୟିତ୍ୱହୀନତାରୁ ପୁରୀ ମହାନଗର ନିଗମ ଅଞ୍ଚଳର ୩୧ ଓ ୩୨ ନମ୍ବର ୱାର୍ଡ ସମେତ ସହରର ମାତ୍ର ୬୦୦ ପରିବାରକୁ ପିଏନଜି ସଂଯୋଗ ଦିଆଯାଇଛି। ସହରାଞ୍ଚଳର ମାଟି ତଳେ ପାଇପ୍ ଗ୍ୟାସ୍ ଲାଇନ୍ ବିଛାଇବାରେ ଧୀମା ପଦକ୍ଷେପ ଯୋଗୁଁ ସହରର ବହୁ ପରିବାର ପିଏନଜି ସଂଯୋଗରୁ ବଞ୍ଚିତ ଅଛନ୍ତି।

ପାଇପ୍ ନ୍ୟାଚୁରାଲ ଗ୍ୟାସ୍ ଯୋଗାଣ କରୁଥିବା ଘରୋଇ ସଂସ୍ଥାର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ପୁରୀ ସହରରେ ପ୍ରାୟ ୪ ହଜାର ପରିବାରକୁ ପିଏନଜି ସଂଯୋଗ ଆସନ୍ତା ମାସ ସୁଦ୍ଧା ଦେବାକୁ ଲକ୍ଷ୍ୟ ରହିଛି। ଭୁବନେଶ୍ୱରରୁ ବଳିଆପଣ୍ଡା ପର୍ଯ୍ୟନ୍ତ ମାଟିତଳେ ଗ୍ୟାସ୍ ପାଇପ୍ ଲାଇନ୍ ବିଛା ସରିଛି। ସେହିପରି ବଳିଆପଣ୍ଡାରୁ ତାଳବଣିଆ ପର୍ଯ୍ୟନ୍ତ ଗ୍ୟାସ୍ ପାଇପ୍ ଲାଇନ୍ ବିଛା ଶେଷ ପ୍ରାୟ। ସହରାଞ୍ଚଳର ଭିତରେ ପ୍ରାୟ ୧୧ କିଲୋମିଟର ପର୍ଯ୍ୟନ୍ତ ଗ୍ୟାସ୍ ପାଇପ୍ ଲାଇନ୍ ବିଛା ସରିଛି। ତେଣୁ ସମୁଦ୍ରକୂଳ ରାସ୍ତା, ବଳିଆପଣ୍ଡା ରାସ୍ତା, ଚକ୍ରତୀର୍ଥ ରୋଡ, ତାଳବଣିଆ ରୋଡରେ ଥିବା ପ୍ରାୟ ୧୨୫ଟି ବଡ଼ ହୋଟେଲକୁ ପିଏନ୍‌ଜି ସଂଯୋଗ ଦେବାକୁ ଲକ୍ଷ୍ୟ ରହିଛି। ଏବେ ପ୍ରାୟ ୨୫ଟି ହୋଟେଲ୍କୁ ପିଏନଜି ସଂଯୋଗ ଦିଆଯାଇଛି ଓ ସେମାନେ ଏହାକୁ ବ୍ୟବହାର କରୁଛନ୍ତି।

ଏଲ୍‌ପିଜି ସିଲିଣ୍ଡର ବ୍ୟବହାରଠାରୁ ପିଏନଜି ବ୍ୟବହାର ଖୁବ୍ ନିରାପଦ। ଏହାର ବ୍ୟବହାରରେ ଶୂନ୍ୟ ବିପଦ ରହିଥାଏ। ଏହାଛଡ଼ା ଘରୋଇ ଗ୍ୟାସ୍ ସିଲିଣ୍ଡର ଅପେକ୍ଷା ହିତାଧିକାରୀ ୨୦ ପ୍ରତିଶତ କମ୍ ପିଏନଜି ରନ୍ଧନ ଗ୍ୟାସ୍ ବ୍ୟବହାର କରିଥାଏ। ଏହାକୁ ବ୍ୟବହାର କଲେ ନିର୍ଦ୍ଧାରିତ ମୂଲ୍ୟ ଦେବାକୁ ପଡ଼ିବ। ନଚେତ୍ ନାହିଁ। ପୁରୀରେ ପିଏନଜିର ଦୁଇଟି ଜରୁରୀ ସହାୟତା କେନ୍ଦ୍ର ମୋଚିସାହି ଛକ ଓ ତାଳବଣିଆ ଠାରେ କାମ କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତୀୟ ବାୟୁ ...

ହେବ। ୪୦୦ କିଲୋମିଟର ଦୂରରୁ ଏହା ଡ୍ରୋନ୍, ହେଲିକପ୍ଟର ଓ ଲଢୁଆ ବିମାନ ଆଦିକୁ ଠାବ କରି ସତର୍କ କରିପାରିବ।

### ଶକ୍ତିଶାଳୀ ହେଲା...

ଶକ୍ତି ଆଡକୁ ଦେଶର ଯାତ୍ରାର ପ୍ରତୀକ ଭାବରେ ପ୍ରଶଂସା କରିଥିଲେ। ସେ କହିଛନ୍ତି ଯେ ଆଇଏନ୍‌ଏସ୍ ତାରାଗିରିର ସାମିଲ ସମଗ୍ର ଅଞ୍ଚଳ ପାଇଁ ଶାନ୍ତି ଏବଂ ସମୃଦ୍ଧିର ବାର୍ତ୍ତା ପଠାଉଛି। ହିମାଳୟ ପର୍ବତମାଳାର ଏହାର ନାମ ସ୍ଥିର ହୋଇଥିବା କହିଛନ୍ତି ମନ୍ତ୍ରୀ। ସେ ଆହୁରି କହିଛନ୍ତି ଯେ, ଏହି ଯୁଦ୍ଧଜାହାଜ ଭାରତର ନୌସେନା କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଦେବ, ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବ ଏବଂ ଶତ୍ରୁମାନଙ୍କୁ ଦୂରରେ ରଖିବ। ଏହି ଯୁଦ୍ଧ ଜାହାଜ, ବ୍ରହ୍ମୋସ ଏବଂ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ସହିତ ସଜ୍ଜିତ। ଏହାର ଓଜନ ୭୦୦୦ ଟନ୍। ଏହା ଶତ୍ରୁଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିପାରିବ। ଏହା ଭାରତର ଦୀର୍ଘ ସାମୁଦ୍ରିକ ସୀମାର ଉପକୂଳବର୍ତ୍ତୀ ନିରୀକ୍ଷଣ ସୁନିଶ୍ଚିତ କରିବ ଏବଂ ମାନବିକ ମିଶନରେ ମଧ ନିୟୋଜିତ ହେବ। ଷ୍ଟିଲଥ ଫ୍ରିଗେଟର ସ୍ୱଦେଶୀ ଭାବେ ଏହା ନିର୍ମିତ ହୋଇଛି। ଏହାର ୭୫% ସ୍ୱଦେଶୀ ଭାବରେ ଉତ୍ପାଦିତ ହୋଇଛି। ଯାହା ଜାହାଜ ନିର୍ମାଣରେ ଭାରତର ବର୍ଦ୍ଧିତ ସମ୍ଭାବନାକୁ ଆହୁରି ସୁଦୃଢ଼ କରୁଛି।

### ଜଳୁଛି ବିଶ୍ୱର...

ଅଗ୍ନିକାଣ୍ଡ ଘଟିଛି। ଡ୍ରୋନ୍ ଓ କ୍ଷେପଣାସ୍ତ୍ରର ଧ୍ୱଂସାବଶେଷ ପଡ଼ିବା ପରେ ଏହି କେନ୍ଦ୍ରରେ ନିଆଁ ଲାଗିଯାଇଛି ଏବଂ ଲିଭାଇବା ପ୍ରକ୍ରିୟା ଜାରି ରହିଛି। ମରୁଭୂମି ଅଞ୍ଚଳରେ ରହୁଥିବା ସାଧାରଣ ଜନତାଙ୍କ ପାଇଁ ଏହି ଜଳ ପ୍ରକଳ୍ପଗୁଡ଼ିକ ଜୀବନରେଖା ସଦୃଶ ହୋଇଥିବାରୁ ଏହି ଆକ୍ରମଣ ଗଲ୍ଫ ସହଯୋଗ ପରିଷଦ (ଜିସିସି) ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ସେହିପରି ୟୁଏଇରେ ଆମାଜନ ଏବଂ ଓରାକଲ୍ ଭଳି ପଶ୍ଚିମ ଟେକ୍ କମ୍ପାନିଗୁଡ଼ିକର ଡାଟା ସେଣ୍ଟର ଏବଂ ଏକ ପ୍ରମୁଖ ଗ୍ୟାସ ପ୍ଲାଣ୍ଟ ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇଛି।

### ୨୦୨୫-୨୬ ଆର୍ଥିକ...

ଏହାଦ୍ୱାରା ଖଣି ଅଞ୍ଚଳର ସମାବେଶୀ ଉନ୍ନତିକୁ ସୁନିଶ୍ଚିତ ହୋଇପାରୁଛି। ଏହି ସଫଳତା ଖଣି ଓ ବିଭିନ୍ନ ଅଞ୍ଚଳର କର୍ମଚାରୀ ମାନଙ୍କର ମିଳିତ ପ୍ରୟାସ, ସହାୟକ ବିଭାଗମାନଙ୍କର ଭୂମିକା ଏବଂ ବରିଷ୍ଠ ଅଧିକାରୀ ମାନଙ୍କ ଉତ୍ତମ ପରିଚାଳନାର ସୁଫଳ।

### ଔଷଧ ଉପରେ...

ଯୋଜନା ଅଧୀନରେ ଅନୁମୋଦନ ପାଇନଥିବା କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ – ୧୦୦% ଶୁଳ୍କ ଲାଗୁ ହେବ।

ଯଦିଓ ଜେନେରିକ୍ ଔଷଧ ବର୍ତ୍ତମାନ ଏହି ଛାଡ଼ର ପରିସର ମଧ୍ୟରେ ଆସୁଛି, ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଜେନେରିକ୍ ଔଷଧ ଶିଳ୍ପ ଦ୍ରୁତ ଗତିରେ ଉତ୍ପାଦନକୁ ଯୁକ୍ତରାଷ୍ଟ୍ରକୁ ଫେରାଇ ନ ଆଣେ ତେବେ ଏହି ପରିସ୍ଥିତି ପରିବର୍ତ୍ତନ ହୋଇପାରେ। ଜେନେରିକ୍ ଔଷଧ – ଯାହା ଭାରତର ଔଷଧ ରପ୍ତାନୀର ଏକ ପ୍ରମୁଖ ଅଂଶ ଗଠନ କରେ – ଶୁଳ୍କରୁ ମୁକ୍ତ ତଥାପି, ବାଣିଜ୍ୟ ବିଭାଗ ଜେନେରିକ୍ ଔଷଧ ପୁନଃଶୋରିଂର ସ୍ଥିତି ମୂଲ୍ୟାଙ୍କନ କରିବ ଏବଂ ସେହି ଅନୁସାରେ ଜେନେରିକ୍ ଔଷଧ ଉପରେ ଶୁଳ୍କ ସମୀକ୍ଷା କରିବ। ଏହି ଶୁଳ୍କ ବଡ଼ କମ୍ପାନୀଗୁଡ଼ିକ ପାଇଁ ଜୁଲାଇ ୩୧ ଏବଂ ଛୋଟ କମ୍ପାନୀଗୁଡ଼ିକ ପାଇଁ ସେପ୍ଟେମ୍ବର ୨୯ରେ କାର୍ଯ୍ୟକାରୀ ହେବ।

ଏହି ଧାତୁଗୁଡ଼ିକ ଥିବା ଉତ୍ପାଦଗୁଡ଼ିକ ପାଇଁ ନିୟମାବଳୀକୁ ସରଳୀକୃତ କରାଯାଇଛି। ଯେଉଁ ସାମଗ୍ରୀଗୁଡ଼ିକରେ ଧାତୁ ସାମଗ୍ରୀ ଉତ୍ପାଦର ମୋଟ ଓଜନର ୧୫% ରୁ କମ୍ ହୋଇଥାଏ, ସେମାନଙ୍କ ପାଇଁ କୌଣସି ପୃଥକ ଧାତୁ ଶୁଳ୍କ ଲାଗୁ ହେବ ନାହିଁ; ବରଂ, କେବଳ ମାନକ ଦେଶ-ସ୍ତରୀୟ ଶୁଳ୍କ ଲାଗୁ ହେବ। ଯେଉଁଠାରେ ଧାତୁ ସାମଗ୍ରୀ ଓଜନ ଦ୍ୱାରା ୧୫% ଅତିକ୍ରମ କରେ, ସେଠାରେ ସଠିକ୍ ଧାତୁ ଗଠନ ନିର୍ବିଶେଷରେ, ଉତ୍ପାଦର ସମଗ୍ର ମୂଲ୍ୟ ଉପରେ ୨୫% ସମାନ ଶୁଳ୍କ ଲାଗୁ ହେବ।

## ବାଲେଶ୍ୱରରେ ଭୟଙ୍କର ବିସ୍ଫୋରଣ : ଡ୍ରେନ୍ ଭିତରୁ ଉଠିଲା ୬ ଫୁଟ୍‌ର ନିଆଁ, ଥରିଉଠିଲା କଲୋନୀ



**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଡ୍ରେନ୍ ଭିତରେ ଭୟଙ୍କର ବିସ୍ଫୋରଣ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ବିସ୍ଫୋରଣର ପ୍ରକୃତ କାରଣ ଅସ୍ପଷ୍ଟ ଥିବାବେଳେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ବାଲେଶ୍ୱର ମ୍ୟୁନିସିପାଲିଟି ପୋଡୁଆପଦା ପ୍ରଗତିନଗର କଲୋନୀରେ ମ୍ୟୁନିସପାଲଟି ଡ୍ରେନ୍ ଭିତରେ ଏକ ଭୟଙ୍କର ବିସ୍ଫୋରଣ ହୋଇଛି। ବିସ୍ଫୋରଣର ମାତ୍ରା ଏତେ ତୀବ୍ର ଥିଲା ଯେ, ୬ ଫୁଟ୍ ଉପରକୁ ନିଆଁ ଉଠିଥିଲା। ଶହେ ମିଟର ପର୍ଯ୍ୟନ୍ତ ଡ୍ରେନ୍ କାନ୍ଥ ଫାଟିବା ସହ ସିମେଣ୍ଟ ଚେୟାର ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଦୁଇ ତିନିଟି ସ୍ଥାନରେ ପାଣି ପାଇପ୍ ମଧ ଜଳିଯାଇଛି।

ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲା। ସୂଚନାନୁସାରେ, ଡ୍ରେନ୍ ଉପରେ କାଠ ଚୁଲିରେ ରୋଷେଇ ହେଉଥିବା ଦେଖିବାକୁ ମିଳିଥିବା ବେଳେ ବିସ୍ଫୋରଣ କେମିତି ଘଟିଲା ତା'ର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଅନ୍ୟ ପକ୍ଷରେ ନିକଟରେ ଥିବା ବିଜ୍ଞାନ ଗୃହରୁ ରାସାୟନିକ ପଦାର୍ଥର ପାଣି ଡ୍ରେ ପ୍ରବାହିତ ଯୋଗୁଁ ଏଭଳି ହୋଇଥିବା ପ୍ରାଥମିକ ପର୍ଯ୍ୟାୟରେ ଆଶଙ୍କା କରାଯାଇଛି।

## ବୟୋଜ୍ୟେଷ୍ଠ ସାହିତ୍ୟିକ, ଆକାଶବାଣୀ ଗୀତିକାର ଲକ୍ଷ୍ମୀଧର ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ବୟୋଜ୍ୟେଷ୍ଠ ସାହିତ୍ୟିକ ତଥା ଆକାଶବାଣୀ, କଟକର ବରିଷ୍ଠ ଗୀତିକାର ଲକ୍ଷ୍ମୀଧର ମିଶ୍ରଙ୍କର ଶୁକ୍ରବାର ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମିଶ୍ର ୧୯୬୭ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ। ସେ ଓଡ଼ିଶାର ବହୁ ସରକାରୀ ହାଇସ୍କୁଲରେ ଶିକ୍ଷକତା କରିଛନ୍ତି। ଓଡ଼ିଆ ଲିପିରେ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'କୁ ପ୍ରସ୍ତୁତ କରିବା ସହ ତା'ର ପଦ୍ୟାନୁବାଦ ପ୍ରକାଶ କରି ସେ ପାଠକମାନଙ୍କ ଆଦର ଲାଭ କରିଛନ୍ତି। ଓଡ଼ିଶାର ପ୍ରସିଦ୍ଧ ଗାୟକମାନେ ଗାଇଥିବା ତାଙ୍କର ଗୀତିଗୁଡ଼ିକର ସଂକଳନ 'ବିଚିତ୍ର ପଦାବଳୀ' ଉଚ୍ଚ ପ୍ରଶଂସା ଲାଭ କରିଛି। ଏତଦ୍‌ବ୍ୟତୀତ ଆହୁରି ସାତଟି କାବ୍ୟଗ୍ରନ୍ଥର ରଚୟିତା ରୂପେ ସେ ମନେ ରହିବେ। ଖୋର୍ଦ୍ଧା ଜିଲ୍ଲା ହଳଦିଆ ପଞ୍ଚାୟତର ଭଗବାନପୁର ଶାସନ ଗ୍ରାମରେ ଜନ୍ମ ନେଇଥିବା ସ୍ୱର୍ଗତ ମିଶ୍ର ପଛରେ ତାଙ୍କ ପତ୍ନୀ, ଚାରି ପୁଅ ଓ ଚାରି ଝିଅଙ୍କୁ ଛାଡ଼ି ଯାଇଛନ୍ତି। ମୃତ୍ୟୁ ବେଳକୁ ପାଖରେ ତାଙ୍କର ପତ୍ନୀ ପଙ୍କଜିନୀ ମିଶ୍ର ଏବଂ ପୁଅ ଶାନ୍ତିନିକେତନର ପ୍ରଫେସର ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଅରୁଣ ରଞ୍ଜନ ମିଶ୍ର, ଡକ୍ଟର ଅନୁରୁ ରଞ୍ଜନ ମିଶ୍ର, ଡକ୍ଟର ଅନୁପ ରଞ୍ଜନ ମିଶ୍ର ଓ ଅସିତ ରଞ୍ଜନ ମିଶ୍ରଙ୍କ ସହ ସାନବୋହୂ ଓ.ୟୁ.ଏ.ଟି.ର ଡକ୍ଟର ରାଜଶ୍ରୀ ରଥ ଉପସ୍ଥିତ ଥିଲେ।

ଓଡ଼ିଶା ପୃଷ୍ଠା

ଭୁବନେଶ୍ୱର, ୦୪ ଅପ୍ରେଲ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବିଷ ଦେଇ ମା'କୁ ହତ୍ୟା କଲା ପୁଅ

**ଭୋଗରାଇ,୩।୪**
**ନ୍ୟୁଜ୍‌ବ୍ୟୁରୋ**

ମାଆକୁ ମାରିଲା ପୁଅ। ଏ କଥା ଯେତିକି ହୃଦୟ ବିଦାରକ ସେତିକି ଆଶ୍ଚର୍ଯ୍ୟ। କେହି କେବେ ଜନ୍ମ କଲା ମାଆକୁ ହାତ ଉଠାଇବାକୁ ବି ସ୍ୱପ୍ନରେ ଭାବି ନ ଥାଏ। ମାତ୍ର ଏଭଳି ଜଣେ ପୁଅର ଘଟଣା ସାମ୍ନାକୁ ଆସିଛି ଯିଏ ମାଆକୁ ହତ୍ୟା କରିଛି। ଏଭଳି ଏକ ଘଟଣା ନଜରକୁ ଆସିଛି ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ ଚକେଇସବ ଗ୍ରାମରେ। ମା'କୁ ବିଷ ଖୁଆଇ ହତ୍ୟା କରିଛି ପୁଅ। ଏ ନେଇ ଅଭିଯୋଗ ଆଣିଛନ୍ତି ପୁତୁରା ଓ ନଣନ୍ଦ। ପରେ ପୁଅକୁ ଗଛରେ ବାନ୍ଧି ପିଟିଲେ ଗ୍ରାମବାସୀ। ଖବରପାଇ ଘଟଣାସ୍ଥଳରେ କମର୍ଦ୍ଦା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।



ସୂଚନା ଅନୁସାରେ, କମର୍ଦ୍ଦା ଥାନା ଅନ୍ତର୍ଗତ ଚକେଇସବ ଗ୍ରାମର ପଦ୍ମାବତୀ ଦଳାଇ ଓ ପୁଅ ଲକ୍ଷ୍ମୀକାନ୍ତ ଦଳାଇଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ଲାଗି ରହିଥିଲା। ପୁତୁରା କହିବା ଅନୁଯାୟୀ ଗୁରୁବାର ରାତିରେ ପୁଅ ମା'କୁ ମାଡ଼ ମାରି ଘର ବାହାରକୁ ବାହାର କରିଦେଇଥିଲା।

ଶୁକ୍ରବାର ସକାଳେ ସ୍ତ୍ରୀକୁ ଶ୍ୱଶୁର ଘରେ ଛାଡ଼ି ଦେଇ ପୁଅ ଘରକୁ ଫେରିଥିଲା। ପରେ ଘରେ ଥିବା ବିଷକୁ ମା' ମୁହଁରେ ଜବରଦସ୍ତ ଖୁଆଇ ଦେଇଥିଲା ପୁଅ। କିଛି ସମୟ ପରେ ମା'ର ମୃତ୍ୟୁ ହୋଇଥିଲା। ପରିବାର ଲୋକ ଓ ଗ୍ରାମବାସୀ ପୁଅକୁ ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ ଗିରଫ କରି ତଦନ୍ତ ଜାରି ରଖିଛି।

ଏହି ଅମାନୁଷିକ କାର୍ଯ୍ୟକୁ ନେଇ ଗାଁରେ ଚାଞ୍ଚଲ୍ୟ ଖେଳିଯାଇଛି। ମା'କୁ ବିଷ ଦେଇ ମାରିଦେଇଥିବା ପୁଅ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ପୋଲିସର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।



ଭୁବନେଶ୍ୱର : ପ୍ରଭୁ ଯୀଶୁ କ୍ରୁଶବିଦ୍ଧ ହେବାର ସ୍ମାରକୀ ବହନ କରୁଥିବା ପବିତ୍ର ଗୁଡ୍ ଫ୍ରାଇଡେ' ପାଳନ ଅବସରରେ ସତ୍ୟନଗର କାଥୋଲିକ ଚର୍ଚ୍ଚ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। (ଫଟୋ : ସମ୍ବାଦ କଳିକା)

# ଜାତୀୟ ଜନଗଣନା ପରିପ୍ରେକ୍ଷୀରେ ସେଲ୍ଫ ଏନୁମରେସନ୍ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୪**
**ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଜନଗଣନା ଆରମ୍ଭ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ତାଙ୍କ ସରକାରୀ ବାସଭବନରେ ସେଲ୍ଫ ଏନୁମରେସନ୍ କରିଛନ୍ତି। ଅନଲାଇନ ପୋର୍ଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନିଜେ ନିଜର ତଥ୍ୟ ପ୍ରଦାନ କରି ଦେଶର ପ୍ରଥମ ଡିଜିଟାଲ ଜନଗଣନାରେ ସାମିଲ ହେବା ସହ ସ୍ୱ-ଗଣନା ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପବନ କଲ୍ୟାଣ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

ସେଲ୍ଫ ଏନୁମରେସନ୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରି ଜନ ଗଣନାରେ ସହଯୋଗ କରିବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ। ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଏବଂ ଗୃହତାଲିକା-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି।



ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶାସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଚଳିତ ଅପ୍ରେଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି।

ଏହି କାର୍ଯ୍ୟକ୍ରମରେ ଅପ୍ରେଲ୍ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟକ୍ରମ ଜାରି ରହିଛି। ଏଥିରେ ସେଲ୍ଫ ଏନୁମରେସନ୍ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି। ଆପଣ ଯଦି ଏ ପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି, ତେବେ ଏହି ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନ ଗଣନାରେ ସହଯୋଗ କରନ୍ତୁ ବୋଲି ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ।

ଅପ୍ରେଲ୍ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘର-ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହି ତଥ୍ୟ ଆମ ରାଜ୍ୟ ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ତଥ୍ୟ ପ୍ରଦାନ ନିମନ୍ତେ ଆପଣମାନେ ସମସ୍ତେ ସହଯୋଗର ହାତ ବଢ଼ାଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ। ଆମ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଣନାକାରୀ ଆପଣଙ୍କ ଘରକୁ ଯେଉଁ ସମୟରେ ତଥ୍ୟ ସଂଗ୍ରହ କରିବା ପାଇଁ ଯିବେ ତାଙ୍କୁ ସଠିକ ତଥ୍ୟ ପ୍ରଦାନ କରି ଆମ ରାଜ୍ୟ ତଥା ଦେଶର ବିକାଶରେ ସହାୟତା କରନ୍ତୁ। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଜାତୀୟ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆପଣମାନଙ୍କ ଆନ୍ତରିକ ଯୋଗଦାନ ନିମନ୍ତେ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ।

# ପଲାସା-ଇଚ୍ଛାପୁରମ ଅଞ୍ଚଳକୁ ପୂର୍ବତଟରୁ କାଢ଼ି ଦକ୍ଷିଣତଟ ରେଳବାଇରେ ମିଶ୍ରଣକୁ ବିଜେଡିର ବିରୋଧ

**ଭୁବନେଶ୍ୱର,୩।୪**
**ନ୍ୟୁଜ୍‌ବ୍ୟୁରୋ**

ଡବଲ୍ ଇଞ୍ଜିନ୍ ଡବଲ୍ ବିକାଶ ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାରରେ ଓଡ଼ିଶାକୁ ଅଧିକ ଅନୁଦାନ ଓ ସୁବିଧା ସୁଯୋଗ ମିଳିବା ପରିବର୍ତ୍ତେ ଓଡ଼ିଶାର ହକ୍‌କୁ ଛଡ଼ାଇ ନିଆଯାଉଛି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଓଡ଼ିଶା ଦିବସ ପାଳନ ସମୟରେ ପଲାସା ଓ ଇଚ୍ଛାପୁରମ ଅଞ୍ଚଳକୁ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇରୁ କାଢ଼ିନେଇ ଆନ୍ଧ୍ରପ୍ରଦେଶରେ ଥିବା ଦକ୍ଷିଣତଟ ରେଳବାଇରେ ମିଶ୍ରଣ କରାଯାଇଛି। ଯାହାକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି ଡବଲ ଇଞ୍ଜିନ ସରକାର ରାଜ୍ୟକୁ ଡବଲ ଧୋକା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେମାନେ କହିଥିଲେ ଯେ ପୂର୍ବତଟ ରେଳବାଇ ଦେଶରେ ଥିବା ସମସ୍ତ ରେଳବାଇ ଡିଭିଜନ ମଧ୍ୟରେ ସର୍ବାଧିକ ରାଜସ୍ୱ ଦେଉଥିବା ଡିଭିଜନ୍। ଆନ୍ଧ୍ରକୁ ଖୁସି କରାଇବାକୁ ଯାଇ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇକୁ ଦୁର୍ବଳ କରିବାକୁ ଲଗାତର ଉଦ୍ୟମ ହେଉଛି। ପ୍ରାୟ ୧ ବର୍ଷ ତଳେ କୋରାପୁଟଜିଲ୍ଲା ଓ ରାୟଗଡା ଜିଲ୍ଲାର କିଛି ଅଂଶକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଥିଲା।

ପୂର୍ବତଟ ରେଳବାଇକୁ ଲଗାତର ଭାବେ ସଙ୍କୁଚିତ କରାଯାଉଛି। ଓଡ଼ିଶାର ୨୦ ଜଣ ଲୋକସଭା ବିଜେପି ସାଂସଦ ଓ ରାଜ୍ୟର ନେତୃତ୍ୱ ମୁହଁରେ ତୁଣ୍ଡିଦେଇ ବସି ରହିଛନ୍ତି। ରାଜ୍ୟବାସୀ ଜାଣିବାକୁ ଚାହୁଁଛନ୍ତି ସେମାନଙ୍କ ଭୂମିକା କ'ଣ ? ଏହାଛଡା ଜଣେ ଓଡ଼ିଶାର ସାଂସଦ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ଆନ୍ଧ୍ର ପାଖରେ ବନ୍ଧା ପକାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କହିଥିଲେ।

ବିଜେଡ଼ି ମୁଖପାତ୍ର ଡକ୍ଟର ମହାନ୍ତି କହିଥିଲେ ଯେ ରାଜ୍ୟରେ ଅନ୍ୟୁନ ୬ଟି ଜିଲ୍ଲାକୁ ରେଳ ସଂଯୋଗ ହୋଇପାରି ନାହିଁ। ସରକାର ରାଜ୍ୟବାସୀଙ୍କୁ ଧୋକା ଦେଉଛନ୍ତି। ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବା ସହିତ ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଥିବା ରେଳପଥ ଗୁଡ଼ିକୁ ଦକ୍ଷିଣ-ପୂର୍ବ ରେଳବାଇରୁ କାଢି ପୂର୍ବତଟ ରେଳବାଇରେ ମିଶ୍ରଣ କରି ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ବିଜେଡି ଦାବି କରୁଛି ବୋଲି ଡକ୍ଟର ମହାନ୍ତି କହିଛନ୍ତି।

# ନକଲି ସିଆଇଡି ଅଧିକାରୀଙ୍କୁ ବାନ୍ଧିଲା ଚନ୍ଦ୍ରଶେଖରପୁର ପୋଲିସ

**ଭୁବନେଶ୍ୱର,୩।୪**
**ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀରେ ମିଛ ସିଆଇଡି ଅଧିକାରୀ ବନିବା ମହଙ୍ଗା ପଡ଼ିଲା। ମିଛ କହି ବ୍ଲାକମେଲ କରି ବନ୍ଧାହେଲେ ନକଲି ସିଆଇଡି। ନିଜକୁ ସିଆଇଡି ଅଧିକାରୀ କହି ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପ୍ରବେଶ କରୁଥିଲେ। ଧମକ ଚମକ ଦେଖାଇ ଟଙ୍କା ଆଦାୟ କରୁଥିଲେ। ଶିକ୍ଷା ଅନୁଷ୍ଠାନରେ ପ୍ରବଳ ଅନିୟମିତତା ଦର୍ଶାଇ ଅର୍ଥ ଆଦାୟ କରୁଥିଲେ। କେବଳ ଶିକ୍ଷା ଅନୁଷ୍ଠାନ ନୁହଁ ବଡ଼ବଡ଼ ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ଏମାନେ ନିଜକୁ ସିଆଇଡି କହି ଯାଞ୍ଚ ଆଳରେ ମାଲିକଙ୍କ ଠାରୁ ଟଙ୍କା ଲୁଟୁଥିଲେ। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ବାହାରେ ନାଲି ପତକା ମାରି ଟଙ୍କା ମାଗୁଥିବା ସମୟରେ ପୋଲିସ ପହଞ୍ଚିଥିଲା। ନିଜକୁ ସିଆଇଡି ପରିଚୟ ଦେଉଥିବା ଅଭିଯୋଗରେ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ। ଏମାନଙ୍କ ଭିତରେ ୪ ମହିଳା ମଧ୍ୟ ସାମିଲ ରହିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ପୂଜା ବେହେରା,



ପ୍ରତିମା ପରିଡ଼ା, ଜେନାମଣି ପ୍ରଧାନ, ସୌଭାଗ୍ୟ ସାହୁ, ଧର୍ମେନ୍ଦ୍ର ବୋଇତାଇ, ମନୋଜ କୁମାର ମିଶ୍ର, ଅନ୍ନପୂର୍ଣ୍ଣା ପଣ୍ଡା, ନିଲୁ ନାୟକ।

# ଚୋରକୁ ଧରିବାକୁ ଯାଇ ଛାତରୁ ପଡ଼ି ଯୁବକ ମୃତ

**ଭୁବନେଶ୍ୱର,୩।୪ :ନ୍ୟୁଜ୍‌ବ୍ୟୁରୋ**

ଘରେ ପଶିଥିଲା ଚୋର। ପରିବାର ଲୋକ ଚିତ୍କାର କରିବା ପରେ ଦାଦା-ପୁତୁରା ଚୋରକୁ ଧରିବା ପାଇଁ ଆରମ୍ଭ କରିଥିଲେ ପ୍ରୟାସ। ହେଲେ ଚୋରକୁ ଧରିବା ଆଗରୁ ଛାତରୁ ପଡ଼ି ଚାଲିଗଲା ପୁତୁରାର ଜୀବନ। ରାଜଧାନୀ ଭୁବନେଶ୍ୱର ସହିଦନଗରରେ ଘଟିଛି ଏଭଳି ଅଭାବନୀୟ ଘଟଣା। ପରିବାରରେ ଖେଳିଯାଇଛି ଶୋକର ଛାୟା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଘରେ ପଶିଥିବା ଚୋରକୁ ଧରିବା ପାଇଁ ପରିବାର ଲୋକେ ପ୍ରୟାସ କରିଥିଲେ। ହେଲେ ଚୋର ମୋବାଇଲ ଧରି ଫେରାର ମାରୁଥିଲା। ଦାଦା ପୁତୁରା ଚୋରକୁ ଧରିବା ପାଇଁ ଛାତ ଉପରକୁ ଦୌଡ଼ିଥିଲେ। ଚୋର ମୋବାଇଲ ଧରି ସ୍କାଏଲାଇଟ ଭାଙ୍ଗି ପଳାଇଥିଲା। ମାତ୍ର ଛାତ ଉପରୁ ଖସିପଡ଼ି ପୁତୁରାର ଜୀବନ ଚାଲିଯାଇଛି। ଖବର ପାଇ ସହିଦନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାରରେ ଶୋକର ଛାୟା ଖେଳି ଯାଇଥିବାବେଳେ ଚୋରକୁ ଧରି କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ମୃତକଙ୍କ ପରିବାର।

# ମାଛ ଧରିବା ବେଳେ ପାଟିରେ ପଶିଗଲା ମାଛ : ଯୁବକ ମୃତ

**ବାରିପଦା,୩।୪ :ନ୍ୟୁଜ୍‌ବ୍ୟୁରୋ**

ବନ୍ଧରେ ମାଛ ଧରିବା ଖୁସି ଶେଷରେ ପାଲଟିଲା ମରଣଯନ୍ତା। ମାଛ ଧରିବା ସମୟରେ ଅସାବଧାନତା ଯୋଗୁଁ ପାଟିରେ ଜୀବନ୍ତ କଉ ମାଛ ପଶିଯିବାରୁ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ଅବିନାଶ ବିଜୁଳି। ଜୀବନ୍ତ କଉ ମାଛକୁ ଧରି ସେ ପାଟିରେ କାମୁଡ଼ି ମାରିବାକୁ ଚେଷ୍ଟା କରୁଥିବା ବେଳେ ଅଚାନକ ମାଛଟି ତାଙ୍କ ପାଟି ଭିତରକୁ ପଶି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତକଙ୍କ ବାପା ଶିବଚରଣ ବିଜୁଳି ଚିକିତ୍ସା ଅବହେଳା ପାଇଁ ଡାକ୍ତରଙ୍କ ବିରୋଧରେ ବାଙ୍ଗିରିପୋଷି ଥାନାରେ ଏତଲା ଦେବାରୁ ପୁଲିସ ଏକ ମାମଲା ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲ ପଠାଇ ଅଧିକ ତଦନ୍ତ କରୁଛି ପୁଲିସ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ସ୍ୱାସ୍ଥ୍ୟସେବାର ଉପଲବ୍ଧତା ସୁଦୃଢ଼ କରିବା ପାଇଁ**

# ଏମସିଏଲ ସିଏମ୍‌ଡିଙ୍କ ଦ୍ୱାରା ଅମ୍ରିତ୍ ଫାର୍ମାସି ଉଦ୍‌ଘାଟିତ

**ସମ୍ବଲପୁର,୩।୪**
**ନ୍ୟୁଜ୍‌ବ୍ୟୁରୋ**

ସ୍ୱାସ୍ଥ୍ୟସେବାର ଉପଲବ୍ଧତା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ବୁର୍ଲାର ଆନନ୍ଦ ବିହାର କଲୋନୀରେ ଅମ୍ରିତ୍ ଫାର୍ମାସି ଉଦ୍‌ଘାଟନ କରିଛି।

ଏମ୍.ସି.ଏଲର ସି.ଏମ୍.ଡି. ଉଦୟ ଅନନ୍ତ କାଓଲେ ଏହି ଅମ୍ରିତ୍ ଫାର୍ମାସୀକୁ ଉଦଘାଟନ କରିଥିଲେ। କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ଏ.କେ ବେହୁରା, ନିର୍ଦ୍ଦେଶକ (ଅର୍ଥ), ପି.କେ. ପଟେଲ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ), ସଞ୍ଜୟ କୁମାର ଝା, ନିର୍ଦ୍ଦେଶକ (ବୈଷୟିକ)ଙ୍କ





ସମେତ ବରିଷ୍ଠ ଅଧିକାରୀ ଏବଂ ଡାକ୍ତରୀ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ।

ଅମ୍ରିତ୍ ଫାର୍ମାସି ହେଉଛି ଭାରତ ସରକାରଙ୍କ ଏକ ଫ୍ଲାଗସିପ୍ ପଦକ୍ଷେପ, ଯାହା ୨୦୧୫ରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆରମ୍ଭ ହୋଇଥିଲା ଏବଂ ଏହା ଏଚ.ଏଲ.ଏଲ ଲାଇଫକେୟାର୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଅଟେ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧ, ପ୍ରତିରୋପଣ ଏବଂ ଅସ୍ତ୍ରୋପଚାରକୁ ଅତ୍ୟଧିକ ରିହାତି ଦରରେ (ପ୍ରାୟତଃ ବଜାର ମୂଲ୍ୟଠାରୁ ୫୦% ରୁ ୯୦% ପର୍ଯ୍ୟନ୍ତ ରିହାତି) ଉପଲବ୍ଧ କରାଇ ଚିକିତ୍ସା ଉପରେ ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ କରିବା।

ଏମ୍.ସି.ଏଲରେ ଅମ୍ରିତ୍ ଫାର୍ମାସି ପ୍ରତିଷ୍ଠା ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥାଏ। ଏହି ପଦକ୍ଷେପ କର୍ମଚାରୀ କଲ୍ୟାଣ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରତି ଏମ୍.ସି.ଏଲର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ ଏବଂ ସୁଲଭ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବାର ରାଷ୍ଟ୍ରୀୟ ଲକ୍ଷ୍ୟ ସହିତ ଅନୁରୂପ ଅଟେ।

# ୧୬ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ହେରୋଇନ୍ ଜବତ : ୩ ଗିରଫ

**କଟକ,୩।୪ :ନ୍ୟୁଜ୍‌ବ୍ୟୁରୋ**

କଟକ କେନ୍ଦ୍ରୀୟ ଅବକାରୀ ଅଧିକାରୀମାନେ ୧୬ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ହେରୋଇନ୍ ରଖିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଛନ୍ତି। ସୂଚନା ପାଇ ଅବକାରୀ ଅଧିକାରୀମାନେ ମର୍କତନଗର ଥାନା ସୀମା ଅନ୍ତର୍ଗତ ଜୁଡିସିଆଲ୍ ଏକାଡେମୀ ଛକରେ ଚଢ଼ଉ କରି ୧୬୪ ଗ୍ରାମ୍‌ର ହେରୋଇନ୍ ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରିଛନ୍ତି। ଅଧିକାରୀମାନେ ଅଭିଯୁକ୍ତମାନଙ୍କ ପାଖରୁ ଏକ ସ୍କୁଟି ଏବଂ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଛନ୍ତି, ସୂଚନା ଅନୁଯାୟୀ ଜବତ ହୋଇଥିବା ହେରୋଇନ୍‌ର ବଜାର ମୂଲ୍ୟ ୧୬ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଗିରଫ ବ୍ୟକ୍ତିମାନେ ହେଲେ ଲାଲବାଗ ଥାନା ସୀମା ଅନ୍ତର୍ଗତ ଆଲିଶା ବଜାର ଅଞ୍ଚଳର ସୋମ ନାୟକ, କାଳିଆ ନାୟକ ଏବଂ ରୋହିତ ଘଡ଼େଇ। ନିଶା ବ୍ୟବସାୟୀଙ୍କ ବିରୁଦ୍ଧରେ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବଷ୍ଟାନ୍ସ (ଏନଡିପିଏସ) ଆଇନ, ୧୯୮୫ ଅନୁଯାୟୀ ଏକ ମାମଲା ରୁଜୁ କରାଯିବା ସହ ଆଇନଗତ ପ୍ରକ୍ରିୟା ସମାପ୍ତ ହେବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ଜେଲ୍ ପାଲଟିବ ଅଭେଦ୍ୟ ଦୁର୍ଗ : ହାଇସେନ୍‌ସିଟିଭ୍ 'ଏଆଇ' କ୍ୟାମେରା ନଜରରେ ରହିବେ କଏଦୀ

**କଟକ,୩।୪ :ନ୍ୟୁଜ୍‌ବ୍ୟୁରୋ**

କୌଣସି କଏଦୀ ଜେଲ୍ ପାଚେରି ପାଖକୁ ଆସିବା ମାତ୍ରେ ତୁରନ୍ତ ବାଜିବ ସାଇରନ୍। ଯଦି ରାତି ସମୟରେ ଜେଲ୍‌ର ଅନ୍ତେବାସୀ ସେଲ୍ ବାହାରକୁ ଆସି କ୍ୟାମ୍ପସ୍‌ରେ ବୁଲୁଥାନ୍ତି ତେବେ ବର୍ଜର ବାଜି ସମସ୍ତଙ୍କୁ ସତର୍କ କରିଦେବ। ଏଭଳି କିଛି ନୂଆ ସୁରକ୍ଷା ବ୍ୟବସ୍ଥା ଏବେ ରାଜ୍ୟର ସମସ୍ତ ମଣ୍ଡଳ କାରଗାର ଓ ପ୍ରମୁଖ ଜେଲ୍‌ରେ ଲାଗୁ ହେବାକୁ ଯାଉଛି। ଏସବୁ ସମ୍ଭବ ହେବ ହାଇସେନ୍‌ସିଟିଭ୍ 'ଏଆଇ' କ୍ୟାମେରା ଯୋଗେ। ଖାଲି ସେତିକି ନୁହେଁ, ଜେଲ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ଲାଗୁ କରିବା ପାଇଁ ଢାଞ୍ଚାଗତ ପରିବର୍ତ୍ତନ ସହିତ ମାନବସମ୍ବଳ ବଢ଼ାଇବା ଦିଗରେ ମଧ୍ୟ ଜେଲ୍ ବିଭାଗ ଖୁବ୍ ଶୀଘ୍ର ବଡ଼ ଧରଣର ପଦକ୍ଷେପ ନେବାକୁ ଯାଉଛି।

ଚୌଦ୍ୱାର ସର୍କଲ୍ ଜେଲ୍‌ରୁ ଦୁଇ ବିଚାରାଧୀନ ବନ୍ଦୀ ଫେରାର୍ ହେବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ସେଲ୍ କାଟି ଦୁଇ କଏଦୀ ବାହାରକୁ ଆସିବା ଓ ଦୁଇଟି ବଡ଼ ପାଚେରି ଡେଇଁ ଚମ୍ପଟ ମାରିବା ଘଟଣା



ଜେଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲା। ଏହି ଘଟଣା ପରେ ଜେଲ୍ ବିଭାଗ ପକ୍ଷରୁ ଏକାଧିକ କମିଟି ଗଠନ କରାଯାଇ ସୁରକ୍ଷା ଦିଗରେ କ'ଣ ସବୁ ପଦକ୍ଷେପ ନେଇହେବ ସେନେଇ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏବେ ରାଜ୍ୟରେ ମୋଟ୍ ୮୭ଟି ଜେଲ୍ ରହିଛି। ତନ୍ମଧ୍ୟରୁ ୭ଟି ସର୍କଲ୍ ଜେଲ୍ ବା ମଣ୍ଡଳ କାରାଗାର, ୧୭ଟି ଜିଲ୍ଲା ଜେଲ୍, ୬ଟି ସ୍ପେଶାଲ୍ ଜେଲ୍, ୨ଟି ସ୍ୱତନ୍ତ୍ର ସବ୍‌ଜେଲ୍ ବା ଉପକାରାଗାର, ୫୩ଟି ସବ୍‌ଜେଲ୍, ଗୋଟିଏ ସ୍ୱତନ୍ତ୍ର ମହିଳା ଓ ଗୋଟିଏ ଓପନ୍ ଜେଲ୍ ବା ମୁକ୍ତ କାରାଗାର ରହିଛି। ତେବେ ଏହା ମଧ୍ୟରୁ ସର୍କଲ୍ ଜେଲ୍ ଓ ଜିଲ୍ଲା କାରାଗାରରେ ସବୁବେଳେ ବିଚାରାଧୀନ ବନ୍ଦୀ ଓ କଏଦୀଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଅଧିକ ରହୁଛି। ତେଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା ବଡ଼ ଚିନ୍ତା। ଏଥିସହିତ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଆବଶ୍ୟକତା ଦୃଷ୍ଟିରୁ ଏଠାରେ ରଖାଯାଉଛି। ହେଲେ ଏସବୁ ଜେଲ୍‌ରେ ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ହେଉନି। ତେଣୁ ଜେଲ୍‌ରୁ ଅପରାଧୀ ଖସିଯିବା, ଜେଲ୍ ଭିତରେ ଗୋଷ୍ଠୀ ସଂଘର୍ଷ ହେବା, ନିଶା କାରବାର, ଆତ୍ମହତ୍ୟା ଭଳି ଘଟଣା ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଜେଲ୍‌ର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବାକୁ ଜେଲ୍ ବିଭାଗ ରାଜ୍ୟ ସରକାରଙ୍କ ଆଗରେ କିଛି ପ୍ରସ୍ତାବ ରଖିଥିଲା। ଏହି ପ୍ରସ୍ତାବକୁ ରାଜ୍ୟ ସରକାର ମଧ୍ୟ କେତେକାଂଶରେ ଗ୍ରହଣ କରିଛନ୍ତି।

ଯୋଜନା ଅନୁସାରେ, ରାଜ୍ୟର ସବୁ ସର୍କଲ୍ ଜେଲ୍, ଜିଲ୍ଲା ଜେଲ୍ ଓ ସ୍ୱତନ୍ତ୍ର ଜେଲ୍ ସହିତ କିଛି ଉପକାରାଗାରରେ ପ୍ରଥମ ପର୍ଯ୍ୟାୟରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୃଢ଼ କରାଯିବ। ସେଥିପାଇଁ ଏସବୁ ଜେଲ୍‌ରେ 'ଏଆଇ' କ୍ୟାମେରା ଲାଗିବ। ଜେଲ୍‌ର ପୁରୁଣା କ୍ୟାମେରାଗୁଡ଼ିକୁ ଧୀରେଧୀରେ ବଦଳାଯିବ। ନୂଆ ଅତ୍ୟାଧୁନିକ ଏଆଇ କ୍ୟାମେରା ଡାଟା ବେସ୍‌ରେ ବିଚାରାଧୀନ ବନ୍ଦୀ ଓ କଏଦୀଙ୍କର ଫଟୋ ଓ ଭିଡିଓ ରହିବ। ସେହିପରି ପ୍ରାୟ ସବୁ ମଣ୍ଡଳ କାରଗାରରେ ୱାଚ୍ ଟାୱାର ବୃଦ୍ଧି କରାଯିବ। ଚୌଦ୍ୱାର ସର୍କଲ୍ ଜେଲ୍‌ରେ ପୂର୍ବରୁ ୪ଟି ୱାଚ୍ ଟାୱାର ଥିବା ବେଳେ ଏହା ୬ଟି ହେବ। ସେହିପରି ପ୍ରତି ସର୍କଲ୍ ଜେଲ୍‌ରେ ଗୋଟିଏ ପ୍ଲାଟୁନ୍ ବନ୍ଧୁକଧାରୀ ଗାର୍ଡଙ୍କୁ ମଧ୍ୟ ନିୟୋଜିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଅର୍ଥାତ୍ ପ୍ରତି ୮ ଘଣ୍ଟା ସିଫ୍ଟରେ ଅନ୍ୟୁନ ୧୦ରୁ ୧୨ ଜଣ ଅଧିକ ଗାର୍ଡ ଜେଲ୍‌ରେ ରହିବେ।

ଏହା ବ୍ୟତୀତ ଜେଲ୍ ଅନ୍ତେବାସୀ ସଂଖ୍ୟା ଅନୁପାତରେ ଜିଲ୍ଲା ଜେଲ୍ ଓ ଉପକାରାଗାରରେ ଗନ୍‌ମ୍ୟାନ୍ ବୃଦ୍ଧି କରାଯିବ। ବହୁ ଜେଲ୍‌ର ପାଚେରି ଉଚ୍ଚତା କମ୍ ରହିଛି ଓ ସେଠାରେ ଥିବା ଲୁହା ତାରବାଡ଼ ପୁରୁଣା ହେଲାଣି। ତେଣୁ ପାଚେରି ଉଚ୍ଚତା ଅନ୍ୟୁନ ୫୦ ପ୍ରତିଶତ ଅଧିକ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ପାଚେରି ଉପର ତାରବାଡ଼ରେ ବିଦ୍ୟୁତ୍ ଝଟ୍‌କା ଦେବାର ବ୍ୟବସ୍ଥା ମଧ୍ୟ କରାଯିବ। ଅନ୍ୟପକ୍ଷରେ ପ୍ରଥମେ କିଛି ସର୍କଲ୍ ଜେଲ୍‌ରେ ବ୍ୟାଗେଜ୍ ସ୍କାନର ଲାଗିବ ବୋଲି ନିଷ୍ପତ୍ତି ନିଆଯାଇଛି। ରେଳ ଷ୍ଟେସନ୍ ଓ ବସ୍ ଟର୍ମିନାଲ୍‌ରେ ଲାଗୁଥିବା ବ୍ୟାଗଜ୍ ସ୍କାନର ଏଠାରେ ଲାଗିବ। ପର୍ଯ୍ୟାପ୍ତ ସଂଖ୍ୟାରେ ୱାର୍ଡର୍ ନରହିବା ଜେଲରେ ସବୁଠୁ ବଡ଼ ସମସ୍ୟା ଥିବାରୁ ଏହାକୁ ସମାଧାନ ପାଇଁ ଉଦ୍ୟମ ହେଉଥିବା ସୂଚନା ମିଳିଛି। ଅଧିକ ଜେଲ୍ ୱାର୍ଡର ନିଯୁକ୍ତି ପାଇଁ ପଦ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ଉପରେ ଆଲୋଚନା ହେଉଛି। ଏହାକୁ ସରକାର ବିଚାର କରୁଛନ୍ତି। ନୂତନ ନିଯୁକ୍ତି ଦ୍ୱାରା ବିଭିନ୍ନ ଉପକାରାଗାରରେ ଲାଗିରହିଥିବା ୱାର୍ଡର୍ ସମସ୍ୟା ଦୂର କରିବା ପାଇଁ ଯୋଜନା କରାଯାଇଛି।